# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 1 APRIL 2026
ବୁଧବାର ୧ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 313 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୧୩ | ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ଭିଜିଲାନ୍ସ ହାତରେ ଲାଞ୍ଚୁଆ ଅଧିକାରୀ

**ଭୁବନେଶ୍ୱର, ୩୧।୩/ଏନ୍ଏନ୍ଏସ୍:**

ଭିଜିଲାନ୍ସ ଜାଲରେ ଓଡ଼ିଶା ପୁଲିସ ବିଭାଗର ଆଉ ଜଣେ ବଡ଼ ଅଧିକାରୀ ଧରାପଡ଼ିଛନ୍ତି । ମଙ୍ଗଳବାର ଓଡ଼ିଶା ପୁଲିସ୍ ହାଉସିଂ ଆଣ୍ଡ୍ ୱେଲଫେୟାର କର୍ପୋରେସନ୍ (ଓପିଏଚ୍ଡବ୍ଲୁସି)ର ସମ୍ବଲପୁର ଡିଭିଜନ୍‌ର ଡେପୁଟି



ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ୫ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରା ପଡ଼ିଛନ୍ତି । ବିଦ୍ୟୁତ୍ ରଞ୍ଜନ୍ ଲାଞ୍ଚ ନେଉଥିବା ବିଶେଷ ସୂତ୍ରରୁ ସୂଚନା ପାଇ ଭିଜିଲାନ୍ସ ତା’ଙ୍କୁ ସମ୍ବଲପୁର ରେଳ ଷ୍ଟେସନ ନିକଟରୁ ଧରିଥିଲା । ତାଙ୍କ ନିକଟରୁ ୫ଲକ୍ଷ ନଗଦ ଟଙ୍କା ଜବତ କରାଯାଇଥିବା ବେଳେ ତଦନ୍ତ ସମୟରେ ତାଙ୍କର ସମ୍ବଲପୁର,

▶▶ ୬

## ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୩୧।୩/ଏନ୍ଏନ୍ଏସ୍:**

ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳ ବଦଳ ହୋଇଛି । ରାଜ୍ୟ ଅବକାରୀ ବିଭାଗ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଥିବା ଭାସ୍କର ଜ୍ୟୋତି ଶର୍ମାଙ୍କ ଠାରୁ ଅବକାରୀ ବିଭାଗ କାଢ଼ି ନିଆଯାଇଛି । ସେ ଏବେ କେବଳ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଭାବେ ପ୍ରମୁଖ ସଚିବ ଭାବେ ଅବସ୍ଥାପିତ ହୋଇଛନ୍ତି । ଶ୍ରୀ ଶର୍ମା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ସିଏମ୍‌ଡି ଏବଂ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍‌ର ଅଧ୍ୟକ୍ଷ (ଅତିରିକ୍ତ) ଦାୟିତ୍ୱ ସହିତ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର

▶▶ ୬

### ୨୦୨୬-୨୭ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ

# ୩.୧୦ ଲକ୍ଷ କୋଟି ଟଙ୍କାର ବଜେଟ୍‌କୁ ମୋହର



- ପୂର୍ବ ବଜେଟ୍ ଅଟକଳ ଠାରୁ ପ୍ରାୟ ୭% ଅଧିକ
- ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ ୧୧.୦୭ ଲକ୍ଷ କୋଟି ହେବ
- ପୂରଣ ହେବ ଗରିବ, ଯୁବଶକ୍ତି, ଅନ୍ନଦାତା, ନାରୀଶକ୍ତିଙ୍କ ଆଶା ଆକାଂକ୍ଷା
- ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଲକ୍ଷ୍ୟ

**ଭୁବନେଶ୍ୱର,୩୧।୩/ଏନ୍ଏନ୍ଏସ୍:**

ଶାସନ-ପ୍ରଶାସନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଧେୟକ ହେଉଛି ବ୍ୟୟ ମଞ୍ଜୁରୀ ବିଲ୍ । ଏହି ବିଲ୍ କେବଳ ଆଗାମୀ ଗୋଟିଏ ବର୍ଷ ପାଇଁ ନୁହେଁ, ଆଗାମୀ ଭବିଷ୍ୟତ ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରଦାନ କରିଥାଏ । ଏହି ବ୍ୟୟ ମଞ୍ଜୁରୀ ବିଲ୍‌ରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଭବିଷ୍ୟତ ଯୋଡ଼ିହୋଇ ରହିଛି । ତେଣୁ, ରାଜ୍ୟବାସୀ ଆଶା କରନ୍ତି, ପ୍ରସ୍ତାବିତ ବଜେଟ୍‌ର ବିଭିନ୍ନ ଦିଗକୁ ଏହି ପବିତ୍ର ଗୃହରେ ତନ୍ନ ତନ୍ନ କରି ପରୀକ୍ଷା କରାଯାଉ । କିନ୍ତୁ, କ୍ଷୋଭର ବିଷୟ, ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଯେପରି ଗଭୀର ଭାବେ ଆଲୋଚନା

▶▶ ୬

### ● ରାଜ୍ୟର ସମୁଦାୟ ଋଣ ୧ ଲକ୍ଷ ୨୫ ହଜାର ୯୫୧ କୋଟି

## ଗ୍ରହଣୀୟ ସ୍ଥିତିରେ ଋଣ ଭାର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧/୩,ଏନ୍ଏନ୍ଏସ୍:**

ରାଜ୍ୟର ଋଣ ଭାର ତଥା ବର୍ଷ ୨୦୨୬-୨୭ପାଇଁ କରାଯାଉଥିବା ଚିନ୍ତାକୁ ନେଇ ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିବୃତ୍ତି ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବଜେଟ୍ ଏକ ଜନକୈନ୍ଦ୍ରିକ ଓ ବିକାଶମୁଖୀ ବଜେଟ୍ । ରାଜ୍ୟର ଋଣ ଭାର ମଧ୍ୟ ଗ୍ରହଣୀୟ ସ୍ଥିତିରେ ରହିଛି । ଫେବୃଆରୀ ୨୦୨୬ ଶେଷ ସୁଦ୍ଧା ରାଜ୍ୟର ସମୁଦାୟ ଋଣ ୧ ଲକ୍ଷ ୨୫ ହଜାର ୯୫୧କୋଟି ଟଙ୍କା ରହିଛି । ୨୦୨୬-୨୭ଆର୍ଥିକ ବର୍ଷର ବଜେଟ୍‌ରେ ଆମେ ୪୬ ହଜାର ୪୦୦ କୋଟି ଟଙ୍କା ଋଣ କରିବାର ପ୍ରାବଧାନ କରିଥିଲୁ, ମାତ୍ର ଅର୍ଥର ସୁବିନିଯୋଗ ଦ୍ୱାରା ଆମେ ଏହି ଅବଧି ମଧ୍ୟରେ ଫେବୃଆରୀ ମାସ ଶେଷ ସୁଦ୍ଧା ମାତ୍ର ୨୩ ହଜାର ୫କୋଟି ଟଙ୍କା ଋଣ ଆହରଣ କରିଛୁ ଏବଂ ୧୭ ହଜାର ୭୬୪ କୋଟି ଟଙ୍କାର ଋଣ ପରିଶୋଧ ମଧ୍ୟ କରିଛୁ ।

### ଶୀତଳା ମାତା ମନ୍ଦିରରେ ଦଳାଚକଟା

## ୯ ମୃତ, ଅନେକ ଆହତ

**ପାଟନା, ୩୧।୩/ଏଜେନ୍ସି:**

ବିହାରର ନାଳନ୍ଦା ଜିଲ୍ଲା ବିହାର ସରିଫ୍ ଅନ୍ତର୍ଗତ ମଘରା ଗ୍ରାମ ସ୍ଥିତ ଶୀତଳା ମାତା ମନ୍ଦିରରେ ମଙ୍ଗଳବାର ଦଳାଚକଟା ଭଳି ଅତ୍ୟନ୍ତ ଅଭାବନୀୟ ଘଟଣା ଘଟିଛି । ଏହି ଅଘଟଣରେ ଏଯାଏଁ ପ୍ରାୟ ୯ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିବା ନେଇ ଜଣାପଡିଛି । ମୃତାହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଶ୍ରଦ୍ଧାଳୁ ସାମିଲ ଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ପୁଲିସ ଏବଂ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ମନ୍ଦିର ପରିସରକୁ ଖାଲି କରାଯାଇଛି ୱ୍ରକ୍ତସ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ଏବଂ ସେଠାରେ ଚାଲିଥିବା ମେଳାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଶୀତଳା ମାତା ମନ୍ଦିରରେ ଏକ ମେଳା ଏବଂ ପୂଜା-ଦର୍ଶନ ସମୟରେ ଏହି ଅଘଟଣ ଘଟିଛି । ଆଜି ଚୈତ୍ର ମାସର ଶେଷ

▶▶ ୬



**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକବ୍ୟକ୍ତ**

## ଦୁଇ ବର୍ଷରେ ବଢ଼ିବ ୫୦୦ ମେଡ଼ିକାଲ୍ ପିଜି ସିଟ୍

**ଭୁବନେଶ୍ୱର, ୩୧।୩/ଏଜେନ୍ସି:**

ରାଜ୍ୟର ସମସ୍ତ ଜିଲ୍ଲା ଓ ମେଡିକାଲ୍ କଲେଜରେ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା ସେବା ଉପଲବ୍ଧ କରାଇବା ପାଇଁ ପିଜି ପାଠ୍ୟକ୍ରମକୁ ସୁଦୃଢ଼ କରାଯିବ । ଆସନ୍ତା ୨ବର୍ଷ ମଧ୍ୟରେ ୫୦୦ଟି ପିଜି ଆସନ ବୃଦ୍ଧି କରାଯିବ । ଆସନ୍ତା ବର୍ଷ ୧୫୦ଟି ଏମ୍‌ବିବିଏସ୍ ସିଟ୍ ବୃଦ୍ଧି ପାଇଁ ବି ପ୍ରସ୍ତାବ ଦିଆଯିବ । ଏହାସହ ଅଧିକରୁ ଅଧିକ ମେଡିକାଲ କଲେଜରେ ସୁପର ସ୍ପେସିଆଲିଷ୍ଟ ସର୍ଭିସ୍ ଉପଲବ୍ଧ କରାଇବା ପାଇଁ ନ୍ୟୁରୋଲୋଜି, ନ୍ୟୁରୋସର୍ଜରି, ନେଫ୍ରୋଲୋଜି, କାର୍ଡିଓଲୋଜି ଓ ପ୍ଲାଷ୍ଟିକ ସର୍ଜରି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକର

▶▶ ୬

**ପ୍ରତି ଜିଲ୍ଲାରେ ପ୍ରତିଷ୍ଠା ହେବ ନର୍ସିଂ କଲେଜ୍**










## ନାବାଳିକା ଅପହରଣ ଅଭିଯୋଗ

**ବଲଙ୍ଗା,୩୧।୩/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ମାଉସୀ ଘରେ ରହୁଥିବା ଜନୈକା ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୁଲିସ ଏକ ଅପହରଣ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ ନାବାଳିକା ଗତ ୨୩ ତାରିଖ ଦିନ ମଧ୍ୟାହ୍ନରେ ଭାଇଙ୍କ ସହିତ ହରିପୁର ବଜାରକୁ ଯାଇଥିଲା। ଭାଇକୁ ରାସ୍ତା ଉପରେ ଠିଆକରି କିଛି ଜିନିଷ କିଣିବା ପାଇଁ ବଜାର ଭିତରକୁ ଚାଲିଯାଇଥିଲା। ୧ଘଣ୍ଟା ଯାଏ ଭଉଣୀ ନ ଆସିବାରୁ ଭାଇ ବଜାର ଭିତରକୁ ଯାଇ ଖୋଜାଖୋଜି କରି ଭଉଣୀକୁ ନ ପାଇ କାଳେ ଘରକୁ ଯାଇଥିବ ଭାବି ଫେରି ଆସି ଖୋଜାଖୋଜି କରିଥିଲା। ଘରେ ନ ପାଇବାରୁ ବନ୍ଧୁବାନ୍ଧବ ଓ ସାଙ୍ଗ ସାଥୀମାନଙ୍କୁ ପଚାରି ବୁଝିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ ବୋଲି ନାବାଳିକାର ମାଉସୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ମହିଳାଙ୍କୁ ଟଣାଓଟରା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଜୋରିମାନା ଆଦେଶ

**ନୟାଗଡ଼,୩୧।୩/ଏନ୍ଏନ୍ଏସ୍:** ଜଣେ ମହିଳାଙ୍କୁ ଟଣାଓଟରା ଘଟଣାରେ ନୟାଗଡ଼ ଜିଲ୍ଲା ଜେଏମ୍ଏଫ୍ସି କୋର୍ଟ ସୋମବାର ଦୁଇ ଅଭିଯୁକ୍ତଙ୍କୁ ଜରିମାନା ଆଦେଶ ଦେଇଛନ୍ତି। ୨୦୨୦ ମେ ୧୦ରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତ ଇଟାମାଟି ଥାନା ହରେକୃଷ୍ଣପୁର ଗ୍ରାମର ନାରାୟଣ ମଲ୍ଲ ଏବଂ କୃଷ୍ଣଚନ୍ଦ୍ର ମଲ୍ଲଙ୍କୁ ଜରିମାନା ଆଦେଶ ହୋଇଛି ଓ ଜଣେ ମହିଳାଙ୍କ ପୁଅ ଚିଟଫଣ୍ଡ ନେଇ ଯାଇଥିବାରୁ ଟଙ୍କା ଆଦାୟ ପାଇଁ ଗାଁ କୋଠଘରେ ବୈଠକ ହେଉଥିଲା। ବୈଠକରେ ଗାଁର ଉକ୍ତ ମହିଳାଙ୍କୁ ଟଣାଓଟରା କରିବା ସହ ଆକ୍ରମଣ କରାଯାଇଥିଲା ଓ ମହିଳା ଜଣଙ୍କ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ ଓ ଏନେଇ ଇଟାମାଟି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ଚାର୍ଜସିଟ୍ ଦାଖଲ କରିଥିଲା। ଏହି ଘଟଣାର ବିଚାର କରି କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୁଇଟି ଦଫାରେ ୮ଶହ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଜେଲ ଦଣ୍ଡାଦେଶ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଏହି ମାମଲାକୁ ପ୍ରାଚୀପ୍ରଭା ନନ୍ଦ ସୁପରଭିଜନ କରୁଥିବା ବେଳେ ଆଇନଜୀବୀ ଆକାଶ ଦାସ ଏବଂ ନୃସିଂହ ପଟ୍ଟନାୟକ ପରିଚାଳନା କରୁଥିଲେ।

# ଛଇତନା ମେଳଣ ଶାନ୍ତିଶୃଙ୍ଖଳାରେ ଶେଷ




**ପୁରୀ,୩୧।୩/ଏନ୍ଏନ୍ଏସ୍:** ଗତ ଶନିବାର ଠାରୁ ବହୁ ଆଡ଼ମ୍ବରରେ ଛଇତନା ମେଳଣ ଆରମ୍ଭ ହୋଇଥିଲା। ପୁରୀ ଜିଲ୍ଲାର ଏହି ପ୍ରସିଦ୍ଧ ମେଳଣ ଅବସରରେ ଶନିବାର ରାତିରେ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଗା, ମେଢ଼ ରୋଷଣୀରେ ଗ୍ରାମ ଦେବତା ତଥା ଥାନପତି ବାବା ଗ୍ରାମେଶ୍ୱର, ଦଧିବାମନ ଦେବ, ଗୋପିନାଥ ଦେବ ଓ ଭଗବତ ବାସୁଦେବଙ୍କୁ ଜମାଣ ଉତ୍ସବରେ ନିଆଯାଇ ପଡ଼ିଆ ବିଜେ କରାଯାଇଥିଲା। ପ୍ରଭୁଙ୍କୁ ଖୁଣ୍ଟ ଲାଗି କରାଯିବା ପରେ ପଡ଼ୋଶୀ ଗ୍ରାମର ଠାକୁର ମାନେ ପଡ଼ିଆ ବିଜେ କରିଥିଲେ। ତେବେ ଜମାଣ ପାଇଁ ଛଇତନା ଗାଁ ଦାଣ୍ଡ ସହ ମେଳଣ ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ମଧ୍ୟ ରାତିରେ ପ୍ରଥମେ ଗାଁର ୪ ସାହିରେ କାଳୀ ପୂଜା ନୀତି ସମ୍ପର୍ଣ୍ଣ ହୋଇଥିଲା। ପରେ ନାଗା ଓ ମେଢ଼ ସହ ବିଭିନ୍ନ ସାଜସଜ୍ଜା ପ୍ରସ୍ତୁତ ହୋଇଥିଲା। ମଧ୍ୟ ରାତିରେ ୪ ସାହି ରୋଷଣୀ ବାହାରି ଥିଲା। ସମସ୍ତ ସାହିର ରୋଷଣୀରେ ନାଗା ଓ ମେଢ଼ ସହ ଅନ୍ୟାନ୍ୟ ସାଜସଜ୍ଜା ଆସି ଗ୍ରାମେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ଏକତ୍ର ହୋଇଥିଲେ। ଏହାପରେ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ଠାକୁର ବାହାରିଥିଲେ। ପାଲିଙ୍କି ଓ ଦୋଳରେ ବିଜେ ହେବା ପରେ ନାଗା, ମେଢ଼ମାନେ ପ୍ରଭୁଙ୍କୁ ପରମ୍ପରା ଅନୁଯାଇ ସଲାମ୍ ଦେଇଥିଲେ। ପରେ ମହାବୀର ମନ୍ଦିର ଯାଇ ବୀର ହନୁମାନଙ୍କ ଆଶିଷ ନେବା ପରେ ସମସ୍ତ ରୋଷଣୀ ମେଳଣ ପଡ଼ିଆ ଅଭିମୁଖେ ବାହାରିଥିଲା। ଗାଁ ଦାଣ୍ଡରେ ଡ୍ରାଗନ୍ ଓ ପକ୍ଷୀ ନାଗା ଦେଖାଇଥିଲା ମୁରାଟ। ବାଜାର ତାଳେ ତାଳେ ବୀରତ୍ୱ ଦେଖାଇଥିଲା ନାଗା। ଦୁର୍ଗା, କାଳୀ, ଗଣେଶ, ନୃସିଂହ ଓ ପର୍ଶୁରାମ ମେଢ଼ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। କଳ ଘୋଡ଼ା, ଚଇତି ଘୋଡ଼ା, ବୁଢ଼ାବୁଢ଼ୀ ନୃତ୍ୟ ସହ ବୀର ବାଦ୍ୟର ତାଳେ ତାଳେ ପାଇକ ଖେଳ, ନିଆଁ ଓ ବାଡ଼ି ବନାଟି ବୁଲାଇ ଗ୍ରାମବାସୀମାନେ ଜମାଣକୁ ଭରପୁର୍ ଉପଭୋଗ କରିଥିଲେ। ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ଜମାଣ ରବିବାର ସକାଳ ୬ଟାରେ ଶେଷ ହୋଇଥିଲା। ଗ୍ରାମ ମୁରବୀ ଓ ଅତିଥିଙ୍କ ସମ୍ମୁଖରେ ନାଗା ଏବଂ ମେଢ଼ ସେମାନଙ୍କ ନୃତ୍ୟ କୌଶଳ ପ୍ରଦର୍ଶନ କରିବା ପରେ ଜମାଣ ଉଦ୍ଯାପିତ ହୋଇଥିଲା। ମେଳଣ ପରିଚାଳନା କମିଟି ପକ୍ଷରୁ ପଡ଼ୋଶୀ ଠାକୁରଙ୍କୁ ସ୍ୱାଗତ କରାଯିବା ସହ ଖୁଣ୍ଟ ଲାଗି କରାଯାଇଛି। ପଡ଼ୋଶୀ ଗ୍ରାମମାନଙ୍କରୁ ଅନେକ ଶ୍ରଦ୍ଧାଳୁ ଜମାଣ ଦେଖିବା ପାଇଁ ଗାଁ ଦାଣ୍ଡରେ ଭିଡ଼ ଲଗାଇଥିଲେ। ଏପରିକି ଛାତ ଉପରେ ମଧ୍ୟ ଲୋକଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସଦର ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ, ବାଲିଘାଇ ବିଟ୍ ହାଉସ୍ ଅଧିକାରୀ ଶିଶିର ମହାନ୍ତି ଓ ତାଙ୍କ ଟିମ୍ ରାତି ତମାମ ନାକେଦମ୍ ହୋଇଥିଲେ। ଜମାଣ ଉତ୍ସବ ପରେ ମେଳଣ ଓ ସୋମବାର ଅନେକ ପ୍ରତିଯୋଗିତା ଓ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଯୁବ ବିକାଶ ସଂଗଠନ ପକ୍ଷରୁ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା। ସଭାପତି ନକୁଳ ପ୍ରଧାନ ଓ ସମ୍ପାଦକ ରମାକାନ୍ତ ପାଣି, ଉପସଭାପତିଙ୍କ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ସୋମବାର ଛଇତନା ମେଳଣରେ ମନୋରଞ୍ଜନ କାର୍ଯ୍ୟକ୍ରମ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ୧୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ପୁଷ୍ପା ରାଣୀ ସ୍ୱାଇଁ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଛଇତନା ମେଳଣ କମିଟି ସଭାପତି ରାମ ଚନ୍ଦ୍ର ରାଉତ, ଛଇତନା ଗ୍ରାମ ପଞ୍ଚାୟତର ସରପଞ୍ଚ ରୀନା ପ୍ରଧାନ, ଯୁବ ନେତା ବାଲୁକେଶ୍ୱର ସାହୁ ସଭା ପରିଚାଳନା କରିବା ସହ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେଲେ। ସେହିପରି ଯୁବ ସାମ୍ବାଦିକ ବିଶାଳ ମହାନ୍ତି ଓ ନୂତନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୫ ଦିନ ହେଲା ଅନ୍ଧାରରେ ଭାଲିଆଡ଼ିହି ଗାଁ



### ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ଓଡ଼ଗାଁ,୩୦।୩/ଏନ୍ଏନ୍ଏସ୍:** ଆଜକୁ ୧୫ଦିନ ହଲା ଅନ୍ଧାରରେ ଦିନ କାଟୁଛନ୍ତି ଭାଲିଆଡ଼ିହି ଗ୍ରାମବାସୀ।ପିଲାଙ୍କ ପାଠପଢ଼ା ହେଉ କି ମୋବାଇଲ ସେବା କିମ୍ବା ପାନୀୟ ଜଳଯୋଗାଣ ସବୁକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପାଣ୍ଡେରିପଡ଼ା ପଞ୍ଚାୟତ ଅଧିନ ଭାଲିଆଡିହି ଗ୍ରାମରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଗାଁରେ ଥିବା ବିଦ୍ୟୁତ୍ ଟ୍ରାନସଫର୍ମରଟି ପୋଡ଼ିଯିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖରାଦିନ ହୋଇଥିବାରୁ ସବୁଆଡେ ନିଆଁବର୍ଷା ହେଉଛି। ଏଥିରୁ ନିସ୍ତାର ପାଇବା ପାଇଁ ଫ୍ୟାନ୍,ଏସି ଚାଲୁନଥିବା ବେଳେ ସନ୍ଧ୍ୟାହେଲେ ଗାଁ ଅନ୍ଧକାରମୟ ହୋଇପଡୁଛି। ବଡ଼କଥା ହେଉଛି ଅନ୍ଧାରର ସୁଯୋଗନେଇ ଗାଁରେ ଚୋରମାନେ ମାତିଛନ୍ତି। ପିଲାଙ୍କ ପାଠପଢ଼ା ଠାରୁ ଆରମ୍ଭକରି ପାନୀୟଜଳ ପର୍ଯ୍ୟନ୍ତ ସବୁଥିରେ ବିଦ୍ୟୁତ୍‌ର ଆବଶ୍ୟକତା ରହିଥିବାବେଳେ ବିଭାଗ ସବୁଜାଣି ଚୁପ୍ ରହିଛି। ବାରମ୍ବାର ଅଭିଯୋଗ କରିବାପରେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ଆଜି ଭାଲିଆଡ଼ିହି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓଡ଼ଗାଁ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ଦେବା ସହିତ ତୁରନ୍ତ ନୂତନ ଟ୍ରାନସଫର୍ମ ବସାଇବାକୁ ଦାବିକରିଛନ୍ତି। ଦୁଇଦିନ ମଧ୍ୟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନବସିଲେ ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟିନେଲେ ଦୁଇ ଦୁର୍ବୃତ୍ତ

**ଗୋପ,୩୧।୩/ଏନ୍ଏନ୍ଏସ୍:** ମଙ୍ଗଳବାର ସକାଳ ୮ଟା ସମୟରେ ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତ ସ୍ଥିତ ଭଇରିପୁର ଗ୍ରାମରେ ଜୈନିକ ବୃଦ୍ଧା ମହିଳାଙ୍କ ଠାରୁ ଦୁଇ ଜଣ ଯୁବକ ନାଲି ପଲ୍ସର ବାଇକ୍‌ରେ ଆସି ସୁନା ଚେନ୍ ଛିଣ୍ଡାଇ ନେଇଥିବା ଗୋପ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତିକରି ପୋଲିସ୍ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗୋପ ଥାନା ଅଧୁନ ବେଦପୁର ପଂଚାୟତ ସ୍ଥିତ ଭଇରିପୁର ଗ୍ରାମର ଶୈଳବାଳା ମିଶ୍ର(୭୨) ସବୁଦିନ ଭଳି ମଙ୍ଗଳବାର ସକାଳେ ନିଜ ଘର ସମ୍ମୁଖ ଝାଡୁ କରୁଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ନାଲି ରଙ୍ଗର ପଲ୍ସର ବାଇକ୍‌ରେ ଆସି ତାଙ୍କ ବେକରେ ପିନ୍ଧିଥିବା ସୁନା ଚେନ୍‌ଟିକୁ ଛିଣ୍ଡାଇ ପାଟେଲିଆ ଦେଇ କୋଣାର୍କ ଅଭିମୁଖେ ଦ୍ରୁତଗତିରେ ପଳାଇଯାଇଥିଲେ। କିଛି ଯୁବକ ଅଭିଯୁକ୍ତମାନଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କ କୌଣସି ସନ୍ଧାନ ପାଇପାରି ନଥିଲେ। ଏ ନେଇ ଶୈଳବାଳାଙ୍କ ସାନପୁଅ ବିଶ୍ୱଜିତ୍ ମିଶ୍ର ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ୍ ବିଭିନ୍ନ ତଥ୍ୟ ପ୍ରମାଣ ଆଧାର କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ଅଭିଯୁକ୍ତମାନେ ଯାଉଥିବା ସମୟର ସିସିଟିଭି ଫୁଟେଜ୍ ମିଳିଥିଲେ ମଧ୍ୟ ଗାଡ଼ି ନମ୍ବର ସଠିକ୍ ଭାବେ ଦେଖାଯାଉନାହିଁ। ବନାଖଣ୍ଡୀଠାରେ ଲାଗିଥିବା ସିସି କ୍ୟାମେରାକୁ ସଠିକ୍ ଭାବେ ଯାଞ୍ଚକଲେ ଅଭିଯୁକ୍ତ ମାନଙ୍କ ସନ୍ଧାନ ମିଳିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ମଧୁବାବୁଙ୍କୁ ଭାରତରତ୍ନ ନିମନ୍ତେ ଦାବିକଲେ ଶିକ୍ଷାବିତ୍

**ଟାଙ୍ଗୀ,୩୧।୩/ଏନ୍ଏନ୍ଏସ୍:** ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଶିକ୍ଷାବିତ ତ୍ରିଦେବ ବେହେରା ସାମ୍ବାଦିକ ସମ୍ମିଳନୀ କରି ଏହି ଦାବି ଉଠାଇଛନ୍ତି। ଉତ୍କଳ ମାଟିର ଗର୍ବ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ଦାବିକରି ଟେଟ୍ରାହେଡନ୍ କଲେଜର ଅଧ୍ୟକ୍ଷ ତ୍ରିଦେବ ବେହେରା ଟେଟ୍ରା ହେଡ୍ରନ କ୍ୟାମ୍ପସ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ମଧୁବାବୁ କିଭଳି ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଅନେକ ସଂଗ୍ରାମ କରିଥିବା କହିବା ସହ ମଧୁବାବୁଙ୍କୁ



ଭାରତରତ୍ନ ପ୍ରଦାନ କରାଯିବା ପ୍ରତ୍ୟେକ ଓଡ଼ିଆଙ୍କ ଦାବି ବୋଲି ମତ ରଖିଥିଲେ। ଉତ୍କଳ ଦିବସରେ ମଧୁପ୍ରେମୀଙ୍କ ଦ୍ୱାରା ଟାଙ୍ଗୀ ଚୌଦ୍ୱାର ବ୍ଲକ ପାଖରୁ ଚାରିଶହ ଯୁବକ ଦୁଇଶହ ବାଇକ୍ ମାଧ୍ୟମରେ ଶୋଭାଯାତ୍ରା କରି ମଧୁବାବୁଙ୍କ ଜନ୍ମପୀଠରେ ପହଞ୍ଚି ମାଲ୍ୟାର୍ପଣ କରାଯିବା ସହ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

### ଆଞ୍ଚଳିକ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'ମଧୁବାବୁ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି'

### ଖୋର୍ଦ୍ଧା ପାଇକ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ



**ସାଲେପୁର,୩୧।୩/ଏନ୍ଏନ୍ଏସ୍:** ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ଓ ପ୍ରେସକ୍ଲବ ର ଏଗାର ତମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ୨୦୨୬ ପାଳନ ର ଦ୍ୱିତୀୟ ସନ୍ଧ୍ୟା ସାଲେପୁର ହାଇସ୍କୁଲ ଖେଳ ପଡିଆ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ଯୋଗଦେଇ ମଧୁବାବୁ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଚିକିଟି ବିଧାୟକ ମନୋରଞ୍ଜନ ଡ୍ୟାନ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟି ର ସଭାପତି ପ୍ରମୋଦ କୁମାର ସାହୁ, ସାଲେପୁର ବିଜେପି ନେତା ତଥା ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, ସମ୍ମାନିତ ବକ୍ତା ଭାବେ ବିଶ୍ୱବାଣୀ ଦୈନିକ ଖବର କାଗଜ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି ଯୋଗଦେଇ ସାରା ଓଡ଼ିଶାରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ର ଏଭଳି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ନିଆରା।ସଂଘର ଉପଦେଷ୍ଟା ଅଭୟ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଖୋର୍ଦ୍ଧାର ପାଇକ ଆଖଡା କଳାକାର ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ଦର୍ଶକ ଙ୍କୁ ମନମୁଗ୍ଧ କରିଥିଲା। କୁଳଦୀପ ପଟ୍ଟନାୟକ, ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ସାଥିମାନଙ୍କ ଦ୍ୱାରା ପରିବେଷିତ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରାରମ୍ଭରେ ସଂଘ ପକ୍ଷରୁ ଅତିଥି ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ପରିଚାଳନା କରିଥିଲେ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ




**ଚାରିଛକ,୩୧।୩/ଏନ୍ଏନ୍ଏସ୍:** ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସହକାରୀ ଗ୍ରନ୍ଥାଧ୍ୟକ୍ଷ ବିଜୟ କୁମାର ପ୍ରଧାନଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସମ୍ମାନୀତ ଅତିଥି ରୂପେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଫେସର ଡ଼ଃ ସନ୍ତୋଷ କୁମାର ମିତ୍ର, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ ସଦସ୍ୟ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ପ୍ରଭାତ ଚନ୍ଦ୍ର ମିଶ୍ର ଯୋଗଦେଇ ବିଜୟ କୁମାର ପ୍ରଧାନଙ୍କ ଗୁଣଗାନ କରିବା ସହ ତାଙ୍କ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ଦୀର୍ଘ ଏବଂ ନିରାମୟ ପାଇଁ କାମନା କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଅତିଥି ରୂପେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ, ସମାଜସେବୀ ସନାତନ ପାତ୍ର, କୁଳମଣୀ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ କେଦାରନାଥ ସାହୁ, ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର କଲ୍ୟାଣୀ ପଟ୍ଟନାୟକ, ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁ, ପ୍ରଫେସର ବିନୋଦିନୀ ଦାଶ, ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଯୋଗଦେଇଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି ମାନପତ୍ର ପଠନ କରିଥିଲେ। ମହାବିଦ୍ୟାଳୟ ତରଫରୁ ସେବା ନିବୃତ୍ତ ସହକାରୀ ଗ୍ରନ୍ଥାଧ୍ୟକ୍ଷ ବିଜୟ କୁମାର ପ୍ରଦାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼ଃ ଶ୍ରୀଲେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ତରଫରୁ ଏକ ଶୋଭାଯାତ୍ରାରେ ଚାରିଛକ ସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ଦାସ ଏବଂ ଚାରିଛକ ଚିକିତ୍ସାଳୟ ପରିସରରେ ସ୍ୱର୍ଗତ ସପନୀ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

### ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ପଞ୍ଚମ ସନ୍ଧ୍ୟା

# ଶିବଧନୁ ଭଙ୍ଗ, ସୀତାବିବାହ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼



**ଓଡଗାଁ,୩୧।୩/ଏନ୍ଏନ୍ଏସ୍:** କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀ ଶ୍ରୀ ରଘୁନାଥଜିଉଙ୍କ ପବିତ୍ର ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ପଞ୍ଚମସନ୍ଧ୍ୟାରେ ଶିବଧନୁ ଭଗ୍ନ ଓ ସୀତାବିବାହରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୁନୀ ଆଶ୍ରମ ଯଜ୍ଞ ବେଦୀଉପରେ ନିର୍ମିତ ରତ୍ନସିଂହାସନ ଉପରେ ବିରାଜିତ ପ୍ରଭୁ ଶ୍ରୀରଘୁନାଥ ଜିଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ଆଜି ହେଉଛି ୫ମ ସନ୍ଧ୍ୟା।ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ଗୁରୁ ବିଶ୍ୱାମିତ୍ରଙ୍କ ସହିତ ଦାସଦାସୀ ଏବଂ ଅନ୍ୟାନ୍ୟ ରାଜାମାନଙ୍କ ଉପସ୍ଥିତିରେ ରାଜର୍ଷି ଜନକ ନନ୍ଦିନୀ ଜାନକୀ ସୀତାଙ୍କ ପାଇଁ ଆୟୋଜିତ ସ୍ୱୟମ୍ବର ସଭାରେ ଜନକଙ୍କ ସର୍ତ୍ତ ଅନୁସାରେ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରୁଥିବା ଦୃଶ୍ୟକୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଶ୍ରଦ୍ଧାଳୁ। ବିଧିର ବିଧାନକୁ କେହି ବଦଳାଇ ପାରିବେ ନାହିଁ। ଘଟଣାକ୍ରମେ ମିଥିଳା ନରେଶ ରାଜର୍ଷି ଜନକ, କନ୍ୟା ସୀତାଙ୍କ ବିବାହପାଇଁ ସର୍ତ୍ତ ରଖିଥିଲେ। ସ୍ୱୟମ୍ବର ସଭାରେ ଅଂଶଗ୍ରହଣ କରିଥିବା ଯେଉଁ ରାଜା ଅଥବା ଯୋଦ୍ଧା ଶିବଧନୁରେ ଟାଣ ଦେଇପାରିବେ ମାତା ସୀତା ତାଙ୍କ ବେକରେ ବରଣମାଳା ପିନ୍ଧାଇବେ। ସର୍ତ୍ତକୁ ଅନୁପାଳନ କରି ସୀତାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଆୟୋଜିତ ସ୍ୱୟମ୍ବରରେ ବହୁ ଶକ୍ତିଶାଳୀ ରାଜାମାନେ ଅଂଶଗ୍ରହଣ କରିଥିଲେ। ପ୍ରବଳ ପ୍ରତାପି ରାଜାଧିରାଜମାନେ ଶିବଧନୁ ଭାଙ୍ଗିବାତ ଦୂରରକଥା, ଭୂଇଁରୁ ଉଠାଇବାକୁ ମଧ୍ୟ ସକ୍ଷମ ହୋଇ ନଥିଲେ। ବିବାହର ସର୍ତ୍ତକୁ ନେଇ ରାଜା ଜନକ ଚିନ୍ତିତ ହୋଇପଡ଼ିଲେ। ସୀତା ଅବିଆଡ଼ ରହିଯିବେବୋଲି ଭାବି ନିଜକୁ ଅସହାୟ ମଣୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଯୋଧ୍ୟା ନରେଶ ଦଶରଥ ନନ୍ଦନ ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମ ଧନୁରେ ଟାଙ୍କ ଦେବାତ ଦୂରର କଥା ଶିବଧନୁଙ୍କୁ ପ୍ରଣାମ ଜଣାଇ ଉଠାଇବା ବେଳେ ଧନୁଟି ଦୁଇଖଣ୍ଡ ହୋଇଯାଇଥିଲା। ଆଶା ଆଶଙ୍କାରେ ଚାହିଁ ରହିଥିବା ରାଜା ମହାରାଜାମାନେ ନିଜକୁ ଲଜ୍ଜିତମନେ କରିଥିବାବେଳେ ମିଥିଳା ନରେଶ ଜନକଙ୍କ ଦୃଢ଼ ସଙ୍କଳ୍ପକୁ ସାକାରକରି ପ୍ରଭୁ ରାମଚନ୍ଦ୍ର ସର୍ବସମ୍ମୁଖରେ ତାଙ୍କ ବୀରତ୍ୱର ପରିଚୟ ପ୍ରଦାନ କରିଥିଲେ। ତତ୍ପରେ ମା'ସୀତା ବରଣମାଳା ପିନ୍ଧାଇବା ସମୟରେ ପ୍ରଭୁ ଶ୍ରୀରାମ ସମ୍ମତି ପ୍ରକାଶ ସହିତ ମଥାନତ କରି ବରଣମାଳା ଗ୍ରହଣ କରିଥିଲେ। ଆଜିର ସୀତାବିବାହ ପରମ୍ପରା ଅନୁସାରେ ରାତି ୮ଟା ପରେ ପ୍ରଭୁଙ୍କର ବିଜେ ପ୍ରତିମାଙ୍କୁ ବରବେଶରେ ସଜ୍ଜିତ କରିବା ସହିତ ଅନୁଜ ଲକ୍ଷ୍ମଣ, ରାମେଶ୍ୱର ମହାଦେବ ଏବଂ ରାଧାକୃଷ୍ଣଙ୍କ ବିଜେ ପ୍ରତିମାଙ୍କୁ ସ୍ୱତନ୍ତ୍ର ବିମାନରେ ବସାଇ ବରଯାତ୍ରୀ ଦଳ ବାହାରିଥିଲେ। ଆଜିର ସ୍ୱତନ୍ତ୍ର ଆକର୍ଷଣ ଭାବେ କଳାଘୋଡା, ରାଜାରାଣୀ, ବାଘଲଢେଇ, ଷଣ୍ଢ ଲଢେଇ ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଆତସବାଜି ଶୋଭାଯାତ୍ରାରେ ସ୍ଥାନ ପାଇଥିଲା। ନଗର ପରିକ୍ରମାକରି ପ୍ରଭୁ ଝୁଲଣ ମଣ୍ଡପଠାରେ ପହଞ୍ଚିବା ପରେ ବାଟବରଣ କରି ବିବାହ ବେଦିକୁ ନିଆଯାଇଥିଲା। ମନ୍ଦିର ପରିଚ୍ଛାଙ୍କ ଦ୍ୱାରା ବୈଦିକ ରୀତିମତେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପାଳିଆ ପଣ୍ଡା, ପୂଜକ ପରିଷଦ ଓ ସୁଆର ସେବକ ପରିଷଦଙ୍କ ସହିତ ଦେବୋତ୍ତର ପରିଚାଳକ ତାପସ କୁମାର ପଟ୍ଟନାୟକ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ରଙ୍କ ସହଯୋଗରେ ନୀତି ସମ୍ପନ୍ନ ହୋଇଥିବା ବେଳେ ଓଡ଼ଗାଁ ଆଦର୍ଶ ଥାନା ପୁଲିସ ପ୍ରଶାସନ ଦ୍ୱାରା ଆଇନ ଶୃଙ୍ଖଳା ବ୍ୟବସ୍ଥା ପରିଚାଳିତ ହୋଇଥିଲା।

# କାକଟପୁର ମା' ମଙ୍ଗଳାଙ୍କ ଚତୁର୍ଥ ପାଳି ଯାତ୍ରା ଶେଷ



### ପ୍ରସିଦ୍ଧ କାଳିକା ନୃତ୍ୟରେ ଶ୍ରଦ୍ଧାଳୁ ବିମୋହିତ

**ଅସ୍ତରଙ୍ଗ,କାକଟପୁର,୩୧।୩/ଏନ୍ଏନ୍ଏସ୍:** ବିଶ୍ୱପ୍ରସିଦ୍ଧ ଶକ୍ତିପୀଠ କାକଟପୁର ମା' ମଙ୍ଗଳାଙ୍କ ମନ୍ଦିରରେ ପବିତ୍ର ଚୈତ୍ର ମାସର ଚତୁର୍ଥ ପାଳି ଯାତ୍ରା ଅତ୍ୟନ୍ତ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ଆଜି ଭୋର ୫ଟା ୩୦ରୁ ସକାଳ ୭ଟା ୩୦ ପର୍ଯ୍ୟନ୍ତ ପାରମ୍ପରିକ ପାଟୁଆ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କର ଦ୍ୱିପ୍ରହର ଧୂପ, ଜୟନ୍ତ ଧୂପ ଏବଂ ସନ୍ଧ୍ୟା ଆଳତି ପାଇଁ ସମୟ ସ୍ଥିର କରାଯାଇ ରାତ୍ର ୮ଟାରେ ମା'ଙ୍କର ମହାସ୍ନାନ ଓ ବେଶ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତ୍ରରେ ଅନୁଷ୍ଠିତ କାଳିକା ନୃତ୍ୟ ରାତ୍ର ୧୧ଟାରୁ ୧୧ଟା ୩୦ ମଧ୍ୟରେ ମନ୍ଦିର ବେଢ଼ା ମଧ୍ୟରେ ଏହି ପ୍ରସିଦ୍ଧ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ପରେ ରାତି ୧୨ଟାରୁ ୧ଟା ୩୦ ପର୍ଯ୍ୟନ୍ତ ରାତ୍ର ଧୂପ ଏବଂ ପରେ ପରେ ବଡ଼ ସିଂହାର ନୀତି ସମ୍ପନ୍ନ ହୋଇଥିଲା। ଶେଷରେ ରାତି ୨ଟା ୩୦ରେ ମା'ଙ୍କ ଭ୍ରମଣୀ (ମଙ୍ଗଳା ଦୁର୍ଗା) ଓ ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ବାହିନୀ ମୁତୟନ ହୋଇଥିଲେ। ପାନୀୟ ଜଳ ଏବଂ ଅନ୍ୟାନ୍ୟ ଜରୁରୀ ସେବା ପାଇଁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ଦଳ ମଧ୍ୟ ନିୟୋଜିତ ହୋଇଥିଲେ। ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି ଅଂକିତ ଅନନ୍ଦିତା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ଓ ବରିଷ୍ଠ ସେବାୟତଙ୍କ ତତ୍ତ୍ୱାବଧାନରେ ସମସ୍ତ ରୀତିନୀତି ପରିଚାଳିତ ହୋଇଥିଲା। ମା'ଙ୍କର ଦର୍ଶନ କରିବା ଏହି ମହିମାମୟ ଯାତ୍ରା ଦେଖିବା ପାଇଁ କେବଳ ପୁରୀ ଜିଲ୍ଲା ନୁହେଁ, ବରଂ ସାରା ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

ଆଠମଲ୍ଲିକ ଗସ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# 'ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉ 'ଓଡ଼ିଶା ଦିବସ'ର ମୂଳ ସଂକଳ୍ପ'

**ଅନୁଗୁଳ,୩୧।୩/ଏନ୍ଏନ୍ଏସ୍:** ୧୯୩୬ ଏପ୍ରିଲ ୧ରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା।୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା। ଏହି ସମୟ ମଧ୍ୟରେ 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଆମ ଓଡ଼ିଆ ପିଲାମାନେ ସୁସ୍ଥ ରହିବା ସହ ଉତ୍ତମ ଶିକ୍ଷା ପାଇବେ। ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି 'ଉତ୍କଳ ଦିବସ'ର ଗୋଟିଏ ଦିନର ଅବ୍ୟବହିତ ପୂର୍ବରୁ ଆଠମଲ୍ଲିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ ମଙ୍ଗଳବାର ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୨୦୪ କୋଟି ୩୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅଞ୍ଚଳର ପ୍ରଗତି ପଥକୁ ପ୍ରଶସ୍ତ କରିବ। ସେ ଆହୁରି କହିଛନ୍ତି, ଆଠମଲ୍ଲିକ ହେଉଛି ଅପାର ସମ୍ଭାବନାର ଅଞ୍ଚଳ। ଡବଲ ଇଞ୍ଜିନ ସରକାର ଏଠାକାର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ସହାୟତା ପାଇଁ ଆବାସ ଯୋଜନାରେ ଶହ ଶହ ନୂଆ ପକ୍କାଘର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଜିଲ୍ଲାପାଳଙ୍କୁ ଏକ ଆଧୁନିକ ହାଉସିଂ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି,ଯାହାଦ୍ୱାରା ଅଞ୍ଚଳର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ। ସେହିପରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ଆମ ସରକାର 'ଅନ୍ତ୍ୟୋଦୟ' ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି।

ଏହି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସୁବିଧା ସହ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ 'ସୁଭଦ୍ରା' ଯୋଜନା ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଲୋକମାନଙ୍କର ବିଭିନ୍ନ ସମସ୍ୟା ଓ ଦାବିପତ୍ର ଗୁଡ଼ିକୁ ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ସବ-କଲେକ୍ଟରଙ୍କ ଜରିଆରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଆଗାମୀ ଦିନରେ ଏହି ଅଞ୍ଚଳର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସମୁଦାୟ ୨୦୪.୩୨ କୋଟି ଟଙ୍କାର ୯୧ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏଥିମଧ୍ୟରୁ ୧୮୩.୮୫ କୋଟି ଟଙ୍କା ବ୍ୟୟରେ ୬୨ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ୨୦.୪୭ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୨୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ଆଠମଲ୍ଲିକ ସ୍ଥିତ ଶ୍ରୀ ରଘୁନାଥ ମନ୍ଦିର ଓ ଅଇଡ଼ା ଓଲଥ ସ୍ଥିତ ଶ୍ରୀରାମ ମନ୍ଦିର ଦର୍ଶନ କରିଥିଲେ।





ହାଇକୋର୍ଟ ଆଗରେ ନିଆଁ ଲଗାଇଲେ ମହିଳା

# ଜଳିଗଲା ସ୍କର୍ପିଓ, ୩ ବାଇକ୍



**କଟକ,୩୧।୩/ଏନ୍ଏନ୍ଏସ୍:** ହାଇକୋର୍ଟ ଗେଟ୍ ସମ୍ମୁଖରେ ଜଣେ ମହିଳା ନିଆଁ ପିଙ୍ଗିବାରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଗୋଟିଏ ସ୍କର୍ପିଓ ଓ ୩ଟି ବାଇକ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିବାରେ ସକ୍ଷମ ହୋଇଥିଲେ। ତେବେ ଏଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ନିଆଁ ଲାଗିବା ଯୋଗୁ ବିପଦଜନକ ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପର ପକ୍ଷରେ ନିଆଁ ଲାଗିବା ପଛରେ ଜଣେ ମାନସିକ ଦିବ୍ୟାଙ୍ଗ ମହିଳାଙ୍କ ହାତ ରହିଛି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ଜଣକ ଏହି କାଣ୍ଡ ଘଟାଇଥିବା ପୁଲିସ ନିକଟରେ ସ୍ୱୀକାର କରିଛି। ଏହା ସହ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ଅଗ୍ନିକାଣ୍ଡରେ ପୋଡ଼ି ହୋଇଯାଇଥିବା ଗାଡ଼ିର ମାଲିକ ଦାବି କରିଛନ୍ତି।

ସୂଚନା ମୁତାବକ, ମଙ୍ଗଳବାର ହାଇକୋର୍ଟରେ ପାଖାପାଖି ୧୨ଟା ବେଳେ ମଧ୍ୟରେ ହଠାତ ଆସିଲା ଅଗ୍ନିକାଣ୍ଡ ଖବର। ହାଇକୋର୍ଟ ଲାଲବାଗ ଗେଟ ପଟ ବାହାର ପାର୍ଶ୍ୱରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ନିଆଁରେ ୨ଟି ବାଇକ, ଗୋଟିଏ ସ୍କୁଟି ଓ ଗୋଟିଏ ସ୍କର୍ପିଓ ଜଳୁଥିଲା। ଏହି ଘଟଣାକୁ ନେଇ ସମସ୍ତେ ଆଚମ୍ବିତ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ମହିଳା ଜଣକ ନିଆଁ ଲଗାଇବା ବେଳର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଜଣେ ମାନସିକ ଦିବ୍ୟାଙ୍ଗ ମହିଳା ଏହି କାଣ୍ଡ ଭିଆଇଥିଲେ ବୋଲି ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ବୋଲି ପୁଲିସ ସୂଚନା ଦେଇଛି। ପେଟ୍ରୋଲ ଆଣିବା ଓ ପରେ ପରେ ଗାଡ଼ିରେ ଲଗାଇବା ଓ ହାଇକୋର୍ଟ ପାଚେରୀକୁ ମଧ୍ୟ ମହିଳା ଜଣକ ନିଆଁ ଫୋପାଡ଼ିବା ଦୃଶ୍ୟର ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ସାରା ବିଶ୍ୱ ବୁଲୁଥିବାବେଳେ, ମୋତେ ନ ଭେଟିବାରୁ ଏଭଳି କାଣ୍ଡ ଘଟାଇଥିବା କହିଛନ୍ତି ମିନତି ସାହୁ ନାମକ ଜନୈକ ମହିଳା। ପ୍ରାଥମିକ ତଦନ୍ତରୁ ମହିଳା ଜଣକ ମାନସିକ ବିକାରଗସ୍ତ ବୋଲି ପୁଲିସ ସ୍ପଷ୍ଟ କରିଛି। ସେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବିରିଡ଼ି ଅଞ୍ଚଳର ବାସିନ୍ଦା ବୋଲି ପୁଲିସ ସୂଚନା ଦେଇଛି। ତେବେ ମହିଳା ଜଣକ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ରହୁଥିବା ପୁଲିସ ସ୍ପଷ୍ଟ କରିଛି। ଏହି ଘଟଣାରେ ସମ୍ପୃକ୍ତ ମହିଳା ମିନତିଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ସହିତ ଥିବା ଜଣେ ଶିଶୁକୁ ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଜୋନ୍ ୩ ଏସିପି ସୂଚନା ଦେଇଛନ୍ତି। ନିଆଁ ଲଗାଇଥିବା କଥାକୁ ମହିଳା ଜଣକ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ କାହିଁକି ନିଆଁ ଲଗାଇଥିଲେ ତାଙ୍କ କଥାରେ ତାଳମେଳ ରହୁନାହିଁ ବୋଲି ଲାଲବାଗ ଥାନା ପୁଲିସ ସୂଚନା ଦେଇଛି। ମହିଳା କେଉଁଠୁ ପେଟ୍ରୋଲ ଆଣିଲେ ଓ କାହିଁକି ନିଆଁ ଲଗାଇବାକୁ ଚେଷ୍ଟା କରୁଥିଲେ ତାହାର ତଦନ୍ତ ହେବ ବୋଲି ପୁଲିସ ସୂଚନା ଦେଇଛି।

# ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

**ବ୍ରହ୍ମପୁର,୩୧।୩/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ୍ ମୁଖ୍ୟରାସ୍ତାର ଭୁଷୁଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଏକ ପଥର ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି ୦୭ ଏ-୦୭୦୯) ଏକ ବାଇକ୍‌କୁ ଧକ୍କା ଦେବାରୁ ଦୁଇଜଣ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ପାଳଝାଡ଼ି ଗ୍ରାମର ରଙ୍ଗ ଗୌଡ଼ଙ୍କ ପୁଅ ତୋଫାନ ଗୌଡ଼ (୨୫) ଏବଂ ସ୍ୱର୍ଗତ ସନ୍ତୋଷ କୁମାର ପଣ୍ଡାଙ୍କ ଏକମାତ୍ର ପୁଅ ସୁମିତ କୁମାର ପଣ୍ଡା (୨୬)। ସୂଚନା ଅନୁଯାୟୀ, ଉଭୟ ଯୁବକ ଦିଗପହଣ୍ଡିରୁ କାମ ସାରି ବାଇକ୍ (ନଂ. ଓଡ଼ି ୦୭ ଏବି-୬୩୦୭) ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ପଥର ବୋଝେଇ ଟ୍ରାକ୍ଟରଟି ସେମାନଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ବାଇକ୍ ସହ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ।

ଦୁର୍ଘଟଣା ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଉପସ୍ଥିତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଦିଗପହଣ୍ଡି ଥାନା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦିଗପହଣ୍ଡି ଥାନା ଆଇ.ଆଇ.ସି. କିଶୋର କୁମାର ସାମଲ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଦୁର୍ଘଟଣା ସ୍ଥଳରୁ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଟ୍ରାକ୍ଟର ଚାଳକ ଏବେ ମଧ୍ୟ ଫେରାର ଅଛନ୍ତି।



## ‘ଶାଶ୍ୱତ’ର ମାସିକ ଆସର



**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ଶନିବାର ‘ଶାଶ୍ୱତ’ର ମାସିକ ଆସର ସଂଘର ସଭାପତି ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଆଦୃତା ଶିଶୁସଦନ ଗାଡ଼କଣଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର କୋଷାଧ୍ୟକ୍ଷ କୈଳାସ ନାଥ ଦାସ, ସିଲ୍‌ଭର୍ ଏଜ୍‌ଙ୍କ ସହାୟତାରେ ସାଇବର୍ କ୍ରାଇମ୍ ଉପରେ ଏକ ଶିକ୍ଷଣୀୟ ଓ ଉପଯୋଗୀ କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରଥମେ ଅନୁଷ୍ଠାନ ତରଫରୁ ସିଲ୍‌ଭର୍ ଏଜ୍‌ର କର୍ମକର୍ତ୍ତା ଓ ସାଇବର୍ କ୍ରାଇମ୍ ଏକ୍ସପର୍ଟ ଲିଙ୍ଗରାଜ ସେଠୀଙ୍କୁ ସଂଘର ସଭାପତି ଶ୍ରୀ ଦାଶ ସମ୍ବର୍ଦ୍ଧିତ କରିଥିଲେ। ସ୍ୱନାମଧନ୍ୟ ସାଇବର୍ କ୍ରାଇମ୍ ଏକ୍ସପର୍ଟ ଲିଙ୍ଗରାଜ ସେଠୀ ଦୀର୍ଘ ଦୁଇ ଘଣ୍ଟା ଧରି କିପରି ଏହିପରି କ୍ରାଇମ୍‌ରୁ ନିଜକୁ ଦୂରେଇରଖିପାରିବେ ସେ ବିଷୟରେ ସବିଶେଷ ବର୍ଣ୍ଣନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ମାଧ୍ୟମରେ ଆଦିତ୍ୟ ମହାନ୍ତି, ଅଭୟ ବେହେରା, ହେମନ୍ତ ଦାସ ଓ ଡାକ୍ତର ଶ୍ରୀଧର ବେହେରା ଅଂଶଗ୍ରହଣ କରି ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସଂଘର ସେକ୍ରେଟାରୀ ତାରାଚାନ୍ଦ ମହାନ୍ତୋ ଗତ ମାସର ମାସିକ ବିବରଣୀ ପାଠ କରିଥିଲେ। ଅଭୟ ବେହେରା ଧନ୍ୟବାଦ୍ ଦେବା ପରେ ସଭାପତି ସଭା ସାଙ୍ଗ କରିଥିଲେ।

# ସରିଲା ମାଓବାଦୀଙ୍କ ଆତ୍ମସମର୍ପଣ ସମୟସୀମା; ଆଉ ମିଳିବନି ସୁଯୋଗ

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ଆଜି ମାଓ ମୁକ୍ତ ଅଭିଯାନର ଶେଷ ଦିନ ଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବନ୍ଧୁକ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ମାଓବାଦୀମାନଙ୍କୁ ଦିଆଯାଇଥିବା କଟ୍‌ଅଫ୍ (ସମୟସୀମା) ଆଜି ଶେଷ ହୋଇଛି। ଏହି ଅବସରରେ ଓଡ଼ିଶାରେ ମାଓ ଅପରେସନ୍ ନେଇ ବଡ ସୂଚନା ଦେଇଛନ୍ତି ଆଣ୍ଟି ନକ୍ସଲ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡା। ଶ୍ରୀ ପଣ୍ଡା କହିଛନ୍ତି, ଆଜି ଦିନ ଶେଷ ହେବା ସହ ମାଓବାଦୀମାନଙ୍କ ପାଇଁ ଆତ୍ମସମର୍ପଣ କରିବାର ସମୟସୀମା ମଧ୍ୟ ଶେଷ ହୋଇଛି। ଆସନ୍ତା କାଲି ଠାରୁ ଆଉ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ସୁଯୋଗ ମିଳିବ ନାହିଁ। ଯେଉଁ ହାତ ଗଣତି କିଛି ମାଓବାଦୀ ଏବେ ଜୀବିତ ତଥା ଲୁଚିକରି ରହିଛନ୍ତି, ସେମାନଙ୍କୁ ଖୋଜି ଖୋଜି ନିପାତ କରାଯିବ। ଗତ କିଛି ବର୍ଷ ମଧ୍ୟରେ ମାଓ ସଂଗଠନଗୁଡ଼ିକ ଓଡିଶାରେ ମାଓ ରିକ୍ରୁଟ୍ କରିବାରେ ସଫଳ ହୋଇନାହାନ୍ତି। ତେବେ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ମଧ୍ୟ ମାଓ ଅପରେସନ ଜାରି ରହିବ। ଏହି ସମୟରେ ମାଓବାଦୀମାନେ ଲୁଟ୍ କରିଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଫେରାଇ ଅଣାଯିବା ପାଇଁ ଉଦ୍ୟମ କରାଯିବ। ମାଓବାଦୀମାନେ ଯେଭଳି ଆଉ ପୁନଃସଂଗଠିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସେଣ୍ଟ୍ରାଲ କମିଟି ସଦସ୍ୟ ଗଣେଶ ଓ୍ୱିକେଙ୍କ ନିପାତ ମାଓବାଦୀଙ୍କ ପାଇଁ ଟର୍ଣ୍ଣିଂ ପଏଣ୍ଟ ରହିଥିଲା ବୋଲି ଏଡିଜି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏଡିଜି ଶ୍ରୀ ପଣ୍ଡା କହିଛନ୍ତି, ମାଓ ଦମନ ଟାର୍ଗେଟରେ ସଫଳ ହୋଇଛୁ। ଓଡିଶାକୁ ଆଉ ମାଓ ବିପଦ ନାହିଁ। ୧୫୬ ମାଓବାଦୀଙ୍କୁ ନିପାତ ଓ ଆତ୍ମସମର୍ପଣ କରାଇବାରେ ସଫଳ ହୋଇଛୁ। ୨୭ ମାଓବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛୁ। ୯ ମାଓବାଦୀଙ୍କୁ ଗିରଫ କରାଯାଇଛି। ୭୮ ଜଣ ମାଓବାଦୀ ଓଡିଶାରେ ଆତ୍ମସମର୍ପଣ କରିଛନ୍ତି। ଆଉ ୪୨ ମାଓବାଦୀ ଛତିଶଗଡ଼ରେ ଆତ୍ମସମର୍ପଣ କରିଛନ୍ତି। ୨୦୨୫ରେ ଓଡିଶାର ୯ଟି ଜିଲ୍ଲା ମାଓ ପ୍ରଭାବିତ ଥିଲା। ଏଥିରୁ ୮ଟି ଜିଲ୍ଲା ଏବେ ସମ୍ପୂର୍ଣ୍ଣ ଭାବେ ମାଓ ମୁକ୍ତ ହୋଇସାରିଛି। ସେହିପରି ମାଓ ଅପରେସନରେ ୨୩୯ ଜଣ ଯବାନ ସହିଦ୍ ହୋଇଛନ୍ତି। ୨୩୯ ସହିଦ୍ ଯବାନଙ୍କ ମଧ୍ୟରେ ଓଡିଶା ପୁଲିସର ୧୪୨ ଜଣ ଅଛନ୍ତି। ୩୫୯ ଜଣ ସାଧାରଣ ନାଗରିକଙ୍କୁ ମାଓବାଦୀ ହତ୍ୟା କରିଛନ୍ତି ବୋଲି ଏଡିଜି କହିଛନ୍ତି। ଭାରତ ୩୧ ମାର୍ଚ୍ଚ ୨୦୨୬ରେ ନକ୍ସଲବାଦମୁକ୍ତ ହୋଇଛି। ଏଥିସହ ଗତ ୫୬ ବର୍ଷ ଧରି ଦେଶ ଭିତିରେ ଚାଲିଥିବା ସଶସ୍ତ୍ର ସଂଘର୍ଷର ଅନ୍ତ ମଧ୍ୟ ଘଟିଛି। ୨୦୧୪ରେ ଦେଶରେ ମୋଟ୍ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨୬ ଥିବା ବେଳେ ୨୦୨୬ ସୁଦ୍ଧା ଏହା ୨କୁ ହ୍ରାସ ପାଇଛି। ଏପରିକି ଗୁରୁତର ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୫ରୁ ହ୍ରାସ ପାଇ ଆଜି ତାରିଖ ସୁଦ୍ଧା ଶୂନ ହୋଇଯାଇଛି। ତେବେ ଏହି ୫୬ ବର୍ଷର ମାଓ ବର୍ବରତା ପ୍ରାୟ ୨୦ କୋଟି ନୀରିହ ଜନସାଧାରଣଙ୍କୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ମାଓବାଦ ଯୋଗୁ ପ୍ରତ୍ୟକ୍ଷ ବା ପରୋକ୍ଷ ଘଟଣାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିଜ ପ୍ରାଣ ହରାଇଥିଲେ। ଏଥିରେ ୫୦୦୦ରୁ ଅଧିକ ସୁରକ୍ଷାକର୍ମୀ ଅଛନ୍ତି।

### ଆଜିଠୁ ନୋ ସରେଣ୍ଡର୍, ଷ୍ଟ୍ରେଟ୍ ଏନ୍‌କାଉଣ୍ଟର୍
### ଦୁଇ ବର୍ଷ ପର୍ଯ୍ୟନ୍ତ ମାଓ ବିରୋଧୀ ଅପରେସନ୍ ଜାରିରହିବ: ଏଡିଜି



## ଗ୍ୟାସ୍ ପାଇଁ ହାହାକାର

# ବଜାରରେ ଇଣ୍ଡକ୍‌ସନ୍ ଦର ଅହେତୁକ ବୃଦ୍ଧି

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ରାଜଧାନୀରେ ଏବେ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ଘୋର ଅଭାବ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଯୋଗାଣର ପ୍ରତିଶ୍ରୁତି ମିଳୁଥିଲେ ହେଁ ବାସ୍ତବରେ ଉପଭୋକ୍ତାମାନେ ସିଲିଣ୍ଡର ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ନୂତନ ବ୍ୟବସ୍ଥା ଅନୁଯାୟୀ, ଗୋଟିଏ ସିଲିଣ୍ଡର ପାଇବାର ୨୫ ଦିନ ପରେ ହିଁ ପରବର୍ତ୍ତୀ ବୁକିଂ ପାଇଁ ଅନୁମତି ମିଳୁଛି। ତେବେ ବୁକିଂ ପରେ ମଧ୍ୟ କେତେ ଦିନରେ ଗ୍ୟାସ୍ ମିଳିବ, ସେ ନେଇ ବିତରକଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ବା ଗ୍ୟାରେଣ୍ଟି ନାହିଁ। ବିତରକଙ୍କ ଅନୁଯାୟୀ, ଗତ ୧୫ ବର୍ଷ ମଧ୍ୟରେ ଗ୍ରାହକ ସଂଖ୍ୟା ବହୁଗୁଣିତ ହୋଇଥିବା ବେଳେ ବର୍ତ୍ତମାନର ସଙ୍କଟ ସମୟରେ ବୁକିଂ ପରିମାଣ ୪୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିଛି। ଗ୍ୟାସ୍ ଅଭାବ ଯୋଗୁଁ ରାଜଧାନୀର ଅନେକ ଛୋଟ ଛୋଟ ହୋଟେଲ ଓ ରାସ୍ତାକଡ଼ର ଠେଲା ଦୋକାନ ବନ୍ଦ ହୋଇଗଲାଣି। ଯେଉଁଠାରେ ହୋଟେଲ ଚାଲୁଛି, ସେଠାରେ ରନ୍ଧନ ସାମଗ୍ରୀର ଅଭାବ ଦର୍ଶାଇ ଜଳଖିଆଠାରୁ ଆରମ୍ଭ କରି ମିଲ୍ ପର୍ଯ୍ୟନ୍ତ ସବୁଥିର ଦର ବଢ଼ାଇ ଦିଆଯାଇଛି। ସେହିପରି ସରକାରୀ କାଠଗୋଲାମାନଙ୍କରେ ମଧ୍ୟ ଜାଳେଣି କାଠର ଘୋର ଅଭାବ ପରିଲକ୍ଷିତ ହେଉଛି। ଗ୍ୟାସ୍ ସଙ୍କଟର ସୁଯୋଗ ନେଇ ବ୍ୟବସାୟୀମାନେ ଇଣ୍ଡକସନ୍ ଚୁଲାର ଦର ଅହେତୁକ ଭାବେ ବଢ଼ାଇ ଦେଇଛନ୍ତି। ଗତ ୨୦ ଦିନ ମଧ୍ୟରେ ପ୍ରତି ଚୁଲା ପିଛା ୫୦୦ରୁ ୮୦୦ ଟଙ୍କା ଅଧିକ ନିଆଯାଉଥିବା ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ, ଇଣ୍ଡକସନ୍ ବ୍ୟବହାର ଯୋଗୁଁ ଲୋକଙ୍କ ବିଦ୍ୟୁତ୍ ବିଲ୍ ମଧ୍ୟ ବଢ଼ିବାରେ ଲାଗିଛି। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ସମସ୍ୟା ଆହୁରି ଜଟିଳ ହେବା ନେଇ ସାଧାରଣ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଯଦିଓ ସରକାର କିରୋସିନି ବ୍ୟବହାର ପାଇଁ ପରାମର୍ଶ ଦେଉଛନ୍ତି, ତଥାପି ଆପାର୍ଟମେଣ୍ଟ ବା ବହୁତଳ ପ୍ରାସାଦରେ ରହୁଥିବା ପରିବାରଙ୍କ ପାଇଁ କାଠ ବା କୋଇଲା ଚୁଲା ବ୍ୟବହାର କରିବା ଅସମ୍ଭବ ହୋଇପଡ଼ିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି। ଭାରତୀୟ ଶିଳ୍ପ ମହାସଂଘ ସହିତ ସମନ୍ୱୟ ରଖି ଶିଳ୍ପ କ୍ଷେତ୍ରରେ ଡିକାର୍ବନାଇଜେସନ୍ ଭଳି ଐତିହାସିକ ପଦକ୍ଷେପ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏହି କ୍ରମରେ ଆଜି ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥାମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ନୀତି ନବୀକରଣୀୟ ଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ଦେବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହିତ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଭାରତୀୟ ଶିଳ୍ପ ମହାସଂଘ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଛି। ରାଜ୍ୟର ନବୀକରଣୀୟ ଶକ୍ତି ନୀତି ୨୦୨୨ କାରଖାନାରୁ ନିର୍ଗତ ଗ୍ୟାସ ହ୍ରାସ କରିବ ବୋଲି ମହାସଂଘ ଆଶା ପ୍ରକାଶ କରିଛି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ସିଏମଡି, ଓପିଟିସିଏଲ, ଭାସ୍କର ଜ୍ୟୋତି ଶର୍ମା, ଶକ୍ତି ବିଭାଗ, ଓପିଟିସିଏଲ, ଗ୍ରୀଡ଼କୋ, ଟିପିସିଓଡ଼ିଏଲ , ଭାରତୀୟ ଶିଳ୍ପ ମହାସଂଘ ଇତ୍ୟାଦିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ଆଦିକବିଙ୍କ ମହାଭାରତରେ ରହିଛି ସ୍ୱତନ୍ତ୍ରତା’



**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ସତ୍ୟବିହାର ସ୍ଥିତ ବରିଷ୍ଠ ନାଗରିକ କ୍ଲବ ସଭା ଗୃହରେ ସତ୍ୟବିହାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ଅଧ୍ୟକ୍ଷ ଡଃ ଅଭୟ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ଜଗନ୍ନାଥ ସଂସ୍କୃତି ଗବେଷକ ତଥା ବାଗ୍ମୀ ଡ. ସୁରେନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ‘ଆଦିକବି ସାରଳା ଦାସ ଓ ମହାଭାରତ’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରି ଡ. ତ୍ରିପାଠୀ କହିଲେ ଯେ ଆଦିକବିଙ୍କ ମହାଭାରତରେ ଥିବା ସ୍ୱତନ୍ତ୍ର ଉପସ୍ଥାପନା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ସାରଳା ସାହିତ୍ୟରେ ଥିବା ଦିବ୍ୟ ଚେତନା ମଣିଷକୁ ଭଗବତ୍ ଉନ୍ମୁଖ କରାଏ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ମନୋଜ କୁମାର ବିଶ୍ୱାଳ ଯୋଗଦେଇ ଭଞ୍ଜ ସାହିତ୍ୟ ଆଧାରରେ ତାଙ୍କ ରଚନା ‘ପ୍ରଭାସ ଯଜ୍ଞ’ର ବିଶ୍ଳେଷଣ କରିଥିଲେ। ଏହି ଅବସରରେ କବି କାହ୍ନୁଚରଣ ପାଣିଗ୍ରାହୀଙ୍କ କବିତା ସଙ୍କଳନ ‘ଅନୁରାଗ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ସଭା ପ୍ରାରମ୍ଭରେ ଶ୍ରୀଜଗନ୍ନାଥଷ୍ଟକମ୍ ପାଠ କରାଯାଇଥିଲା। ସଂସଦର ସମ୍ପାଦକ କାହ୍ନୁଚରଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁସାହିତ୍ୟିକ ତଥା ବିଶିଷ୍ଟ ଗାଳ୍ପିକ ରବି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଏକ ଭକ୍ତିଧାରାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାକୁ ମଧୁସ୍ମିତା ସ୍ୱାଇଁ ଓ ଶ୍ରୀମତୀ ସସ୍ମିତା ହୋତା ସଞ୍ଚାଳନ କରିଥିଲେ। ବରିଷ୍ଠ ନାଗରିକ କ୍ଲବର ସଭାପତି ଗଗନ ବିହାରୀ ମହାପାତ୍ର ଅନୁଷ୍ଠାନ ତରଫରୁ ଏହି କାର୍ଯ୍ୟକ୍ରମର ଉପକାରିତା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ସମ୍ପାଦକ ଲକ୍ଷ୍ମୀଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବହୁ ସାହିତ୍ୟ ପ୍ରେମୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମରେ ‘ସଂସ୍କୃତ ଓ ସଂସ୍କୃତି’ ସମ୍ପର୍କରେ ଆଲୋଚନାଚକ୍ର

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ‘ସଂସ୍କୃତ ଓ ସଂସ୍କୃତି’ ପୁସ୍ତକ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ଗବେଷକ ଓ ସାହିତ୍ୟିକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ନୀଳକଣ୍ଠଙ୍କ ‘ସଂସ୍କୃତ ଓ ସଂସ୍କୃତି’ ପୁସ୍ତକରେ ଭାରତୀୟ ସଂସ୍କୃତି, ସଂସ୍କୃତ ଭାଷା ଓ ଲିପି ତଥା ସାଂସ୍କୃତିକ ତତ୍ତ୍ୱ ସହିତ ସତ୍ୟବାଦୀ ସାହିତ୍ୟର ପ୍ରଭାବ ସମ୍ପର୍କରେ ସେ ସୁବିସ୍ତୃତ ଆଲୋଚନା କରିଥିଲେ। ଏହି ପୁସ୍ତକ ଆମ ପ୍ରବନ୍ଧ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ପ୍ରଫେସର ଲମ୍ବୋଦର ପାଣିଗ୍ରାହୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟଶୈଳୀର ବିଶେଷତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କର ଏହି ଅନନ୍ୟ ପୁସ୍ତକର ଭାଷା, ଭାବ ଓ ତଥ୍ୟର ମୌଳିକତା ବିଷୟରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ସଂସ୍କୃତ ଭାଷା ସହ ଜଗନ୍ନାଥ ସଂସ୍କୃତି, ତତ୍କାଳୀନ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ବିଭବ ଓ ଆମର ସାମଗ୍ରିକ ସାଂସ୍କୃତିକ ଚେତନା ପଣ୍ଡିତ ନୀଳକଣ୍ଠଙ୍କ ଏହି ସାହିତ୍ୟ କୃତିରେ ପ୍ରତିଫଳିତ ହୋଇଛି ବୋଲି ସେ କହିଥିଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟକୃତିର ଆଦର୍ଶବୋଧରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ପଣ୍ଡିତ ନୀଳକଣ୍ଠଙ୍କ ଆଲୋଚନାଧର୍ମୀ ସାହିତ୍ୟ, ଜାତୀୟତାବାଦୀ ଚିନ୍ତାଧାରା, ଆମ ସାହିତ୍ୟର ବିକାଶ ନିମନ୍ତେ ଦୂରଦୃଷ୍ଟି ଓ ସାଂସ୍କୃତିକ ପରମ୍ପରା ଉପରେ ପର୍ଯ୍ୟବେସିତ ଶିକ୍ଷାନୀତି ଆଜି ଆମ ପାଇଁ ପ୍ରେରଣାର ଉତ୍ସ ଭାବେ ଆମର ମାର୍ଗଦର୍ଶନ ନିମନ୍ତେ ସହାୟକ ହେଉଛି ବୋଲି ସେ କହିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜାତୀୟ ନାଟକ ଉତ୍ସବ ପୂର୍ବରଙ୍ଗ ଉଦ୍‌ଯାପିତ

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତାର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଜାତୀୟ ନାଟକ ଉତ୍ସବ ‘ପୂର୍ବରଙ୍ଗ-୨୦୨୬’ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ନାଟକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୀର ରଙ୍ଗଶାଳା ନାଟ୍ୟ ଅନୁଷ୍ଠାନ ଦ୍ୱାରା ଓଡ଼ିଆ ନାଟକ ‘ଅଦୃଶ୍ୟ ନଟ’ ପରିବେଷଣ କରାଯାଇଥିଲା। ନାଟକ ରଚନା କରିଥିଲେ ନାଟ୍ୟକାର ହରିହର ମିଶ୍ର ଏବଂ ନିର୍ଦ୍ଦେଶନା ଦେଇଥିଲେ ବିକ୍ରମ କୁମାର ସାହୁ। ରୂପକଳ୍ପା ମିଶ୍ର, ଦେବ ପ୍ରସାଦ ଦାଶ, ଉଦୟଭାନୁ ମହାପାତ୍ର, କେଦାର ମିଶ୍ର, ରାକେଶ ସାହୁ, ନାରାୟଣ ରାଉତ, ସଂଗ୍ରାମ କେଶରୀ ଦାଶ, ଗୌରୀରଞ୍ଜନ ବାରିକ, ଶାନ୍ତନୁ ସାମନ୍ତରାୟ, ମୋହିତ ଅନିମେଷ ଦାଶ ପ୍ରମୁଖ କଳାକାରମାନଙ୍କ ଅଭିନୟ ଦର୍ଶକମାନଙ୍କୁ ବେଶ୍ ପସନ୍ଦ ଆସିଥିଲା। ନାଟକର କାହାଣୀ କବି ଦୀନକୃଷ୍ଣ ଦାସ ଏବଂ ତାଙ୍କର ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ରହିଥିବା ଶ୍ରଦ୍ଧା ଓ ଭକ୍ତି ଉପରେ ପର୍ଯ୍ୟବେସିତ ଥିଲା। ନାଟକଟି ରୀତିଯୁଗର ସାହିତ୍ୟ, ସମାଜ ଓ ରାଜନୈତିକ ପୃଷ୍ଠଭୂମି ଉପରେ ମଧ୍ୟ ଆଲୋକପାତ କରିଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ଡ଼. ଶୈଳେଶ୍ୱର ନନ୍ଦ, ଅଭିନେତା ହରିହର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ରବୀନ୍ଦ୍ର ମଣ୍ଡପରେ ଜାତୀୟ ନାଟକ ଉତ୍ସବ ‘ପୂର୍ବରଙ୍ଗ-୨୦୨୬’ ଆୟୋଜିତ ହୋଇଥିଲା। ଜାତୀୟ ନାଟକ ଉତ୍ସବରେ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ନାଟକ ପରିବେଷଣ କରାଯାଇଥିଲା।

# ଓଡିଏମ୍‌ରେ ‘ଉତ୍କଳ ପ୍ରତିଭା ସମ୍ମାନ-୨୦୨୬’



**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ପବିତ୍ର ଉତ୍କଳ ଦିବସ ଅବସରରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ କଳା, ସାହିତ୍ୟ, ଭାଷା, ବିଜ୍ଞାନ, ନୃତ୍ୟ ଓ ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଚିହ୍ନଟ କରି ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଭବ୍ୟ ସମାରୋହରେ ‘ଉତ୍କଳ ପ୍ରତିଭା ସମ୍ମାନ-୨୦୨୬’ରେ ସମ୍ମାନିତ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଉତ୍କଳ ପ୍ରତିଭା ଫାଉଣ୍ଡେସନ୍‌ର ଆବାହକ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଡିଜିପି ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ତଥା ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ର ଯୋଗଦାନ କରିଥିଲେ।

ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ଭାବରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା କିମ୍ସ ହସ୍‌ପିଟାଲର ଉପ-କୁଳପତି ଡା. ସି.ବି.କେ. ମହାନ୍ତି, ଉତ୍କଳ ହସ୍‌ପିଟାଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଡ. ବି. କେ. ସୁବୋଧ ସିଂହ, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ଏବଂ ସୁ-ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଅଲମ୍ପିଆନ୍ ଓ ଭାରୋତ୍ତୋଳନକାରୀ କେ. ରବି କୁମାର, ବରିଷ୍ଠ ପ୍ରଶାସନିକ ଅଧିକାରୀ ହିମାଂଶୁ କୁମାର ଲାଲ (ଆଇପିଏସ୍) ପ୍ରମୁଖ ଯୋଗଦାନ କରିଥିଲେ। ଉତ୍କଳ ପ୍ରତିଭା ଫାଉଣ୍ଡେସନ୍‌ର ସମ୍ପାଦିକା ଇନ୍ଦୁମତୀ ରାୟ ଏବଂ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ‘ଉତ୍କଳ ପ୍ରତିଭା ସମ୍ମାନ-୨୦୨୬’ରେ ୬ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ଓଡିଏମ୍‌ର ଏପରି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ସମସ୍ତ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମ୍ମାନ ଜଣାଇ ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନିତ କରିବାରେ ଓଡିଏମ୍ ଯେଉଁ ପ୍ରୟାସ କରିଛି ତାହା ଭବିଷ୍ୟତରେ ନିଶ୍ଚୟ ଯୁବପିଢ଼ିକୁ ପ୍ରୋତ୍ସାହିତ କରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆବାହକ ଡ. ମୀନକେତନ କହିଲେ ଯେ ଉତ୍କଳ ପ୍ରତିଭା ପ୍ରତିଷ୍ଠାନ ମାଧ୍ୟମରେ ଉତ୍କଳର ବିଶିଷ୍ଟ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଓ ‘ଉତ୍କଳ ପ୍ରତିଭା ୟୁଟ୍ୟୁବ୍ ଚ୍ୟାନେଲ୍’ ମାଧ୍ୟମରେ ସେମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ବିସ୍ତୃତ ଭାବରେ ପହଞ୍ଚାଇବା ହେଉଛି ଉତ୍କଳ ପ୍ରତିଭା ପ୍ରତିଷ୍ଠାନର ପ୍ରୟାସ। ପୁନଃ ତାଙ୍କ ଅନୁରୋଧ ରକ୍ଷା କରି ଅତିଥିମାନେ ସେମାନଙ୍କ ଅମୂଲ୍ୟ ସମୟ ଦେଇ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାରୁ ସେମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ‘ଉତ୍କଳ ପ୍ରତିଭା–୨୦୨୬’ ପତ୍ରିକାଟି ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଭୁବନେଶ୍ୱର ନିୟୁ ସିଟି ମାଷ୍ଟର୍‌ପ୍ଲାନ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମଙ୍ଗଳବାର ଭୁବନେଶ୍ୱରର ପ୍ରସ୍ତାବିତ ‘ନିୟୁ ସିଟି’ (ନୂଆ ସହର) ସକାଶେ ଏକ ବ୍ୟାପକ ମାଷ୍ଟରପ୍ଲାନ୍ ପ୍ରସ୍ତୁତି ପାଇଁ ସୁର୍ବାନା ଜୁରୋଙ୍ଗ ସଂସ୍ଥା ସହ ଏକ ଚୁକ୍ତି ସ୍ୱାକ୍ଷରିତ କରିଛି। ବିଡିଏ ସଚିବ ମାନସ ରଞ୍ଜନ ପାଢୀ ଓ ସୁର୍ବାନା ଜୁରୋଙ୍ଗର ଡେପୁଟି ଡାଇରେକ୍ଟର ମନଦୀପ ଦତ୍ତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ମେଗା ପ୍ରକଳ୍ପ ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିରେ ନିର୍ମାଣ ହେବ ଏବଂ ରାଜ୍ୟର ଦୀର୍ଘମିଆଦୀ ଉନ୍ନୟନ ରୋଡ଼ମ୍ୟାପ୍ ‘ବିକଶିତ ଓଡ଼ିଶା ୨୦୩୬’ ସହ ସମନ୍ୱୟ ରଖି ଏକ ବହୁ-ଅର୍ଥନୈତିକ ବୃଦ୍ଧି କ୍ଷେତ୍ର ଭାବେ ଗଢ଼ାଯିବ। ପ୍ରସ୍ତାବିତ ନୂଆ ସହରକୁ ଏକ ଟ୍ରାନ୍ସିଟ୍-ଓରିଏଣ୍ଟେଡ୍ ସହରୀ ହବ୍ ଭାବେ ଗଢ଼ାଯିବ ଏବଂ ଏଥିରେ ଦକ୍ଷ ପରିବହନ ବ୍ୟବସ୍ଥା, କମ୍ ଯାତାୟାତ ସମୟ ଓ ମିଶ୍ରିତ ଜମି ବ୍ୟବହାରର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ। ‘ସମସ୍ତଙ୍କ ପାଇଁ ଗୃହ’ ଲକ୍ଷ୍ୟ ପୂରଣ ପାଇଁ ବିଭିନ୍ନ ଆୟ ସ୍ତରର ଲୋକଙ୍କ ପାଇଁ ସୁଲଭ ଓ ବିବିଧ ଗୃହ ବ୍ୟବସ୍ଥା ଏକ ପ୍ରମୁଖ ଦିଗ ହେବ। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ, ଏହି ସହର ଆଧୁନିକ ସୁବିଧା ସହିତ ତିଆରି ହେବ। ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ପ୍ଲଗ୍-ଆଣ୍ଡ-ପ୍ଲେ ଇନୋଭେସନ୍ ହବ୍, ଆଇଡିଆ ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର ଅନ୍ତର୍ଭୁକ୍ତ ହେବ। ସେ ଆହୁରି କହିଛନ୍ତି ଯେ, ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟୱେ ପ୍ଲାଜା, କ୍ରିଏଟିଭ୍ ପ୍ଲେସମେକିଙ୍ଗ୍ ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ, ସବୁଜ ଭିତ୍ତିଭୂମି ଓ ସାମଗ୍ରିକ ଜୀବନମାନର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟ କରିବ। ବିଡିଏକୁ ଏହି ପ୍ରକଳ୍ପର ନୋଡାଲ୍ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହା ଭୁବନେଶ୍ୱରର ପରିଯୋଜିତ ପ୍ରସାରଣକୁ ନିର୍ଦ୍ଦେଶିତ କରିବ, ଅନିୟନ୍ତ୍ରିତ ସହରୀ ବିସ୍ତାରକୁ ରୋକିବ ଏବଂ ଭିତ୍ତିଭୂମିକୁ ମଜବୁତ୍ କରିବ। ଏହା ଚାକିରି ସୁଯୋଗ ସୃଷ୍ଟି କରିବ, ବିନିଯୋଗ ଆକର୍ଷିତ କରିବ ଏବଂ ସମସ୍ତ ବର୍ଗର ଲୋକଙ୍କ ପାଇଁ ସୁଲଭ ଗୃହ ଓ ଆବଶ୍ୟକୀୟ ସମ୍ପ୍ରଦାୟିକ ସୁବିଧା ଯୋଗାଇ ଅନ୍ତର୍ଭୁକ୍ତିମୂଳକ ବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଡେପୁଟି କମିଶନର ତଥା ନିୟୁ ସିଟି (ନୂଆ ସହର) ନୋଡାଲ୍ ଅଧିକାରୀ ଭବତାରଣ ସାହୁ, ଆସୋସିଏଟ୍ ଟାଉନ୍ ପ୍ଲାନର୍ ଓମକାର ମହାନ୍ତି, ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର୍ ମାନସୀ ମହାନ୍ତି ଓ ପିଏମ୍‌ୟୁ ଟିମ୍ ଲିଡର୍ ଅଜୟ ଝା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଅଭିଯାନ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍‌:** ଓଡ଼ିଆ ପକ୍ଷ ପାଳନ ଅବସରରେ ଏପ୍ରିଲ ମାସ ୮ ତାରିଖରେ ହେବାକୁ ଥିବା ‘ରକ୍ତଦାନ ଅଭିଯାନ’ ପାଳନକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ବୈଠକଟି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ଦିନ ରାଜ୍ୟରେ ରକ୍ତ ସଂଗ୍ରହ ସହ ସୁରକ୍ଷିତ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି ଓ ସମସ୍ତ ଜିଲ୍ଲାରେ ବ୍ୟାପକ ରକ୍ତଦାନ ଶିବିର ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେ ଜିଲ୍ଲା ପ୍ରଶାସନ ଓ ସମ୍ବନ୍ଧିତ ବିଭାଗମାନଙ୍କୁ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଆ ପକ୍ଷ ପାଳନରେ ଏହି ରକ୍ତଦାନ ଦିବସକୁ ଜନସାଧାରଣଙ୍କ ସହଭାଗୀତାରେ ସଫଳ କରାଇବା ନିମନ୍ତେ ସେ କହିଥିଲେ।

ବୈଠକରେ ରକ୍ତଦାନ ଶିବିରମାନଙ୍କର ସୁପରିଚାଳନା, ଆବଶ୍ୟକ ଔଷଧ ତଥା ରକ୍ତଦାତାମାନଙ୍କ ସୁବିଧା ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ସଚିବ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭାଗର ସମ୍ପୃକ୍ତ ଅଧିକାରୀ, ରେଡ଼କ୍ରସର ଅଧିକାରୀମାନେ ଉପସ୍ଥିତ ଥିଲେ।

ନିତିଦିନ NITIDIN



**ପାଣିରେ ପଡ଼ିଲା ସରକାରଙ୍କ ୭୪ଲକ୍ଷ ଟଙ୍କା !**

# ୭ ବର୍ଷ ପରେ ବି ଛାତ୍ରୀନିବାସ ଅଚଳ

**କଣ୍ଟିଲୋ,୩୧।୩/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ତଥା ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ଗ୍ରାମରେ ଅବସ୍ଥିତ ଏକ ମାତ୍ର କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଆଖ ପାଖ ୭/୮ ଗୋଟି ପଞ୍ଚାୟତର ଛାତ୍ରୀମାନେ ପାଠ ପଢିବା ସହିତ ରହିବା ଖାଇବାର ସୁବିଧା ପାଇଁ ୭ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଅନୁସୂଚିତ ଛାତ୍ରୀନିବାସ ଆଜି ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ପାରିନି। ଯେଉଁଥି ପାଇଁ ସରକାରଙ୍କ ୭୪ ଲକ୍ଷ ଟଙ୍କା ପାଣିରେ ପଡ଼ି ବେକାର ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ଜଣାପଡିଛି ଯେ, ୨୦୧୯ ମସିହାରେ ଏହି ବାଳିକା ଉଚ ବିଦ୍ୟାଳୟରେ କଣ୍ଟିଲୋ ଆଖ ପାଖ ୭/୮ ଗୋଟି ପଞ୍ଚାୟତର ୪୦୦ ଛାତ୍ରୀ ମାନଙ୍କ ମଧ୍ୟରୁ ୧୦୦ଜଣ ଛାତ୍ରୀ ମାନଙ୍କର ରହିବା, ଖାଇବା ଓ ପାଠ ପଢ଼ିବା ପାଇଁ ତତ୍କାଳୀନ ସରକାର ୭୪ଲକ୍ଷ ଟଙ୍କା ବ୍ୟୟରେ ଏକ ଅନୁସୂଚିତ ଛାତ୍ରୀନିବାସ ନିର୍ମାଣ କରିଥିଲେ। କିନ୍ତୁ କୋଭିଡ୍ ସମୟେ ଲକ୍ ଡାଉନ୍ ହେବା ଯୋଗୁ କୌଣସି ଛାତ୍ରୀ ରହୁନଥିବା ନଜିର ଅଛି। କୋଭିଡ୍ ଯିବା ପରେ ଏହି ଛାତ୍ରୀନିବାସର ରକ୍ଷଣ ବ୍ୟେକ୍ଷଣ ଅଭାବ ଯୋଗୁ ପ୍ରତ୍ୟେକ କୋଠରୀରେ ଉଇ ଲାଗିବା ସହିତ ବାହାରେ ବିଭିନ୍ନ ପ୍ରକାର ଅନାବନା ଗଛ ଉଠି ଜଙ୍ଗଲ ସଦୃଶ୍ୟ ହୋଇ ବିପଦ ସଙ୍କୁଳ ହୋଇପଡ଼ିଛି। ଯାହା ଫଳରେ ବିଷଧର ସରିସୃପମାନଙ୍କର ସ୍ଥାୟୀ ବାସ ସ୍ଥାନ ପାଲଟିଛି। ଏପଟେ ପୁରାତନ ବିଦ୍ୟାଳୟର ଦୁଇ ମହଲା ଛାତରୁ ଛେଲା ଛେଲା ସିମେଣ୍ଟ ଖଣ୍ଡ ଛାଡ଼ି ଛାତରେ ପଡ଼ିଥିବା ଲୁହା ଛଡ ଦେଖାଯିବା ସହିତ ବିପଦ ସଙ୍କୁଳ ଶ୍ରେଣୀ ଗୃହରେ ଛାତ୍ରୀମାନେ ପାଠ ପଢୁଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଛାତ୍ରୀନିବାସରେ ଛାତ୍ରୀ ରହି ପାଠ ପଢ଼ିବା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ରହିବା ପାଇଁ ଉକ୍ତ ନିବାସର ମରାମତି କରିବା ସହିତ ଆବଶ୍ୟକୀୟ ସମସ୍ତ ପ୍ରକାର ସୁବିଧା କରିବା ପାଇଁ ନୟାଗଡ଼ ଶିକ୍ଷା ବିଭାଗ ଓ ଜିଲ୍ଲାପାଳଙ୍କ ନିକଟରେ ଛାତ୍ରୀମାନଙ୍କର ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



## ରାମଲୀଳାର ପଞ୍ଚମ ସନ୍ଧ୍ୟାରେ ଭରତ ମିଳନ



**ମୁଣ୍ଡମୁହାଣ,୩୧।୩/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଝାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିଚରିତ ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ରାମଲୀଳା ନାଟକ ଶ୍ରୀଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି। ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ଭରତ ମିଳନ ଓ ବିରାଧ ବଧ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାଇ ପ୍ରତି ସ୍ନେହ, ଭକ୍ତିର ଚରମ ନିଦର୍ଶନ ଦେଖିବାକୁ ମିଳିଥିଲା, ଆଜିର ରାମଲୀଳାରେ ମିଳନ ଦୃଶ୍ୟରେ ଭାବବିହ୍ୱଳ ଦର୍ଶକଙ୍କ ଆଖିରୁ ଲୁହ ଝରି ଆସିଥିଲା। ବିଭିନ୍ନ ଭୂମିକାରେ ଭରତ ବାରିକ( ରାମ), ପ୍ରସନ୍ନ ପରିଡ଼ା (ସୀତ), ଶିବ ମଙ୍ଗରାଜ (ଲକ୍ଷ୍ମଣ) କୁଶ ମହାପାତ୍ର (ବିରାଧ), ସନ୍ତୋଷ ପ୍ରଧାନ (ଭରତ), ଅନିଲ୍ ପରିଡା (ଶତ୍ରୁଘ୍ନ), ପ୍ରମୋଦ ମହାପାତ୍ର (ସୁପର୍ଣ୍ଣଖା), ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକ ମଞ୍ଚ ନିକଟରେ ରାମଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଥିଲେ।

## ସ୍କାଉଟ୍ସ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାନୀୟଜଳ ବଣ୍ଟନ



**ଚରିଛକ,୩୧।୩/ଏନ୍ଏନ୍ଏସ୍:** ଚରିଛକ ନିକଟସ୍ଥ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋର ସ୍କାଉଟ୍ସ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦହି ସରବତ ଓ ପାନୀୟ ଜଳ ବଣ୍ଟନ କରାଯାଇଛି। ଆଜି କାନପୁରସ୍ଥିତ ମାଇପିମେଳା ଦେଖିବାକୁ ଯାଉଥିବା ଶତାଧିକ ଶ୍ରଦ୍ଧାଳୁ ମାନଙ୍କୁ ଛାତ୍ରଛାତ୍ରୀଙ୍କ ତରଫରୁ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଇଛି। ବରିଷ୍ଠ ଶିକ୍ଷକ ଶିବଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍କୁଲ ନିକଟସ୍ଥ କାନପୁର ଦେଇ ରାସ୍ତାରେ ମାଇପିମେଳାକୁ ଯାଉଥିବା ଶ୍ରଦ୍ଧାଳୁମାନେ ଦହି ସରବତ ପିଇ ବେଶ ଆତ୍ମସନ୍ତୋଷ ଲାଭ କରିଥିଲେ। ମାଇପିମେଳାର କର୍ମକର୍ତ୍ତା ଠାରୁ ଆରମ୍ଭକରି ଅଞ୍ଚଳବାସୀମାନେ ଏହି ମହତ କାର୍ଯ୍ୟ ପାଇଁ ଶିବ ସାରଙ୍କ ସମେତ ସମସ୍ତ ସ୍କାଉଟ୍ସ ଗାଇଡ୍ସ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି।

## ତିନି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମୁଣ୍ଡମୁହାଣ,୩୧।୩/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ପାତ୍ରପଡ଼ା, ବ୍ରହ୍ମକୁଣ୍ଡଳ ଏବଂ ଛତାବର ପଞ୍ଚାୟତର ତିନିଜଣ ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାତ୍ରପଡ଼ା ଭଗବାନ ପୁର ସରକାରୀ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଲିପିକା ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଢଶାଣୀ ଯୋଗ ଦେଇଥିବା ସ୍ଥଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ଜଗବନ୍ଧୁ ସାହୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଶିକ୍ଷୟିତ୍ରୀ ଲିପିକା ଦାସ୍ଙ୍କ ଦୀର୍ଘ ତିନିଦଶନ୍ଧିରୁ ଉର୍ଦ୍ଧ୍ୱ ଶିକ୍ଷକତା ଜୀବନର ଗୁଣଗାନ କରି ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ସେହିପରି ଭାବେ ଜଟଣୀ ବ୍ଲକ ଛତାବର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌରଚରଣ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ପ୍ରସନ୍ନ କୁମାର ସୁବୁଦ୍ଧିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ବାହିନୀ ପତିଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ଉତ୍ସବରେ ଛତାବର ଗ୍ରାମ ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ ଯୋଗଦେଇ ଶ୍ରୀ ସୁବୁଦ୍ଧିଙ୍କ ସମୟାନୁବର୍ତ୍ତୀତା, ଛାତ୍ର ବତ୍ସଳତା ଓ ଉଚ୍ଚକୋଟୀର ଶିକ୍ଷାଦାନ ଶୈଳୀର ଭୂୟଶ୍ରୀ ପ୍ରଶଂସା କରିଥିବା ବେଳେ ଏହି ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରୁଥିବା ଶିକ୍ଷକ ମାନଙ୍କ ଅବସର ପରବର୍ତ୍ତୀ ସମୟ ପାଇଁ ପେନ୍ସନ୍ ଭଳି କୌଣସି ଆର୍ଥୀକ ସହାୟତାର ସରକାରୀ ବ୍ୟବସ୍ଥା ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ରାଜଧାନୀ ଉପକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ବ୍ରହ୍ମକୁଣ୍ଡଳର ପ୍ରଧାନଶିକ୍ଷକ ଶଙ୍କର ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାମିନା ସେଠୀଙ୍କ ସଂଯୋଜନା ତଥା ଜଗମୋହନ ଉଚ୍ଚବିଦ୍ୟାଳୟ, ବ୍ରହ୍ମକୁଣ୍ଡଳର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶଙ୍କର ବେହେରାଙ୍କ ୩୬ବର୍ଷର ଶିକ୍ଷକତା କାଳରେ ଉତ୍ତମ ଛାତ୍ର ଗଠନରେ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ମତ ଦେଇଥିଲେ। ଶିକ୍ଷକ ଜିତେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବାଉରିବନ୍ଧୁ ରାଉତରାୟ ସହଯୋଗ କରିଥିଲେ।

## ସାନପଦର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ବୋଲଗଡ଼,୩୧।୩/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ଉପସ୍ଥିତରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ସାନପଦର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' ସ୍ଥାନୀୟ ଭକ୍ତ ଚରଣ କଲ୍ୟାଣ ମଣ୍ଡପ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନା ସବୁର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗ ଶୁଣାଣି ନେଇ ଆୟୋଜନ ହୋଇଥିଲା। ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ରତିକାନ୍ତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲଦାର ବିଜୟ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ, କର୍ମଚାରୀ ମାନେ ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟ କାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ପଂଚାୟତ ନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡା ଓ ସୁଶାନ୍ତ କୁମାର ଦାଶ ଏଡିଇଓ ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୧୦୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୯୦ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବଳକା ୧୪ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା ଆଦି ବିଭାଗ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ମୁଖ୍ୟକିରାଣି ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲଙ୍କାପୋଡ଼ି ଯାତ୍ରାର ପଞ୍ଚମ ସନ୍ଧ୍ୟାରେ ଶ୍ରୀରାମ ବନବାସ ଓ ଭରତ ମିଳନ

**ଦଶପଲ୍ଲା,୩୧।୩/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦଶପଲ୍ଲାର ଐତିହାସିକ ଲଙ୍କାପୋଡି ଯାତ୍ରା ପଞ୍ଚମ ଦିବସରେ ପହଞ୍ଚିଛି। ପିତୃ ଶ୍ରାଦ୍ଧ ପାଇଁ ଗଣ୍ଡାବନ୍ଧ ପରେ ପଞ୍ଚମ ଦିବସରେ ଶ୍ରୀରାମ ବନବାସ ଓ ଭରତ ମିଳନ ନାଟକ ମୁଖ୍ୟ ମଞ୍ଚରେ ଅନୁଷ୍ଠିତ ହୋଇଛି। ଠାକୁରଙ୍କ ରୀତିନୀତି ଅନୁଯାୟୀ ଦିନରେ ମନ୍ଦିର ପରିସରରେ ଶ୍ରୀରାମ ବନବାସ ଅନୁଷ୍ଠିତ ହୋଇଥିବା ବେଳେ ରାତିରେ ମୁଖ୍ୟ ମଞ୍ଚରେ ରାମଲୀଳା ଅଭିନୟ କରୁଥିବା କଳାକାରମାନଙ୍କ ଦ୍ୱାରା ଶ୍ରୀରାମ ବନବାସ ଓ ଭରତ ମିଳନ ନାଟକ ମଞ୍ଚସ୍ଥ ହୋଇଥିଲା। ରାମାୟଣ କଥା ବସ୍ତୁ ଅନୁଯାୟୀ ଦଶରଥ ଆପଣାର ପାରିଷଦ ବର୍ଗଙ୍କ ମତାମତ ନେଇ ରାମଚନ୍ଦ୍ରଙ୍କୁ ଯୁବରାଜ ଭାବରେ ଅଭିଷେକ କରିବାକୁ ମନସ୍ଥ କରନ୍ତି। ଏ ଖବର ସାରା ରାଜ୍ୟରେ ରୋମାଞ୍ଚକର ତଥା ମଧୁର ବାତାବରଣ ଖେଳିଯାଏ। ମାତ୍ର ଏତିକି ବେଳେ ମହାରାଣୀ କୈକେୟୀଙ୍କ ଦାସୀ ମନ୍ଥରା ଏକ ଚକ୍ରାନ୍ତ କରେ, ଭରତଙ୍କୁ ରାଜା କରିବା ପାଇଁ ପୂର୍ବେ ଶନିଷ୍ଟର ଯୁଦ୍ଧ ବେଳେ ମହାରାଣୀ କୈକେୟୀ ରାଜା ଦଶରଥ ଙ୍କୁ ସହାୟତା କରି ଦୁଇଟି ବରପ୍ରାପ୍ତ ହୋଇଥିଲେ। ସେହି ବରରେ କୈକେୟୀ ଭରତଙ୍କୁ ରାଜା କରିବେ ଓ ଶ୍ରୀରାମଙ୍କୁ ବନବାସୀ କରିବାକୁ ବର ମାଗିଥିଲେ ଓ ପ୍ରଥମ ବରରେ ଭରତ ରାଜା ହେବ ଓ ଦ୍ୱିତୀୟ ବରରେ ରାମଚନ୍ଦ୍ର ୧୪ବର୍ଷ ବନବାସ କରିବେ। ମହାରାଜା ଦଶରଥ ଏହାଶୁଣି ମର୍ମାହତ ହୁଅନ୍ତି। ମାତ୍ର, ରାମଚନ୍ଦ୍ର ଏକଥା ଜାଣିପାରି ସ୍ୱଇଚ୍ଛାରେ ବନ ଗମନ ପାଇଁ ବାହାରି ପଡ଼ନ୍ତି। ପତିବ୍ରତା ସୀତା ଓ ଭାଇ ଲକ୍ଷ୍ମଣ ମଧ୍ୟ ଶ୍ରୀରାମଙ୍କ ସହ ବନଗମନ କରନ୍ତି। ହେଲେ ଏତେବଡ଼ ଦୁଃଖକୁ ରାଜା ଦଶରଥ ସହ୍ୟ କରିପାରନ୍ତି ନାହିଁ। ଶେଷରେ ସେ ଦାରୁଣ ଦୁଃଖରେ ମ୍ରିୟମାଣ ହୋଇ ପ୍ରାଣତ୍ୟାଗ କରନ୍ତି। ସେତେବେଳେ ଯୁବରାଜ ଭରତ ଓ ସାନଭାଇ ଶତ୍ରୁଘ୍ନ ମାମୁ ଘରେ ଥାଆନ୍ତି। ଶ୍ରୀରାମଙ୍କ ବନବାସ ଖବର ପାଇ ଭରତ ନଅରକୁ ପ୍ରତ୍ୟାବର୍ତ୍ତନ କରି ଦୁଃଖରେ ଭାଙ୍ଗି ପଡ଼ନ୍ତି ଓ ମା ମନ୍ଥରାକୁ ଦଣ୍ଡ ଦିଅନ୍ତି। ଶେଷରେ ପିତୃକାର୍ଯ୍ୟ, ଶୁଦ୍ଧିକ୍ରିୟା ସମାପନ ପରେ ଚତୁରାଙ୍ଗ ବଳନେଇ ଚିତ୍ରକୁଟ ଗମନ କରନ୍ତି। ଶ୍ରୀରାମଙ୍କୁ ଫେରାଇ ଆଣିବା ପାଇଁ ଚିତ୍ରକୁଟରେ ଶ୍ରୀରାମ-ଭରତ ମିଳନ ହୁଏ। ମାତ୍ର ଶ୍ରୀରାମ ପ୍ରତ୍ୟାବର୍ତ୍ତନ କରିବାକୁ ମନା କରନ୍ତି। ଭରତ ଶ୍ରୀରାମଙ୍କ କଠଉ ନେଇ ଫେରି ଆସନ୍ତି। କଠଉକୁ ସିଂହାସନରେ ବସାଇ ନିଜେ ସନ୍ନ୍ୟାସୀ ପରି ନନ୍ଦି ଗ୍ରାମରେ ରହି ରାଜ୍ୟଭାର ଦେଖାଶୁଣା କରନ୍ତି। ଏଭଳି ଦୃଶ୍ୟ ଉପସ୍ଥିତ ଦର୍ଶକମାନେ ବେଶ ଉପଭୋଗ କରିଥିବା ବେଳେ ଶ୍ରୀରାମଙ୍କ ବନବାସ ଓ ରାଜା ଦଶରଥଙ୍କ ମୃତ୍ୟୁ ଦର୍ଶକଙ୍କ ମଧ୍ୟରେ ଦୁଃଖଦ ପରିବେଶ ସୃଷ୍ଟି କରିଥିଲା।

## ବ୍ଲକ୍‌ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ନୟାଗଡ଼,୩୧।୩/ଏନ୍ଏନ୍ଏସ୍:** ଗତ ପାଞ୍ଚ ଦିନ ଧରି ନୟାଗଡ଼ ବ୍ଲକ ଅନ୍ତର୍ଗତ ଶ୍ୟାମବନ୍ଧୁ ସରକାରୀ ହାଇସ୍କୁଲ, ମାଛିପଡ଼ା ଠାରେ ଚାଲିଥିବା ବ୍ଲକ ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦଯାପିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ବିଦ୍ୟାଳୟ ଶିକ୍ଷା-୨୦୨୫କୁ ଆଧାର କରି ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ ଆସନ୍ତା ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକର ଆମୂଳଚୂଳ ପରିବର୍ତ୍ତନ କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷାକ୍ରମ ଢାଞ୍ଚାକୁ ପରିବର୍ତ୍ତନ କରାଯାଇ ନୂତନ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ସେହି ଅନୁସାରେ ଶିକ୍ଷା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ମାତୃଭାଷାରେ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦିଆଯିବା ସହିତ ଉଚ୍ଚ ଶିକ୍ଷାରେ ପରିବର୍ତ୍ତନ, ନିୟମିତ ଶିକ୍ଷକ ପ୍ରଶିକ୍ଷଣ ତଥା ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଏବଂ ମୂଲ୍ୟାୟନ ସହିତ ପାଠପଢା, କୌଶଳ, ଆଚରଣ ଏବଂ ସୃଜନଶୀଳତାର ମୂଲ୍ୟାୟନ ଉପରେ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଧନେଶ୍ୱର ସେଠିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ୫ ଦିନିଆ ପ୍ରଶିକ୍ଷଣ ଶିବିରରେ ୯୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିବା ବେଳେ ପ୍ରଶିକ୍ଷକ ଭାବେ ବରିଷ୍ଠ ଶିକ୍ଷକ ଦୁର୍ଗାକାନ୍ତ ଆଚାର୍ଯ୍ୟ ଏବଂ ଅଶୋକ କୁମାର ମଲ୍ଲ ପରିଚାଳନା କରିଥିଲେ।

## ଅଗ୍ନିବୀର ପାଇଁ ସଚେତନତା କାର୍ଯ୍ୟକ୍ରମ

**ପୁରୀ,୩୧।୩/ଏନ୍ଏନ୍ଏସ୍:** ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅଗ୍ନିପଥ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନକାରୀ ଯୋଜନାର ଏକ ସଚେତନତା କାର୍ଯ୍ୟକ୍ରମ ଗୋପୀନାଥ ଦେବ ଡିଗ୍ରୀ କଲେଜରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଦର୍ଶନ ମହାରଥୀ ଅଧ୍ୟକ୍ଷତା କରିଥିଲେ। ଅଗ୍ନିପଥ ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନକାରୀ ଯୋଜନା ଯାହା ଅଧୀନରେ ଚୟନ ହୋଇଥିବା ଯୁବକମାନଙ୍କୁ ଅଗ୍ନିବୀର ବୋଲି କୁହାଯାଏ ବୋଲି କହି ପିଲାମାନଙ୍କର ମାର୍ଗଦର୍ଶନ କରିଥିଲେ। ଏହା ଏକ ସ୍ୱଳ୍ପକାଳୀନ ନିଯୁକ୍ତି ଯୋଜନା ହେଲେ ମଧ୍ୟ ଯୁବକ ମାନଙ୍କ ଜୀବନକୁ ଶୃଙ୍ଖଳିତ ତଥା କୁଶଳୀ କାର୍ଯ୍ୟଶକ୍ତି ଭାବେ ଗଢି ତୋଳିବାରେ ଏହାର ଭୂମିକାକୁ ନୋଡାଲ ଅଫିସର ହେମନ୍ତ କୁମାର ପ୍ରଧାନ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ଅଷ୍ଟମ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବୋଲଗଡ଼,୩୧।୩/ଏନ୍ଏନ୍ଏସ୍:** ବୋଲଗଡ ଶିକ୍ଷାବ୍ଲକ ଅନ୍ତର୍ଗତ ଘୋରାଡ଼ିଆସ୍ଥିତ ମୋହନ ସତ୍ୟପ୍ରିୟ ବିଧାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୋଲଗଡ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଅମିତା ମିଶ୍ର, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଆଲୁମିନା ଛାତ୍ର ପ୍ରତାପ ବିଧାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଶ୍ୱଜିତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ନନ୍ଦ ବେଦମନ୍ତ୍ର ପାଠକରି ପରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ମାନେ ବିଦାୟକାଳୀନ ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ବିଦ୍ୟାଳୟ ତରଫରୁ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ଉପହାର ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ଓ ଶିକ୍ଷକ ବିଶ୍ୱରଞ୍ଜନ ସାହୁ ସଂଯୋଜନା କରିଥିଲେ। ଉତ୍ସବରେ ବୋଲଗଡ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ ସରକାରୀ ଜରୁରୀକାଳୀନ କାର୍ଯ୍ୟ ପାଇଁ ଅନୁପସ୍ଥିତ ରହିଥିବା ସତ୍ତ୍ୱେ ମୋବାଇଲ ଭିଡିଓ ଜରିଆରେ ବିଦାୟୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଶୀର୍ବାଦର ବାର୍ତ୍ତା ପ୍ରଦାନ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଜସ୍ମିନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ

**ପୁରୀ,୩୧।୩/ଏନ୍ଏନ୍ଏସ୍:** ବାଲିପୁଟ ସ୍ଥିତ ଶାସ୍ତ୍ରୀସ୍ମୃତି ଡ଼ିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଅନୁଷ୍ଠିତ ସାତ ଦିନିଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଆଜି ଉଦଯାପିତ ହୋଇଯାଇଛି। ମାର୍ଚ୍ଚ ୨୫ତରିଖରୁ ଆରମ୍ଭ ହୋଇଥିବା ଏ ଶିବିର ତରଫରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ ସ୍ୱେଚ୍ଛାସେବୀ ମାନଙ୍କୁ ସେବାର ମହତ୍ତ୍ୱ ବୁଝାଇଥିଲେ। ଅଧ୍ୟକ୍ଷା ରୀତା ମହାନ୍ତି ସ୍ୱେଚ୍ଛାସେବୀ ମାନଙ୍କ କାର୍ଯ୍ୟର ପ୍ରଶଂସା କରିବା ସହିତ ସେମାନଙ୍କୁ ସଚେତନ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ବିକଳ୍ପ ଚିକିତ୍ସା ଓ ପରିବେଶ ସୁରକ୍ଷା ଇତ୍ୟାଦି ପ୍ରସଙ୍ଗ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ପବିତ୍ର ମୋହନ ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏ ଉତ୍ସବରେ ସୁନୀତା ମହାନ୍ତି, ସୁଶାନ୍ତ କୁମାର ଭୂୟାଁ, ସୁଜାତା ସ୍ୱାଇଁ, ପ୍ରଜ୍ଞାପ୍ରକାଶ ପରିଡା, କମଳ କୁମାର ଦାସ ପ୍ରମୁଖ ସହାୟତା କରିଥିଲେ।

## ଆଠଗଡ଼ ଓକିଲ ସଂଘ ନିର୍ବାଚନ

**ଆଠଗଡ଼,୩୧।୩/ଏନ୍ଏନ୍ଏସ୍:** ଆଠଗଡ ଓକିଲ ସଂଘର ଚଳିତ ବର୍ଷର ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ନିର୍ବାଚନରେ ସଭାପତି ଭାବେ ଜଗଦାନନ୍ଦ ତ୍ରିପାଠୀ ଏବଂ ସମ୍ପାଦକ ଭାବେ ବନବିହାର ସାହୁ ନିର୍ବାଚିତ ହୋଇଛନ୍ତି। ଜଗଦାନନ୍ଦ ପଞ୍ଚମ ଥର ପାଇଁ ସଭାପତି ହୋଇଥିବା ବେଳେ ବନବିହାରୀ ସାହୁ ମଧ୍ୟ ନବମ ଥର ପାଇଁ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ସାହୁ ନିର୍ବାଚନ ପରିଚାଳନା କରିଥିଲେ। ମୋଟ ୧୪୯ ଖଣ୍ଡ ଭୋଟ ଥିବା ବେଳେ ୧୩୯ଜଣ ଆଇନଜୀବୀ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ସେହିଭଳି ଉପସଭାପତି ପଦବୀରେ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ ମଧ୍ୟ ପଞ୍ଚମ ଥର ପାଇଁ ବିଜୟୀ ହୋଇଛନ୍ତି। ଅନ୍ୟ ସମସ୍ତ ପଦବୀର ପାର୍ଥୀମାନେ ନିଦ୍ୱନ୍ଦରେ ବିଜୟୀ ହୋଇଛନ୍ତି। ଯୁଗ୍ମ ସଂପାଦକ ଭାବେ ରଞ୍ଜନ କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ଶ୍ରୀନିବାସ ଦାସ, ସହସଂପାଦକ, ସୁପ୍ରଭା ଦୋରା ଏବଂ କାର୍ଯକାରିଣୀ ସଦସ୍ୟ ଭାବେ ରାଜେନ୍ଦ୍ର ନାରାୟଣ ମହାପାତ୍ର ଏବଂ ଦୀପାଳୀ ଦାସ ରହିଛନ୍ତି। ନିର୍ବାଚନ କୁ ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର, ସୁଜିତ ପଟ୍ଟନାୟକ ଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଆଇନଜୀବୀ ସଂଘଠନକୁ ଅଧିକରୁ ଅଧିକ ମଜବୁଦ୍ଦ୍ଦ୍ କରିବା ସହିତ ଆଇନଜୀବୀ ମାନଙ୍କ ର ଥିବା ବିଭିନ୍ନ ଆବଶ୍ୟକତା କୁ ପୁରା କରିବା ପାଇଁ ସମସ୍ତ କାର୍ଯ୍ୟ କରାଯିବ ବୋଲି ନବନିର୍ବାଚିତ ସଭାପତି ଓ ସଂପାଦକ ପ୍ରକାଶ କରିବା ସହିତ ପୁନର୍ବାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଜାତୀୟ କନିଷ୍ଠସ୍ତରୀୟ ଖୋ ଖୋ ଉଦ୍‌ଘାଟିତ

**ଆଠଗଡ଼,୩୧।୩/ଏନ୍ଏନ୍ଏସ୍:** ଜାତୀୟ ଜନିଷ୍ଠ ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଆଠଗଡ ମହୋତ୍ସବ ପଡିଆଠାରେ ଗତ କାଲି ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ଖୋ ଖୋ ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ପୌରହିତରେ ଅନୁଷ୍ଠିତ ଏହି ଖୋ ଖୋ ପ୍ରତିଯୋଗିତାକୁ ଉପଜିଲ୍ଲାପାଳ ପ୍ରହଲାଦ ନାରାୟଣ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟିତ କରିଥିଲେ ଏବଂ ଖେଳାଳିମାନେ ନିଜର ଖେଳ ନୈପୁଣ ଦେଖାଇବା ପାଇଁ ପ୍ରୋତ୍ସାହିତ କରିଥିଲେ। ଜାତୀୟ ଖୋ ଖୋ ପକ୍ଷରୁ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତା ରାଜ୍ୟ ଖୋ ଖୋ ଆଠଗଡ ଖୋଖୋ ଅସୋସିଏସନର ସହାୟତାରେ ଅନୁଷ୍ଠିତ ହେଉଛି। ଏହି ଜାତୀୟ ପ୍ରତିଯୋଗିତାରେ ୨୭ ଗୋଟି ରାଜ୍ୟରୁ ୮୦୦ରୁ ଉର୍ଦ୍ଧ୍ୱ ଖେଳାଳି ଏବଂ ୨୫୦ ପ୍ରଶିକ୍ଷକ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ସମସ୍ତ ଖେଳାଳିମାନଙ୍କ ଦ୍ୱାରା ଏକ ବିଶାଳ ମଶାଲ ଯାତ୍ରା ସ୍ଥାନୀୟ ଝୁଲଣ ପଡିଆରୁ ବାହରି ସହର ପରିକ୍ରମା କରି ମହୋତ୍ସବ ପଡିଆଠାରେ ପହଞ୍ଚିଥିଲା। ଉଦଘାଟନୀ ସଂଧ୍ୟାରେ ବିଶିଷ୍ଟ ସମାଜସେବୀ ତଥା ଅଭିନବ ଭାରତ ସଭାପତି ବିଭୁତି ଭୂଷଣ ମିଶ୍ର ଏବଂ ଜାତୀୟ ଖୋଖୋର ସଭାପତି ଅଭିମନ୍ୟୁ ସିଂହ, ପ୍ରତିଷ୍ଠାତା ସୁରେଶ ଶର୍ମା, ସମ୍ପାଦକ ଦେବେନ୍ଦ୍ର ପ୍ରତାପ ସିଂହ ଡିନ୍ ଅଧ୍ୟକ୍ଷ ସବ୍ୟସାଚୀ ମଶ୍ର, ଉତ୍କଳ ଇଣ୍ଟରନାସ୍‌ନାଲ୍‌ର ସଭାପତି ଡଃ ପ୍ରତ୍ୟୁଷ ବେହେରା, ପ୍ରଗତି ବେହରା, ଆଠଗଡ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତାଙ୍କ ସମେତ ଖୋ ଖୋର ରାଜ୍ୟ ଓ ଜାତୀୟ ସ୍ତରର ବହୁ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜ୍ୟ ଉପସଭାପତି ମନୋରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିକ୍ରମ ରାୟ ଧଳ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରସିଦ୍ଧ ବାହୁଡ଼ା ଦାସ ମଠ ଯଜ୍ଞ ଆରମ୍ଭ

**ଫୁଲନଖରା,୩୧।୩/ଏନ୍ଏନ୍ଏସ୍:** ସଦର ଥାନା ବ୍ରାହ୍ମଣଝରିଲୋ ଅନ୍ତର୍ଗତ କୁଶକଣ୍ଠାଠାରେ ଥିବା ପୁରାଣ ପ୍ରସିଦ୍ଧ ବାହୁଡ଼ା ଦାସ ମଠ ଯଜ୍ଞ ଆରମ୍ଭ ହୋଇଛି। କର୍ତ୍ତା ଅଜୟକୁମାର ପାତ୍ର ଓ ନିର୍ମଳା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞୋତ୍ସବରେ ପ୍ରତ୍ୟେହ ଭଜନ, କୀର୍ତ୍ତନ, ପ୍ରବଚନ ଓ ବାହୁଡ଼ା ଭଜନ ଆଦି ପରିବେଷଣ ହେଉଛି। ପଣ୍ଡିତ ପ୍ରଭାତ ଶତପଥିଙ୍କ ନେତୃତ୍ୱରେ ଯଜ୍ଞକାର୍ଯ୍ୟ ପରିଚାଳିତ ହେଉଥିଲାବେଳେ ଆରାଧ୍ୟା କଲଚରାଲ ଏକାଡ଼େମୀ ଅଧ୍ୟକ୍ଷ ସନ୍ତୋଷକୁମାର ଜେନା, ସଭାପତି ସୁରେନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରତାପକେଶରୀ ପାତ୍ର, ରତ୍ନାକର ଓଝା, ପଦିଆ ବେହେରା, କୈଳାସ ଦାସ, ସୁରେନ୍ଦ୍ର ଦାସ, ମହେଶ୍ୱର ଦାସ, ସୁବାସ ଦାସ ଓ ସସ୍ମିତା ସାହୁ ଏଥିରେ ସହାୟତା କରୁଛନ୍ତି।

**ନିତି ଭାରତୀ** ଭଲ ଗୋଟେ ମାତୃଭାଷା କିସ ହେବ ଭାଇ, ଚଳି ଯାଉଅଛି କାମ ରୁଣ୍ଡାଇପୁଣ୍ଡାଇ, କୁକୁର କି ପାଇଁ ଗୋଟେ ବନାଇବ ଘର, ଚାଟିବୁଲେ ବାରମିଶା ଅଇଁଠା ପତର। - **ବ୍ୟାସକବି ଫକୀର ମୋହନ ସେନାପତି**

# ଉତ୍କଳ ପ୍ରଦେଶର ଅସ୍ମିତା



ଡାକ୍ତର ନକୁଳ ସାହୁ

ଉତ୍କଳ ଦିବସ ଆସିଲେ ଅତୀତର ସ୍ମୃତି ଭୁଲି ହୁଏନା; ବସି ଭାବୁ ଭାବୁ ଲେଖି ହୋଇଯାଏ। କଳିଙ୍ଗ ଏକ ଗୌରବୋଜ୍ଜ୍ୱଳ ସାମ୍ରାଜ୍ୟ ଭାବରେ ପ୍ରତିଷ୍ଠିତ ଥିଲା। ପୂର୍ବରେ ପୁଣ୍ୟତୀର୍ଥ ମହୋଦଧି, ଉତ୍ତରରେ ପବିତ୍ର ସଲିଳା ଗଙ୍ଗା, ପଶ୍ଚିମରେ ଗିରିତୀର୍ଥ ଅମରକଣ୍ଟକ ପର୍ବତମାଳା, ଦକ୍ଷିଣରେ ପବିତ୍ର ତୋୟା ଗୋଦାବରୀ ନଦୀ ସୀମାକୁ ସ୍ପର୍ଶ କରି ବିରାଟ ରଜ୍ୟକୁ ପ୍ରମାଣିତ କରୁଥିଲା। ଆଫଗାନ, ମୋଗଲ, ମରହଟ୍ଟାଙ୍କ ଶାସନ ପରେ ୧୭୬୬ ମସିହାରେ କଳିଙ୍ଗ ଅଞ୍ଚଳ ପରାଧୀନତାକୁ ଚାଲିଗଲା। ସୋମବଂଶୀ, ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାଙ୍କ ରାଜତ୍ୱ କାଳରେ ଓଡ଼ିଶା ଏକ ସୁବିସ୍ତୃତ ଭାରତବର୍ଷର ପୂର୍ବ ଖଣ୍ଡରେ ବିସ୍ତାର ଲାଭ କରିଥିଲା। ଇତିହାସ କୁହେ, ଚୋଡ଼ଗଙ୍ଗ ଦେବଙ୍କ ପରେ ଓଡ଼ିଶାର ଶାସକ ଦୁର୍ବଳ ହୋଇଗଲେ। ଆଫଗାନ୍, ମୋଗଲ, ମରହଟ୍ଟାମାନଙ୍କ ଦ୍ୱାରା ପରାଜିତ ହୋଇଥିଲେ। ମରହଟ୍ଟା ପରେ ୧୮୦୩ ମସିହାରୁ ବ୍ରିଟିଶ୍ କମ୍ପାନୀ ସମଗ୍ର ଓଡ଼ିଶା ଦଖଲ କଲେ। ଏହା ସହ କଳିଙ୍ଗ ନିଜର ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତିର ମର୍ଯ୍ୟାଦା ହରାଇଲା। କଟକ, ପୁରୀ, ବାଲେଶ୍ୱର ଜିଲ୍ଲାଗୁଡ଼ିକ ବଙ୍ଗ-ବିହାରରେ ରହିଲେ। ଉତ୍ତରାଞ୍ଚଳର କିଛି ଅଂଶ ବିହାରରେ ଥିଲା। ସମ୍ବଲପୁର, ପଶ୍ଚିମ ଗଡ଼ଜାତ ସୀମାନ୍ତ ଅଞ୍ଚଳ ମଧ୍ୟପ୍ରଦେଶରେ, ଦକ୍ଷିଣ ମାନ୍ଦ୍ରାଜରେ ଗଞ୍ଜାମ, କୋରାପୁଟ, କଳାହାଣ୍ଡି ରହିଲା। ୧୭୬୬ ମସିହାରୁ ୧୮୬୬ ମସିହା ଯାଏଁ ପାଞ୍ଚମଣିଆ କନ୍ତାର, ତିନିମଣିଆ ମାନ୍ଦ୍ରାଜ ଅଧୀନରେ ରହିଲା। ଉତ୍କଳ ଭାଗ୍ୟାକାଶରେ କିଛି ଉଜ୍ଜ୍ୱଳ ଜ୍ୟୋତିଷ ଉଦୟ ହେଲେ- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ, ଫକୀର ମୋହନ ସେନାପତି, ମଧୁସୂଦନ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ଶଶିଭୂଷଣ ରଥ, ଉତ୍କଳମଣି ଗୋପବନ୍ଧୁ ଦାସ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ହରିହର ମର୍ଦ୍ଦରାଜ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ରାମଚନ୍ଦ୍ର ମର୍ଦ୍ଦରାଜ, ନୀଳମଣି ବିଦ୍ୟାରତ୍ନ, ଶ୍ୟାମସୁନ୍ଦର ରାଜଗୁରୁ, ଅପନ୍ନା ପଣ୍ଡା, ନରସିଂହ ଦାଶ, ରାଧାନାଥ ରଥ- ଏମିତି ଅନେକ। ଗଞ୍ଜାମ, ଜୟପୁର ୨୪ ଗଡ଼ଜାତିର ପ୍ରତିନିଧି ୧୮୭୦ ମସିହାରେ ରସୁଲକୁଣ୍ଡାର ଘୁମୁସର ସମ୍ମିଳନୀ ଗଢ଼ିଲେ। ୧୮୭୨ରେ ଗଞ୍ଜାମର ଓଡ଼ିଆ ହିତବାଦିନୀ ସଭା, ୧୮୭୭ରେ କଟକର ଉତ୍କଳ ସଭା, ୧୮୮୨ରେ ଓଡ଼ିଆ ଆସୋସିଏସନ, ୧୮୮୪ରେ ପାରଳାର ଉତ୍କଳ ହିତୈଷିଣୀ, ୧୮୮୯ରେ ସମ୍ବଲପୁର ହିତୈଷିଣୀ, ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଆଦି ଅନେକ ସଙ୍ଗଠନର ଦୀର୍ଘ ଆନ୍ଦୋଳନ ପରେ ଖଣ୍ଡିତ ଓଡ଼ିଶାଟିଏ ମିଳିଲା। ବିହାର ଓ ଓଡ଼ିଶା ପ୍ରଦେଶ ସେଣ୍ଟ୍ରାଲ ପ୍ରଭିନ୍ସେସ୍ ଓ ମାନ୍ଦ୍ରାସ ପ୍ରେସିଡେନ୍ସି ନିୟନ୍ତ୍ରଣରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶ୍ରଣରେ ଗଠିତ ହୋଇଥିଲା। ୧୯୦୩ ମସିହାରୁ ୧୯୩୬ ଯାଏଁ ଉତ୍କଳ ସମ୍ମିଳନୀର ପଚିଶ ଗୋଟି ଅଧିବେଶନର ଅକ୍ଳାନ୍ତ ପରିଶ୍ରମରୁ ଛଅ ଗୋଟି ଜିଲ୍ଲା- ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁରକୁ ନେଇ ୩୨,୬୯୫ ବର୍ଗ ମାଇଲର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା। ଏକା ଦିନରେ ସିନ୍ଧୁ ପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ବ୍ରିଟିଶ ଗଠନ କରିଥିଲା, କିନ୍ତୁ ଏହା ଭାଷାଭିତ୍ତିକ ନଥିଲା। ହୋଲି, ଦୀପାବଳି ପରି ଉତ୍ସବ ମୁଖର ହୋଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖ ଉତ୍କଳ ପ୍ରଦେଶ ଗଠନ ଦିନ। ରାସ୍ତାଘାଟରେ ତୋରଣମାଳା, ରଙ୍ଗ ବେରଙ୍ଗର ପତାକା, କୋଠାବାଡ଼ି ଆଲୋକ ମାଳାରେ ଝଲସି ଉଠୁଥିଲା। ଓଡ଼ିଶାବାସୀ 'ସାହସିକାଃ କଳିଙ୍ଗାଃ'- ଏହାକୁ ପ୍ରମାଣିତ କରିଥିଲେ ଭାରତ ସ୍ୱାଧୀନତାର ୧୧ ବର୍ଷ ପୂର୍ବରୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଗଠନ କରି।

ରେଭେନ୍ସା କଲେଜ କୋଠରୀରେ ନବନିଯୁକ୍ତ ଲାଟ୍ ଜନ୍ ଅଷ୍ଟିନ୍ ହବାକ୍ଙ୍କର ଶପଥ ଗ୍ରହଣ ହୋଇଥିଲା। ଏହି କାର୍ଯ୍ୟ ପାଇଁ କମିଶନର, ଜିଲ୍ଲା ମାଜିଷ୍ଟ୍ରେଟ, ରାଜା, ଜମିଦାର ବରେଣ୍ୟ ଭଦ୍ରବ୍ୟକ୍ତିମାନେ କିଛି ଦିନ ପୂର୍ବରୁ ଲାଗି ପଡ଼ିଥିଲେ। ଐତିହାସିକ ରେଭେନ୍ସା କଲେଜ ସଭାଗୃହରେ ଶପଥ ନେବେ ହବାକ୍ ସାହେବ। ମୋଗଲ ସରାଇ, ପାଟଣା, ଗୟା, ଗୋମା, ଖଡ଼ଗପୁର ଦେଇ ମାର୍ଚ୍ଚ ୩୧ ତାରିଖରେ ହବାକ୍ ଦମ୍ପତି ବାଲେଶ୍ୱରରେ ପହଞ୍ଚିଲେ। ତାଙ୍କ ସହ ଆସିଥିଲେ ନବନିଯୁକ୍ତ ଏଡିସି ଷ୍ଟଲାର୍ଡ ସାହେବ, ପ୍ରାଇଭେଟ ସେକ୍ରେଟାରୀ ମିଷ୍ଟର ଓ୍ୱିଲକକ୍। ୧ ତାରିଖ ପ୍ରାତଃ ବାଲେଶ୍ୱରରୁ କଟକ ଅଭିମୁଖେ ଯାତ୍ରା କଲେ। କଟକ ରେଳ ଷ୍ଟେସନରୁ ପୁଲିସ୍ ବାହିନୀ ଗାର୍ଡ ଅଫ ଅନର୍ ଦେବା ସହ ସତରଟି ତୋପଧ୍ୱନି ସହିତ ଲାଟ୍ ଦମ୍ପତିଙ୍କୁ ରାଜ୍ୟବାସୀ ରାଜକୀୟ ସମ୍ମାନ ଜଣାଇ ଥିଲେ। ମୁଖ୍ୟ ଶାସନ ସଚିବ ଓ କେତେକ ପଦସ୍ଥ ଅଫିସରଙ୍କର ଲାଟ୍‌ସାହେବଙ୍କ ସହିତ ପରିଚିତି କରାଗଲା। ସାରା ରାଜ୍ୟର ରାଜା, ଜମିଦାର, କୃଷ୍ଣଚନ୍ଦ୍ର ଗଜପତି, କନିକା, ପାରାକୁଦ, ଧରାକୋଟ, ଖଲିକୋଟ, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, ପଚ୍ଛିକୋଟ, ଖଡ଼ିଆଳ, ବୋଡାସମ୍ବର, କଳାହାଣ୍ଡି, ପୁରୀ ଏମାର ମଠ ମହନ୍ତ, ପର୍ଶୁରାମ ପାତ୍ର, ଶଶିଭୂଷଣ ରଥ, ମଧୁସୂଦନ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସତ୍ୟନାରାୟଣ ରାଜଗୁରୁ, ଗୋରାଚାନ୍ଦ ପଟ୍ଟନାୟକ, ବୈକୁଣ୍ଠନାଥ ଦତ୍ତ, ବୀରକିଶୋର ରାୟ, ବିଚିତ୍ରାନନ୍ଦ ଦାସ, ପ୍ରାଣକୃଷ୍ଣ ପରିଜା, ହରିହର ଦାସ, ରାଧାନାଥ ରଥ, ଲିଙ୍ଗରାଜ ମିଶ୍ର, ନୀଳମଣି ସେନାପତି, ହରିହର ମହାପାତ୍ର, ରାୟବାହାଦୁର ଭାସ୍କର ଚନ୍ଦ୍ର ମହାପାତ୍ର, ସାମନ୍ତ ରାଧା ପ୍ରସନ୍ନ ଦାସ,ରାୟସାହେବ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଆଦି ଅନେକ ବରିଷ୍ଠ ବ୍ୟକ୍ତିବିଶେଷ ସମାରୋହରେ ଉପସ୍ଥିତ ଥିଲେ। ତାହା ସହ ସଭାଗୃହର ଗୋଟିଏ ପଟେ ଉପସ୍ଥିତ ଥିଲେ ଉଚ୍ଚପଦସ୍ଥ ଅଫିସର। ବ୍ରିଟିଶ ନୀତି ନିୟମ, ପରମ୍ପରା ଅନୁସାରେ ଶପଥ ପାଠ ଆରମ୍ଭ ହେଲା। ମୁଖ୍ୟ ଶାସନ ସଚିବ ରାଜ ଓ୍ୱାରେଣ୍ଟ ପାଠ କଲେ। ଜଷ୍ଟିସ ଟେରେଲ ଲାଟ୍‌ସାହେବଙ୍କୁ ପଦ ଓ ଆନୁଗତ୍ୟର ଶପଥ ପାଠ କରାଗଲା- ବ୍ରିଟିଶ ସାମ୍ରାଜ୍ୟର ସମ୍ରାଟଙ୍କ ପ୍ରତି ଅନୁଗତ ରହି, କାହା ପ୍ରତି ପକ୍ଷପାତ ବିଚାର ନକରି, ସମସ୍ତଙ୍କ ପ୍ରତି ନ୍ୟାୟ ପ୍ରଦାନ କରିବେ ବୋଲି ଶପଥ କରି ହବାକ୍ ସାହେବ ପବିତ୍ର ବାଇବେଲକୁ ଚୁମ୍ବନ ଦେଲେ। ପ୍ରଦେଶ ଦାୟିତ୍ୱ ଗ୍ରହଣ କଲେ ବୋଲି ବଡ଼ଲାଟ୍‌ଙ୍କ ଉଦ୍ଦେଶ୍ୟରେ ଲେଖା ଯାଇଥିବା ପତ୍ରରେ ସ୍ୱାକ୍ଷର କଲେ। ଦରବାର ହଲ୍ ଉପରେ ୟୁନିଅନ୍ ଜ୍ୟାକ୍ ପତାକା ଉଡ଼ାଯାଇ ସତର ଥର ତୋପଧ୍ୱନି ଦିଆଗଲା। ଓଡ଼ିଶାର ପିପଲସ୍ ଆସୋସିଏସନ, ଓଡ଼ିଶା ଜମିଦାର ଆସୋସିଏସନ, ଓଡ଼ିଶା ବଣିକ ସଂଘ, ଓଡ଼ିଶା ମହମ୍ମଡାନ ସଂଘ ଓ ନିଖିଳ ଉତ୍କଳ ଡୋମୋସାଇଲଡ ବେଙ୍ଗଲିଜ୍ ସଂଘ- ଏହି ପାଞ୍ଚ ସଂଘ ଦ୍ୱାରା ମିଳିତ ଏକ ଅଭିନନ୍ଦନ ପତ୍ର ମୁଦ୍ରିତ ହୋଇଥିଲା। ପ୍ରତି ସଙ୍ଗଠନରୁ ପାଞ୍ଚ ଜଣ ଲେଖାଏଁ ଠିଆ ହେଲେ। ସମସ୍ତଙ୍କ ତରଫରୁ କନିକା ରାଜା ଅଭିନନ୍ଦନ ପାଠ କଲେ। ଏଥିରେ ଲେଖା ଯାଇଥିଲା- ଓଡ଼ିଶାବାସୀ ଓ ପଞ୍ଚ ସଂଘର ଆନନ୍ଦ ଓ କୃତଜ୍ଞତା, ପଞ୍ଚମ ଜର୍ଜ୍‌ଙ୍କ ବିୟୋଗରେ ଶୋକ, ସମ୍ରାଟ ଅଷ୍ଟମ ଏଡଓ୍ୱାର୍ଡଙ୍କ ଦୀର୍ଘ ଜୀବନ କାମନା, ଲାଟ୍ ଦମ୍ପତିଙ୍କ ନିରାମୟ ଦୀର୍ଘ ଜୀବନ ନିମନ୍ତେ ପ୍ରାର୍ଥନା, ସବୁ କାର୍ଯ୍ୟରେ ଲାଟ୍‌ଙ୍କୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି। ହବାକ୍ ସାହେବ କହିଲେ, ଓଡ଼ିଶାବାସୀଙ୍କ ସହ ମୋର ପରିଚିତି ନାହିଁ। ଆଗାମୀ ପରିଚୟକୁ ନେଇ ଆମକୁ ସୁଦୃଢ଼ ହେବାକୁ ପଡ଼ିବ। ଭାରତର ବଡ଼ଲାଟ୍ ଓ ସମ୍ରାଟ ଅଷ୍ଟମ ଏଡଓ୍ୱାର୍ଡଙ୍କ ପାଇଁ ଲେଖା ଯାଇଥିବା ପତ୍ର ପାଠ କରାଗଲା। ପ୍ରଦେଶର ହିତ କରିବା ପାଇଁ ସେ ପ୍ରତିଶ୍ରୁତି ଦେଲେ। ମହାଆଡ଼ମ୍ବରରେ ଲାଟ୍ ଦମ୍ପତିଙ୍କୁ ବିଦାୟ ଦିଆଗଲା।




ପୁଣି ଦ୍ୱିତୀୟ ଦିନ ବାରବାଟୀ ହତା ଭିତରେ ଉଦ୍ୟାନ ଭୋଜିର ଆୟୋଜନ ହୋଇଥିଲା। ବାରବାଟୀ ଦୁର୍ଗକୁ ସୁନ୍ଦର ଭାବେ ସଜାଗଲା। ନୂତନ ଓଡ଼ିଶାର ମାନଚିତ୍ର କନାରେ ଚିତ୍ରିତ ହୋଇ ଟଙ୍ଗାଗଲା। ଏଠାରେ ଲାଟ୍‌ସାହେବଙ୍କ ସହ ମିଶିବାର ସୁଯୋଗ ମିଳିଲା। ଉତ୍କଳ ମହିଳା ସମିତି ତରଫରୁ ଲାଟ୍ ପତ୍ନୀଙ୍କୁ ଆପ୍ୟାୟିତ କରାଗଲା। ବାଳିକାମାନଙ୍କ ଦ୍ୱାରା ଏକ ନାଟକ ଅଭିନୀତ ହେଲା।

ସ୍ୱତନ୍ତ୍ର ଓଡ଼ିଶା ଗଠନ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ୨୬ ଗୋଟି ଗଡ଼ଜାତ ଥିଲା। ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ, ଗାଙ୍ଗପୁର, ବାମଣ୍ଡା, ପାଟଣା, ନୟାଗଡ଼, କଳାହାଣ୍ଡି, ସୋନପୁର, ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଆଠମଲ୍ଲିକ, ହିନ୍ଦୋଳ, ଦଶପଲ୍ଲା, ଖଣ୍ଡପଡ଼ା, ଖରସୁଆଁ, ରେଢ଼ାଖୋଲ, ତାଳଚେର, ବଲାଙ୍ଗୀର, ନୀଳଗିରି, ପାଲଲହଡ଼ା, ରଣପୁର ଓ ତିଗିରିଆ। ଉତ୍କଳ ପ୍ରଦେଶ ଗଠନ ପରେ ଷଢ଼େଇକଳା ଓ ଖରସୁଆଁ ବିହାରରେ ମିଶିଲା ଓ ମୟୂରଭଞ୍ଜ ଓଡ଼ିଶାରେ ମିଶିଲା। ସ୍ୱତନ୍ତ୍ର ପ୍ରଦେଶ ଗଠନ ପରେ ଅଧିକାଂଶ ଗଡ଼ଜାତ ଓଡ଼ିଶାରେ ମିଶି ନଥିଲା। ଏହିସବୁ ଅଞ୍ଚଳର ରାଜାମାନେ ଅନ୍ୟ ପ୍ରଦେଶର ଗଡ଼ଜାତ ସବୁ ମିଶି ଇଷ୍ଟର୍ଣ୍ଣ ଗଡ଼ଜାତ ୟୁନିଅନ୍ ନାମରେ ନିଜର ଏକ ସ୍ୱତନ୍ତ୍ର ଭୂଖଣ୍ଡ ଓ ରାଜ୍ୟ ଗଠନ ପାଇଁ ଉଦ୍ୟମ କରିଥିଲେ। ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପରେ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଦ୍ରୁତତର ହେଲା। ରାଜାମାନେ ଆଉ ଅଧିକ କାଳ ସ୍ୱତନ୍ତ୍ରତା ରଖି ପାରିଲେ ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ 'ବ୍ଲଡ୍ ଆଣ୍ଡ୍ ଆଇରନ' ପଲିସି ଚାପ ଯୋଗୁଁ ଦେଶୀୟ ରାଜ୍ୟଗୁଡ଼ିକ ପ୍ରଦେଶରେ ମିଶିବାକୁ ବାଧ୍ୟ ହେଲେ। ସେହି ସମୟରେ ୨୬ଟି ଗଡ଼ଜାତରୁ ୨୪ଟି ଉପରୋକ୍ତ ଗଡ଼ଜାତ ୧୬ ଅକ୍ଟୋବର ୧୯୪୮ରେ ଓଡ଼ିଶାରେ ମିଶିଲା। ଖରସୁଆଁ, ଷଢ଼େଇକଳା ମିଶି ପାରିଲା ନାହିଁ। ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ତୁଙ୍ଗ ନେତାଙ୍କ ଚାପରେ ଏହି ଦୁଇ ଗଡ଼ଜାତ ବିହାରରେ, ଓଡ଼ିଆ ବହୁଳ ଫୁଲଝର ମଧ୍ୟପ୍ରଦେଶରେ ମିଶିଲା, ୧୯୪୯ ମସିହାରେ ମୟୂରଭଞ୍ଜ ଓଡ଼ିଶାରେ ମିଶିଲା। ମହାପ୍ରତାପୀ କପିଳେନ୍ଦ୍ର ଦେବଙ୍କ ଦ୍ୱାରା (୧୪୩୫-୧୪୬୫) ଗଠିତ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ କଳିଙ୍ଗ ଆଜି ଏକ କ୍ଷୁଦ୍ର ଅଞ୍ଚଳକୁ ନେଇ ପ୍ରତିଷ୍ଠିତ। ଓଡ଼ିଶା ସୀମା ବାହାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ରହିଗଲା। ବହୁଭାଷାବିତ୍ କଲେକ୍ଟର ଜନ୍ ବିମସ୍, କମିଶନର ରେଭେନ୍ସା ସାହେବ, ଉତ୍କଳପ୍ରେମୀ ଇଂରେଜୀ ସଟନ୍, ଲେସି, ଫିଲିପ୍ସ, ରିକେଟସ୍, ରେଭେନ୍ସା, ହଣ୍ଟର ଆଦି ବିଦେଶୀ ଉତ୍କଳକୁ ଭଲ ପାଉଥିବା ବେଳେ ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସହଯୋଗ କରିଥିବା ବେଳେ ପୂର୍ବୋକ୍ତ ସଦା ପୂଜନୀୟ ଓଡ଼ିଆ ମହାତ୍ମାଙ୍କ ବଳିଦାନକୁ ସ୍ମରଣ ନକରି ଓଡ଼ିଶା ପ୍ରଶାସନ, ଅମଲାତନ୍ତ୍ର, ସନ୍ତାନକୁ ଇଂରେଜୀ ବିଦ୍ୟାଳୟରେ ପଢ଼ାଉ ଥିବା ପିତାମାତା ଓଡ଼ିଶା ଓ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉ ନାହାନ୍ତି। ଏମାନଙ୍କ ନିକଟରେ ଉତ୍କଳ ପ୍ରେମୀମାନଙ୍କୁ ଓଡ଼ିଆ ଭାଷା ଲେଖିବା, କହିବା ପାଇଁ ଆନ୍ଦୋଳନ କରିବାକୁ ପଡୁଛି। ବନ୍ଦେ ଉତ୍କଳ ଜନନୀ।

ମୋ: ୯୮୬୧୪୫୦୬୧୨

# ଆଳସ୍ୟ ଓ ଓଡ଼ିଶା



ପ୍ରଫୁଲ୍ଲ କୁମାର ସାହୁ

କୌଣସି ରାଷ୍ଟ୍ରର ବିକାଶ ନିର୍ଭର କରେ ସେଠାକାର ନାଗରିକମାନଙ୍କ କର୍ତ୍ତବ୍ୟ ନିଷ୍ଠା ଓ କର୍ମ କୁଶଳତା ଉପରେ। ସେଥିପାଇଁ ଲୋକଙ୍କ ନିଷ୍ଠା ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ ଦୂରଦର୍ଶୀ ନେତୃତ୍ୱ। ମାତ୍ର ନେତୃତ୍ୱ ଯେଉଁଠି କ୍ଷମତାକାଂକ୍ଷୀ, ସେଠାରେ ଦକ୍ଷତା ବୃଦ୍ଧି ପ୍ରତି କେବେ ଧ୍ୟାନ ଦିଆଯାଏନି କି ଲୋକଙ୍କ ଆର୍ଥିକ ବିକାଶ ପାଇଁ ତିଆରି ହୋଇ ପାରେନି ଦୀର୍ଘମିଆଦି ଯୋଜନା। କେବଳ ଭୋଟରଙ୍କ ତୁଷ୍ଟୀକରଣ ପାଇଁ କାର୍ଯ୍ୟକାରୀ ହୁଏ ଭଳିକି ଭଳି ରିହାତି ଯୋଜନା। ଏହାଦ୍ୱାରା ନିର୍ଦ୍ଦିଷ୍ଟ ବର୍ଗର କିଛି ଲୋକଙ୍କୁ ସାମୟିକ ଆଶ୍ୱସ୍ତି ମିଳେ ସତ, କିନ୍ତୁ ଦେଶରୁ ଦୂର ହୋଇ ପାରେନି ଦାରିଦ୍ର୍ୟ। ଅର୍ଥାତ୍ ଦାରିଦ୍ର୍ୟ ଦୂରୀକରଣର ସ୍ଥାୟୀ ସମାଧାନ ମାଗଣା ବଣ୍ଟନ ବ୍ୟବସ୍ଥା ନୁହେଁ, ଉତ୍ତମ ଆୟଯୁକ୍ତ କର୍ମ ସଂସ୍ଥାନ। ଆମେରିକାର ବିଶିଷ୍ଟ ବୁଦ୍ଧିଜୀବୀ ଜେମସ୍ ଫ୍ରିମ୍ୟାନ୍ କହିଥିଲେ, ଜଣେ ରାଷ୍ଟ୍ର ନିର୍ମାତା ତା' ଦେଶର ଭବିଷ୍ୟତ ସମ୍ବନ୍ଧରେ ଚିନ୍ତା କରେ, ମାତ୍ର ଜଣେ ରାଜନେତାର ଚିନ୍ତା କେନ୍ଦ୍ରୀଭୂତ ହୋଇ ରହେ ପରବର୍ତ୍ତୀ ନିର୍ବାଚନ ଉପରେ। କ୍ଷମତାପ୍ରିୟ ରାଜନେତାମାନେ ରାଷ୍ଟ୍ରର ଭବିଷ୍ୟତ କଥା ଚିନ୍ତା କରିବା ପରିବର୍ତ୍ତେ କେବଳ ଖୋଜନ୍ତି ଲୋକଙ୍କ ମନରେ ସ୍ୱପ୍ନର ସୁନେଲି ପ୍ରତ୍ୟୟ ସୃଷ୍ଟି କରିବାର କୌଶଳ।

ଲୋକଙ୍କୁ ମାଗଣା ବାଣ୍ଟିବାର ପ୍ରତିଶ୍ରୁତି ଦେଇ କ୍ଷମତା ଦଖଲ କରିବା ଏବେ ଭାରତୀୟ ଗଣତନ୍ତ୍ରର ଆଧୁନିକ ରୂପ। ଏହାର ତିକ୍ତ ଫଳକୁ ଅମଳ କରି କ୍ରମଶଃ ଦୁର୍ବଳ ହେଉଛି ଦେଶର ଅର୍ଥନୀତି। ତ୍ରୁଟିପୂର୍ଣ୍ଣ ବ୍ୟୟ ବରାଦ ଯୋଗୁଁ ଅବହେଳିତ ହୋଇ ପଡୁଛି ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଭିତ୍ତିଭୂମି, ନିର୍ମାଣ ଓ ଆଇନ୍ ଶୃଙ୍ଖଳା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଗୋଟିଏ ଦଶନ୍ଧି ପୂର୍ବରୁ ପ୍ରତି ଦିନ ଏଠି ଖବରକାଗଜର ପୃଷ୍ଠା ମଣ୍ଡନ କରୁଥିଲା ଅନାହାର ମୃତ୍ୟୁ। ଏହାର ପ୍ରତିକାର ପାଇଁ ୨୦୧୩ ମସିହାରେ ପ୍ରଣୟନ ହେଲା ଖାଦ୍ୟ ସୁରକ୍ଷା ଆଇନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ରିହାତି ମୂଲ୍ୟରେ ଯୋଗେଇ ଦିଆଗଲା ଚାଉଳ ଗହମ ଆଦି ଖାଦ୍ୟଶସ୍ୟ। ଏହାଦ୍ୱାରା ଦେଶ ମଥାରୁ ଅନାହାର ମୃତ୍ୟୁଜନିତ ଅପବାଦ ହଟିଲା ସତ, କିନ୍ତୁ ନିଜ ଜାଗାରୁ ଇଞ୍ଚେ ବି ଘୁଞ୍ଚିଲାନି ଦାରିଦ୍ର୍ୟ। ବିଶେଷଜ୍ଞଙ୍କ ମତରେ, ଯୋଜନାର ଆଭିମୁଖ୍ୟ ଯେତେବେଳେ ଅର୍ଥନୀତିକୁ ଛାଡ଼ି ରାଜନୀତିକୁ ଜାବୁଡ଼ି ଧରେ, ସେତେବେଳେ ପରସ୍ପରଠାରୁ ଦୂରେଇ ଯାଆନ୍ତି ଲକ୍ଷ୍ୟ ଓ ସଫଳତା। ଭାରତ ଭଳି ଭିନ୍ନ ଭିନ୍ନ ପ୍ରାକୃତିକ ଅବସ୍ଥିତି ଓ ବିପର୍ଯ୍ୟୟପ୍ରବଣ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ବାଣ୍ଟିବା ଏକ କଲ୍ୟାଣକାରୀ ଯୋଜନା। ବିଶେଷକରି ଭିନ୍ନକ୍ଷମ, ବୃଦ୍ଧ, ବିଧବା ଓ ଅସହାୟଙ୍କୁ ସହାୟତା ଯୋଗାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ, ଯାହା ଏକ ଅର୍ଥନୀତିର ବିଷୟ। ମାତ୍ର ରାଜନେତାଙ୍କ ଫଟୋ ଥିବା ଥଳିରେ ଖାଦ୍ୟଶସ୍ୟ ରଖି ବାଣ୍ଟିବା କେବେ ଅର୍ଥନୀତି ନୁହେଁ, ବରଂ ତୁଚ୍ଛା ରାଜନୀତି। କୃଷି ଓ କୃଷକର ବିକାଶ ପାଇଁ ଜମିକୁ ଜଳ ଓ ଚାଷୀକୁ ରିହାତି ମୂଲ୍ୟରେ ସାର ଓ ବିହନ ଆଦି ଯୋଗେଇ ଦେବା ସହିତ ଅର୍ଥନୀତି ଜଡ଼ିତ। କିନ୍ତୁ କିଷାନ ସମ୍ମାନ ନିଧି ବା କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କ ଜମାଖାତାକୁ ଟଙ୍କା ପଠାଇବା ଅର୍ଥନୀତି ନୁହେଁ, ଛଦ୍ମ ଉତ୍କୋଚ। ନିର୍ବାଚନ ବେଳେ ମାଗଣାରେ ଛତା, ଜୋତା, ମୋବାଇଲ୍ ଓ ମଙ୍ଗଳସୂତ୍ର ବାଣ୍ଟିବାର ପ୍ରଲୋଭନ ଦେଖାଇ କ୍ଷମତାକୁ ଆସିବାକୁ ଚାହୁଁଛନ୍ତି ସବୁ ରାଜନୈତିକ ଦଳ।



ଗଣତାନ୍ତ୍ରିକ ମୁକ୍ତ ନିର୍ବାଚନର ବିରୋଧାଚରଣ କରୁଥିବା ଏହି ଲାଞ୍ଚ ରାଜନୀତି ପାଇଁ ପ୍ରହସନରେ ପରିଣତ ହେଉଛି ଚାପଗ୍ରସ୍ତ ଭୋଟରଙ୍କ ପସନ୍ଦ ଓ ମତଦାନ। କେନ୍ଦ୍ର ହେଉ କି ରାଜ୍ୟ, ଏହି ତୁଷ୍ଟିକରଣ ରାଜନୀତି ବା ମାଗଣା ବିତରଣ ସଂସ୍କୃତି ସହିତ ସବୁ ସରକାର ସମ୍ପୃକ୍ତ। ଲୋକେ ଦାବି କରୁ ନଥିଲେ ମଧ ଭିନ୍ନ ଭିନ୍ନ ବର୍ଗର ଲୋକଙ୍କୁ ଖୁସି କରିବା ପାଇଁ ନାନା ପ୍ରକାର ଯୋଜନା ହେଉଛି ଏବଂ ବେଳେବେଳେ ତା'ର ଶ୍ରେୟ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆରମ୍ଭ ହୋଇ ଯାଉଛି ଟଣା ଓଟରା। ଭାଷଣ ପ୍ରସଙ୍ଗରେ କିଏ କହୁଛି ଇଏ ରାଜ୍ୟ ସରକାରଙ୍କ ଯୋଜନା ତ ଆଉ କିଏ କହୁଛି ଏହା କେନ୍ଦ୍ର ସରକାରଙ୍କ ଟଙ୍କା। ବାସ୍ତବରେ ଟଙ୍କା କେନ୍ଦ୍ରର ନୁହେଁ କି ରାଜ୍ୟର ନୁହେଁ, ତାହା ଲୋକଙ୍କ ଟିକସ ଆୟ। ସରକାର କେବଳ ତା'ର ଉତ୍ତରଦାୟୀ। ସରକାରଙ୍କ ଦ୍ୱାରା ତା'ର ଦୁରୁପଯୋଗ କାରଣରୁ ଦୁର୍ବଳ ହେଉଛି ଦେଶର ଅର୍ଥନୀତି। ବଢ଼ି ବଢ଼ି ଯାଉଛି ରାଜ୍ୟ ଓ ଦେଶର ଋଣ ପରିମାଣ। ଗୋଟିଏ ଜାତି ତା'ର ବୈଭବକୁ ନେଇ ବଞ୍ଚେ ଓ ଆଗକୁ ବଢ଼େ। ଏହି ଦୃଷ୍ଟିରୁ ବିଚାର କଲେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟ ଓଡ଼ିଶା ପ୍ରତି ପ୍ରକୃତିର କୃପା ବେଶୀ। ସେଥିପାଇଁ ଦେଶଯାକର ସାମୁଦ୍ରିକ ସଂପଦରୁ ୮ ପ୍ରତିଶତ, ଅରଣ୍ୟ ସଂପଦରୁ ୯ ପ୍ରତିଶତ, ଜଳ ସଂପଦରୁ ୧୨ ପ୍ରତିଶତ ଓ ଖଣିଜ ସଂପଦରୁ ୨୧ ପ୍ରତିଶତ ମାଡ଼ି ବସିଛି ଓଡ଼ିଶା। ଏତଦ୍ ଭିନ୍ନ ଏହାର ମାଟି ବି ଖୁବ୍ ଉର୍ବର। ଦୁର୍ଭାଗ୍ୟର ବିଷୟ ଏତେସବୁ ବୈଭବ ସତ୍ତ୍ୱେ ଆର୍ଥିକ ବିକାଶ ଦୃଷ୍ଟିରୁ ଓଡ଼ିଶାର ସାମଗ୍ରିକ ଛବି ଅତ୍ୟନ୍ତ ନୈରାଶ୍ୟଜନକ ଓ ବିଷାଦମୟ। ବିକାଶର ଯେତେ ଯାହା ଗୋଲାପି ଚିତ୍ର ଦେଖେଇଲେ ମଧ ତଥ୍ୟ କହୁଛି ରାଜ୍ୟରେ ବଢୁଛି ଦାରିଦ୍ର୍ୟ ହାର। ଦାରିଦ୍ର୍ୟ ପୃଷ୍ଠଭୂମିରେ ଆଳସ୍ୟର ସ୍ଥାନ ସବା ଆଗରେ। ପୃଥିବୀରେ ଏମିତି କୌଣସି ଜାତି ନାହିଁ, ଯିଏ ଆଗକୁ ବଢ଼ିଛି ବିନା ଉଦ୍ୟମରେ। ଏଇ କେତେ ଦଶନ୍ଧି ତଳେ ଉତ୍କଟ ଦାରିଦ୍ର୍ୟରେ ସଢୁଥିଲା ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ। ଖାଦ୍ୟାଭାବ ଯୋଗୁଁ ତେଲେଙ୍ଗାମାନେ ଓଡ଼ିଶା ଚାଲି ଆସୁଥିଲେ ଏବଂ କାମଧନ୍ଦା କରି ପେଟ ପୋଷୁଥିଲେ କଟକ ଓ ଅନ୍ୟାନ୍ୟ ସହରରେ। କହିବାର କଥା, ଚାଳିଶ ବର୍ଷ ତଳେ ଯେଉଁ ଆନ୍ଧ୍ରପ୍ରଦେଶ ଦାରିଦ୍ର୍ୟ ଓ ଅନାହାର ସହିତ ଲଢୁଥିଲା, ସେ ରାଜ୍ୟ ଆଜି ନିଜର କର୍ମ ଦକ୍ଷତା ବଳରେ ସମୃଦ୍ଧିର କାହିଁ କେତେ ଊର୍ଦ୍ଧ୍ୱରେ। ଅନ୍ୟ ପକ୍ଷରେ ରିହାତି ରାଜନୀତିରେ ପେଷିହୋଇ କର୍ମକୁଣ୍ଠ ପାଲଟି ଗଲାଣି ଗୋଟେ କର୍ମକୁଶଳୀ ଜାତି। କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ କୃଷି ଶ୍ରମିକ ଅଭାବରୁ ପଡ଼ିଆ ପଡ଼ିଲାଣି ଜମି। ଲୋକେ ଏଠି ଭୁଲି ଗଲେଣି ଆପଣା କୌଳିକ ବୃତ୍ତି। ରାଜ୍ୟରେ କୃଷି ପରେ ବୟନ ଶିଳ୍ପ ଥିଲା ସର୍ବବୃହତ୍ ନିଯୁକ୍ତିର କଳାକ୍ଷେତ୍ର। ତଥ୍ୟ କୁହେ, ଏଇ କିଛି ବର୍ଷ ପୂର୍ବରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରାୟ ପଚାଶ ହଜାର ତନ୍ତ ଚାଲୁଥିଲା ଏବଂ ଏଥିରୁ ଜୀବିକା ନିର୍ବାହ କରୁଥିଲେ ପ୍ରାୟ ଅଢ଼େଇ ଲକ୍ଷ ଲୋକ। କେବଳ ଦେଶ ଭିତରେ ନୁହେଁ, ବିଦେଶରେ ବି ଖ୍ୟାତି ଅର୍ଜନ କରିଥିଲା ସମ୍ବଲପୁରୀ ଶାଢ଼ି, ଖଣ୍ଡୁଆ ଓ ବରହମପୁରୀ ପାଟ। ବାଣପୁରର ବେତ କାମ, କଟକର ଶିଙ୍ଗ କାମ, ଭୁବନ, ବାଲକାଟି ଓ ରେମୁଣାର କଂସାବାସନ, ନୀଳଗିରି ଓ ଖିଚିଂର ପଥର, ଗଞ୍ଜାମ ଓ ଖଲିକୋଟର ଚାନ୍ଦୁଆ ଆଦି କୁଟୀର ଶିଳ୍ପରେ ଥିଲା ଆମ ବୁନିଆଦିର ପରିଚୟ। ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଏସବୁ ଶିଳ୍ପ ଏବେ ମୃତପ୍ରାୟ। ଏକଦା ଏକ ସ୍ୱାଭିମାନୀ ଜାତି ଭାବେ ଓଡ଼ିଆର ଗୋଟେ ସ୍ୱତନ୍ତ୍ର ପରିଚୟ ଥିଲା ଏବଂ ସ୍ୱାଭିମାନ ତା' ଭିତରେ ଭରି ଦେଇଥିଲା ଆପଣା ଶିଙ୍ଗରେ ମାଟି ତାଡ଼ି ମର୍ଯ୍ୟାଦାର ସହ ବଞ୍ଚିବାର ଆତ୍ମପ୍ରତ୍ୟୟ। ଓଡ଼ିଆର ଏ ସ୍ୱାଭିମାନ କଥା ଉଠିଲେ ଆଗେ ଆଖି ଆଗକୁ ଆସେ ନ'ଅଙ୍କ ଦୁର୍ଭିକ୍ଷର (୧୮୬୬) କରାଳ ଚିତ୍ର। ବିଶ୍ୱ ଇତିହାସରେ ଏହା ଥିଲା ସବୁଠାରୁ ଭୟଙ୍କର ଭୋକର ଅଧ୍ୟାୟ, ଯେତେବେଳେ ଅନାହାର ପୀଡ଼ିତ ଓଡ଼ିଆଙ୍କ ମୁହଁରେ ମୁଠେ ଆହାର ଦେବା ପାଇଁ ବର୍ମାରୁ ଚାଉଳ ଆଣି ଅନ୍ନଛତ୍ର ଖୋଲିଥିଲେ ଇଂରେଜ ସରକାର। ଯେଉଁମାନେ ଭୋକର ଦାଉ ସମ୍ଭାଳି ନ ପାରି ଛତରରେ ପଶିଲେ, ପରବର୍ତ୍ତୀ ସମୟରେ ସମାଜ ସେମାନଙ୍କୁ କହିଲା ଛତରଖିଆ। ସେତେବେଳେ ଛତରଖିଆର ଅର୍ଥ ଥିଲା ଏକ ନିକୃଷ୍ଟ ମଣିଷପଣିଆ। ଅନାହାରରେ ଛଟପଟ ହୋଇ ମରିଗଲେ ପଛେ ଛତରରେ ପଶିଲେନି ଅନେକ ସ୍ୱାଭିମାନୀ ଓଡ଼ିଆ। ଓଡ଼ିଆ ଜାତିର ସେ ସ୍ୱାଭିମାନ କଥା ମନେ ପକାଇ ଦିଏ ଗୋଦାବରୀଶ ମହାପାତ୍ରଙ୍କ କ୍ଷୁଦ୍ରଗଳ୍ପ 'ଏବେ ମଧ ବଞ୍ଚିଛି'। ଆର୍ଥିକ ଦୃଷ୍ଟିରୁ ଆମେ ପୂର୍ବାପେକ୍ଷା ଯଥେଷ୍ଟ ସ୍ୱଚ୍ଛଳ। ମାତ୍ର ଓଡ଼ିଆ ଜାତିର ସେ ସ୍ୱାଭିମାନ ଆଉ ନାହିଁ, ଯାହା ନ'ଅଙ୍କରେ ବି ବଞ୍ଚିଥିଲା ଭୋକ ସହ ଲଢ଼େଇ କରି। ସେଦିନ ଯାହାକୁ ନିକୃଷ୍ଟ ମଣିଷପଣିଆ ବୋଲି କୁହା ଯାଉଥିଲା, ଆଜି ସେହି ଛତରଖିଆ ମାନସିକତାର ପୁନଃରୋପଣ ପାଇଁ ରାଜ୍ୟରେ କାର୍ଯକାରୀ ହେଉଛି ଭଳି ଭଳି ଯୋଜନା। ସ୍ୱାଭିମାନର ସଂକଟ ଯୋଗୁଁ ତା'ର ହିତାଧିକାରୀ ହେବା ପାଇଁ ଲୋକଙ୍କ ଭିତରେ ବଢୁଛି ଆଗ୍ରହ। ଥିଲାବାଲା ଲୋକେ ବି ଫନ୍ଦି ଫିକର କରି ହାତେଇ ନେଉଛନ୍ତି ପଡିକାର୍ଡ। କୋଠାଘର ଥାଇ ବି କିଏ ଚଞ୍ଚକତା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଉଛି ତ କିଏ ଚାଷ ନ କରି ପାଉଛି କିଷାନ ଯୋଜନା ଟଙ୍କା। ଲୋକଙ୍କ ଭିତରେ ବଢୁଛି ଦାରିଦ୍ର୍ୟ ମାନସିକତା, ଯାହା ଜୈବିକ ଦାରିଦ୍ର୍ୟଠାରୁ ବେଶି ଚିନ୍ତାଜନକ। ଜୈବିକ ଦାରିଦ୍ର୍ୟ ଦୂର ହେବା ସହଜ, କିନ୍ତୁ ମଣିଷ ଥରେ ମନରେ ଗରିବ ହୋଇଗଲେ ତାକୁ ଆଉ ଦୂର କରି ପାରେନି କୁବେର ସମ୍ପତ୍ତି। ଅକ୍ଷମ ଲୋକଙ୍କୁ ସକ୍ଷମ କରିବା ହିଁ ମାଗଣା ବଣ୍ଟନ ଯୋଜନାର ଲକ୍ଷ୍ୟ। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି, ଏହାଦ୍ୱାରା ଅକ୍ଷମ ଲୋକଟି ତ ସକ୍ଷମ ହୋଇ ପାରୁନି, ବରଂ ସକ୍ଷମ ଲୋକଟି ଭିତରେ ପ୍ରକାଶ ପାଉଛି ଛଦ୍ମ ଅକ୍ଷମତା। ସୁସ୍ଥ ସବଳ ଓ ସମ୍ପନ୍ନ ଲୋକଟି ଯଦି ଟଙ୍କାକରେ କିଲେ ଚାଉଳ ଓ ପାଞ୍ଚ ଟଙ୍କାରେ ଓଳିଏ ଆହାର ପାଇ ଯାଉଛି, ସେ ଆଉ ବିଲବାଡ଼ିକୁ ଯାଇ ପାଣି କାଦୁଅରେ ଖଟିବ କାହିଁକି? ଅନ୍ୟ ପକ୍ଷରେ ଶ୍ରମ ଶକ୍ତିର ସଦୁପଯୋଗ ନହେଲେ କେମିତି ଦୂର ହେବ ଦାରିଦ୍ର୍ୟ?

**ଅବସରପ୍ରାପ୍ତ ଅଧକ୍ଷ, ଭଦ୍ରକ**
**୬୩୭୧୬୪୨୪୬୪**

NITIDIN
ନିତିଦିନ
ବୁଧବାର, ୧ ଏପ୍ରିଲ ୨୦୨୬

# ଇରାନ୍ ଯୁଦ୍ଧ ଓ ସଂକଟର ସମାଧାନ

ଇରାନ୍ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକାର ରାଷ୍ଟ୍ରପତି ଏମିତି କେତେଗୁଡ଼ିଏ କଥା କହିଲେଣି, ଯେଉଁଗୁଡ଼ିକ ତାଙ୍କ ନିଜ କଥାର ହିଁ ବିରୋଧାଚରଣ କରୁଛି। କେତେବେଳେ ସେ କହୁଛନ୍ତି ଯୁଦ୍ଧ ଖୁବ୍ ଶୀଘ୍ର ଶେଷ ହୋଇଯିବ ତ ଆଉ କେତେବେଳେ ହର୍ମୁଜ୍ ପ୍ରଣାଳୀକୁ ଅକ୍ତିଆର ନ କରିବା ଯାଏଁ ଏହା ବନ୍ଦ ହେବନାହିଁ ବୋଲି କହୁଛନ୍ତି। ଇତି ମଧ୍ୟରେ ଯୁଦ୍ଧ ପ୍ରବେଶ କରି ସାରିଲାଣି ଦ୍ୱିତୀୟ ମାସରେ; ଟ୍ରମ୍ପ୍ ପ୍ରଶାସନ ସମ୍ଭାବ୍ୟ ସ୍ଥଳ ଯୁଦ୍ଧ ପାଇଁ ହଜାର ହଜାର ସଂଖ୍ୟକ ସ୍ଥଳସେନା ମୁତୟନ କରି ସାରିଛନ୍ତି। ଓ୍ୱାଶିଂଟନ୍ ଏବଂ ଗଲ୍ଫ ସହଯୋଗ ପରିଷଦ (ଜିସିସି)ର ସଦସ୍ୟ ରାଷ୍ଟ୍ର- ବାହାରେନ୍, କୁଓ୍ୱେତ୍, ଓମାନ୍, କ୍ୱାତାର, ସାଉଦି ଆରବ ଏବଂ ୟୁଏଇଙ୍କ ମଧ୍ୟରେ ଫାଟର ସମ୍ଭାବନା ବଢ଼ି ଚାଲିଛି। ଜଳପଥ ଏବେ ବି ଇରାନ୍ ନିୟନ୍ତ୍ରଣରେ ରହିଛି ଏବଂ ଶ୍ରୀଯୁକ୍ତ ଟ୍ରମ୍ପ୍ ତାଙ୍କର ଯୁଦ୍ଧ ବିରତିର ସୀମାକୁ ଦୁଇ ଥର ବଢ଼ାଇ ସାରିଲେଣି। ପରିଣତିରେ ସମଗ୍ର ବିଶ୍ୱରେ ତୈଳ ଓ ଗ୍ୟାସ୍ ସଂକଟ ସହିତ ରାସାୟନିକ ସାରର ଅଭାବ ମଧ୍ୟ ପରିଲକ୍ଷିତ ହେଲାଣି। ଭାରତରେ ରାଜନୀତିକ ବୟାନବାଜି ସତ୍ତ୍ୱେ ତୃଣମୂଳ ସ୍ତରରେ ସାଧାରଣ ଲୋକମାନେ ଏହାର ଗଭୀର ପ୍ରଭାବକୁ ଅନୁଭବ କରୁଛନ୍ତି; ଏହି ଯୁଦ୍ଧର ମାଡ଼ ସିଧାସଳଖ ରୋଷେଇ ଘର ଉପରେ ପଡ଼ିବାକୁ ଆରମ୍ଭ କରିଛି। ୧୯୭୦ ଦଶକରେ ଯେତେବେଳେ ପଶ୍ଚିମ ଏସିଆରୁ ତୈଳ ସଂକଟ ସୃଷ୍ଟି ହୋଇଥିଲା, ସେତେବେଳେ ଭାରତୀୟ ଚାଷୀମାନେ ଫସଲରେ ନୂଆ ନୂଆ ୟୁରିଆ ଏବଂ ଡାଇ-ଆମୋନିୟମ୍ ଫସ୍‌ଫେଟ୍ (ଡିଏପି) ସାର ପ୍ରୟୋଗ କରିବା ଆରମ୍ଭ କରିଥିଲେ। ଭାରତୀୟ ପରିବାରଗୁଡ଼ିକ କାଠ ଏବଂ ଗୋବର ଘଷି ଜାଳି ରୋଷେଇ କରୁଥିଲେ ଏବଂ ଅତି କମ୍ ସଂଖ୍ୟକ ଲୋକ ପଲିଷ୍ଟର ଏବଂ ନାଇଲନ୍ କପଡ଼ାରେ ତିଆରି ପୋଷାକ ପିନ୍ଧୁଥିଲେ। ଆଜିକା ଦିନରେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ- ବାର୍ଷିକ ୭୦ ମିଲିଅନ୍ ଟନ୍‌ରୁ ଅଧିକ ପରିମାଣର ରାସାୟନିକ ସାର ବ୍ୟବହାର ହେଉଛି, ୩୩୦ ମିଲିଅନ୍ ଏଲ୍‌ପିଜି ସକ୍ରିୟ ଅବସ୍ଥାରେ ରହିଛି, ପ୍ରାୟ ୬୦ ପ୍ରତିଶତ କପଡ଼ା ମଣିଷଙ୍କ ଦ୍ୱାରା ତିଆରି ତନ୍ତୁଗୁଡ଼ିକରୁ ଉତ୍ପାଦିତ ହେଉଛି ଏବଂ ପଲିମରର ବ୍ୟବହାର ତ ଅନେକ ଜିନିଷରେ କରାଯାଉଛି, ତାହା ବ୍ୟାଗ୍ ହେଉ କି ବୋତଲ, ବାଲ୍‌ଟି ହେଉ କି ପାଇପ୍ ଓ କେବୁଲ୍। ତେଣୁ ଉପରୋକ୍ତ ଯୁଦ୍ଧର ପ୍ରଭାବ ଭାରତୀୟ ଅର୍ଥନୀତିରେ ବିପୁଳ ଭାବରେ ପଡ଼ିବାରେ କିଛି ଆଶ୍ଚର୍ଯ୍ୟ ହେବାର ରହିଛି କି? ଦେଶର ପ୍ରତ୍ୟେକ ବର୍ଗର ଲୋକ, ସିଏ ସାଧାରଣ ଖାଉଟି ହୁଅନ୍ତୁ କି ଉତ୍ପାଦକ, ଭୋଜନାଳୟ ଚଳାଇବାବାଲା ହୁଅନ୍ତୁ କି କୃଷକ, ଏମିତିକି ବିମାନ ସେବା ପ୍ରଦାନ କରୁଥିବା କମ୍ପାନୀମାନେ ଏହି ଯୁଦ୍ଧର ନିଆଁରେ ଜଳୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ।

ସତୁରୀ ଦଶକରେ ସୃଷ୍ଟି ହୋଇଥିବା ଶକ୍ତି ସଂକଟ ଯେପରି ପାଶ୍ଚାତ୍ୟ ଅର୍ଥନୀତିଗୁଡ଼ିକ ପାଇଁ ଗମ୍ଭୀର ସମସ୍ୟାର କାରଣ ପାଲଟି ଥିଲା, ବର୍ତ୍ତମାନର ପଶ୍ଚିମ ଏସିଆ ସଂକଟ ସେମିତି ଭାରତ ପାଇଁ। ସେ ସମୟରେ ଆମେରିକାକୁ କେନେସୀୟ ଆର୍ଥିକ ନୀତି-ନେତୃତ୍ୱାଧୀନ ଚାହିଦା ପରିଚାଳନା ରକ୍ଷା କରିଥିଲା, ଯାହା ଆମେରିକାରେ ରିଗାନୋମିକ୍ସ ଏବଂ ୟୁକେରେ ଥାଚେରିଜମ୍ ଭାବରେ ପରିଚିତି ଲାଭ କରିଥିଲା। ଭାରତ ପାଇଁ ବର୍ତ୍ତମାନ ସେହିଭଳି ଏକ ଆହ୍ୱାନ ଉପସ୍ଥିତ ହୋଇଛି। ଏପରି କହିବାର କାରଣ, ଭାରତ ଶକ୍ତି, ବିଶେଷକରି ଜୀବାଶ୍ମ ଜାଳେଣି ପାଇଁ ଉପସାଗରୀୟ ରାଷ୍ଟ୍ରମାନଙ୍କ ଉପରେ ବେଶ୍ ନିର୍ଭରଶୀଳ। ଏହା ବାଦ୍ ରହିଛି ଚାଷୀମାନଙ୍କ କଥା। ଆଜିକା ସମୟରେ ଦେଶର ସିଂହଭାଗ ଚାଷୀ ହଳ ବଳଦରେ ନୁହେଁ, ବରଂ ଟ୍ରାକ୍ଟର, ପାଓ୍ୱାରଟିଲର ଇତ୍ୟାଦିରେ ଚାଷ କରିବା ସହିତ ଫସଲ ପାଇଁ ଆଉ ଗୋବର ଖତ ବ୍ୟବହାର କରୁ ନାହାନ୍ତି। ସେମାନେ ରାସାୟନିକ ସାର ଉପରେ ଅଧିକ ନିର୍ଭରଶୀଳ। ତେଣୁ ଏସବୁର ସଂକଟ ଭାରତୀୟ ଚାଷୀମାନଙ୍କ ପାଇଁ କାଳ ସାଜିବାର ଢେର୍ ସମ୍ଭାବନା ବହନ କରେ। ୧୯୭୦ର ସଂକଟ କାଳରେ ବ୍ରାଜିଲ ଇଥାନଲ ମିଶ୍ରିତ ପରିବହନ ଜାଳେଣି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବାଧ୍ୟ ହୋଇଥିଲା। ବର୍ତ୍ତମାନ ମଧ୍ୟ ଆମ ଦେଶରେ ଜୀବାଶ୍ମ ଜାଳେଣିରେ ଇଥାନଲ ବ୍ୟବହାର ହେଉଛି, ଯଦିଓ ଏହା ହେଉଛି ସ୍ୱଳ୍ପ ପରିମାଣରେ। ଦେଶରେ ଯେଉଁ ସମ୍ବଳଗୁଡ଼ିକର ଅଭାବ ରହିଛି, ସେଗୁଡ଼ିକର ସଦୁପଯୋଗ କରିବା ସହିତ ବ୍ୟବହାରଯୋଗ୍ୟ ବିକଳ୍ପର ସନ୍ଧାନ କରିବା ବର୍ତ୍ତମାନ ସମୟର ଜରୁରୀ ଆବଶ୍ୟକତା। ସରକାର ଏ ବାବଦରେ ନୀତି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଖାଉଟିମାନେ ମଧ୍ୟ ସଚେତନତାର ସହିତ ଏସବୁର ବ୍ୟବହାର କରିବା ଉଚିତ। ଏହାର ଅର୍ଥ ହେଉଛି, ରାସାୟନିକ ସାର ଉପରେ ରିହାତି ପ୍ରଦାନ ବନ୍ଦ କରିବା କିମ୍ବା ଏହାର ପରିମାଣ ସୀମିତ କରିବା ନୁହେଁ କି ଏଲ୍‌ପିଜି ସିଲିଣ୍ଡର ବାବଦରେ ମଧ୍ୟ ସମ୍ପୂର୍ଣ୍ଣ କଟକଣା ଜାରି କରିବା ନୁହେଁ।

ଦେଶ ପାଇଁ ସାମ୍ପ୍ରତିକ ପରିସ୍ଥିତିରେ ଆମଦାନୀ କରାଯାଉଥିବା ଜାଳେଣି ବ୍ୟତୀତ ଗ୍ୟାସ୍ ସହିତ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ କରିବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ। ସଙ୍ଗେ ସଙ୍ଗେ ଇଲେକ୍ଟ୍ରିକ୍ ଯାନବାହନର ବହୁଳ ବ୍ୟବହାର ଉପରେ ଧ୍ୟାନ କେନ୍ଦ୍ରିତ କରିବା ଅପରିହାର୍ଯ୍ୟ। ସେହିପରି ରାସାୟନିକ ସାରରେ ଜୈବ-ମିଶ୍ରଣର ପରିମାଣ ବୃଦ୍ଧି କରାଯିବା ଆବଶ୍ୟକ। ଏହା ମଧ୍ୟ ଚାଷ ଜମିଗୁଡ଼ିକ ପାଇଁ ଉପକାରୀ ସାବ୍ୟସ୍ତ ହେବ, କାରଣ ଏହା ମାଟିକୁ ପୋଷଣ ତତ୍ତ୍ୱ ଯୋଗାଇ ଏହାର ସ୍ୱାସ୍ଥ୍ୟରେ ଉନ୍ନତି ଘଟାଇ ପାରିବ। ପୁନଶ୍ଚ, ଜୈବ-ସିଏନ୍‌ଜି ପାଇଁ ଆଖୁ ଏବଂ ଅନ୍ୟାନ୍ୟ କୃଷି ଉପଜାତ ପଦାର୍ଥ ତଥା ମ୍ୟୁନିସିପାଲିଟିର ଜୈବ ବର୍ଜ୍ୟ ପଦାର୍ଥଗୁଡ଼ିକ ଉପରେ ନିର୍ଭର କରାଯାଇପାରେ। କହିବା ବାହୁଲ୍ୟ, ପ୍ରତିଟି ଦୁର୍ଯୋଗ ପଛରେ ଲୁଚି ରହିଥାଏ ସୁଯୋଗଟିଏ। ତେଣୁ ପଶ୍ଚିମ ଏସିଆରେ ସାମ୍ପ୍ରତିକ ଯୁଦ୍ଧକୁ ସୁଯୋଗର ସନ୍ଧାନରେ ବିନିଯୋଗ କରିବା ଭାରତ ସରକାରଙ୍କ ପାଇଁ ବିଜ୍ଞତାର ପରିଚାୟକ ହେବ।

# ଗୁରୁ ହେଲେ ସେବକ

ଗୁରୁ ଜଣେ ବ୍ୟକ୍ତି ନୁହନ୍ତି; ଶକ୍ତି। ସେ ସ୍ତରରେ ଯିଏ ପହଞ୍ଚନ୍ତି, ସେ ଗୁରୁ ପଦବାଚ୍ୟ। ଶିଷ୍ୟ ସେଠାରେ ପହଞ୍ଚି ଗଲେ ଗୁରୁ ଓ ଶିଷ୍ୟଙ୍କ ଭିତରେ ସେବ୍ୟ ଓ ସେବକର ଭାବ ରୁହେନା। ଏହାର ଏକ ଉଦାହରଣ। ତୋତାପୁରୀ ଥିଲେ ନିରାସକ୍ତ, ମୌନୀ, ବ୍ରହ୍ମବିଦ୍, ଦିଗମ୍ବର ଓ ବେଦାନ୍ତୀ ସନ୍ଥ। ଦିଗମ୍ବର ହେତୁ ତାଙ୍କୁ ସମସ୍ତେ ଲଙ୍ଗୁଳି ବାବା କୁହନ୍ତି। ଅବିଭକ୍ତ ପଞ୍ଜାବରେ ତାଙ୍କର ଜନ୍ମ। କୁଳ, ଗୋତ୍ର ତଥା ପୂର୍ବ ଆଶ୍ରମର କିଛି ସୂଚନା ମିଳେନା। ତଥାପି ଷୋଡ଼ଶ ଶତାବ୍ଦୀର ଶେଷ ବେଳକୁ ତାଙ୍କର ଜନ୍ମ ବୋଲି ଅନୁମାନ କରାଯାଏ। ଲଙ୍ଗୁଳି ବାବା ନାଗା ମଠରେ ରହି ଶିକ୍ଷା, ଦୀକ୍ଷା, ବେଦ ଓ ବେଦାନ୍ତ ପଢ଼ିଥିଲେ। କଠୋର ବୈରାଗୀ ଜୀବନ ଅତିବାହିତ କଲେ। ପ୍ରବୃତ୍ତି ମାର୍ଗର ସାଧକ ସାକାର ଓ ସଗୁଣ ବ୍ରହ୍ମଙ୍କୁ ଉପାସନା କରନ୍ତି। ମାତ୍ର ନିବୃତ୍ତି ମାର୍ଗର ସାଧକମାନେ ନିର୍ଗୁଣ ଓ ନିରାକାର ବ୍ରହ୍ମଙ୍କୁ ନିଜ ଭିତରେ ଅନୁଭବ କରନ୍ତି। ନିଜକୁ ବ୍ରହ୍ମ ବୋଲି ବିଚାର କରନ୍ତି; 'ଅହଂବ୍ରହ୍ମୋସ୍ମି' ଭାବନ୍ତି। ନାଗା ମଠରେ କଠୋର ବ୍ୟାୟାମ, ଆସନ, ପ୍ରାଣାୟାମ, ହଠ ଯୋଗରେ ଅଭ୍ୟସ୍ତ ହୋଇଥିଲେ ଲଙ୍ଗୁଳି ବାବା। ସେ ସମଗ୍ର ଭାରତବର୍ଷକୁ ଚାଲିଚାଲି ଭ୍ରମଣ କରିଥିଲେ। ଲଙ୍ଗୁଳି ବାବା ୧୭୬୨ ମସିହାର ତୃତୀୟ ପାନିପଥ ଯୁଦ୍ଧ ଦେଖିଥିବା କଥା ପ୍ରକାଶ କରିଛନ୍ତି। ସେ କୌଣସି ସ୍ଥାନରେ ତିନି ଦିନରୁ ଅଧିକ ରୁହନ୍ତି ନାହିଁ। ଅନ୍ୟ ସନ୍ଥଙ୍କ ଭଳି ସେ ମଠ, ଆଶ୍ରମ ବା ଶିଷ୍ୟ କରିବାରେ ଆଗ୍ରହୀ ନଥିଲେ। ୧୮୬୨ ମସିହାର ଘଟଣା। ତୋତାପୁରୀ ଗଙ୍ଗା କୂଳ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ତୃତୀୟ ଥର ପାଇଁ ପହଞ୍ଚିଲେ। ମୁଣ୍ଡରେ ବିରାଟ ଜଟା, ହାତରେ ଚିମୁଟା, କମଣ୍ଡଳୁ ଓ ଛାଲ। ସମ୍ପୂର୍ଣ୍ଣ ଉଲଗ୍ନ। ବିରାଟକାୟ ଚେହେରା। ସତେ ଯେମିତି ସେ କିଛି ଖୋଜୁଥିଲେ। ଦୃଷ୍ଟି ପଡ଼ିଲା ମନ୍ଦିର ପାହାଚରେ ବସିଥିବା ଶ୍ୟାମଳ ବର୍ଣ୍ଣ ବ୍ରହ୍ମଚାରୀଙ୍କ ଉପରେ। ମାଆ କାଳୀଙ୍କର ଅନନ୍ୟ ସେବକ ସେ। ନାଁ ଗଦାଧର ଚଟ୍ଟୋପାଧ୍ୟାୟ। ତୋତାପୁରୀ ଜାଣି ପାରିଲେ ଯୁବକଟି ଭକ୍ତିଯୋଗସିଦ୍ଧ। ପାଖରେ ପହଞ୍ଚି ପଚାରିଲେ- 'ବେଦାନ୍ତ ଜ୍ଞାନ ପାଇଁ ଦୀକ୍ଷା ନେବୁ?'- 'ମାଆଙ୍କୁ ପଚାରି ଆସେ'- କହି ଗଦାଧର ମନ୍ଦିର ଭିତରକୁ ଗଲେ। ମାଆ କହିଲେ- 'ମୁଁ ତୋ ପାଇଁ ତାଙ୍କୁ ଏଠିକି ଆଣିଛି। ଦୀକ୍ଷା ନେ।' ଗଦାଧର ଧାଇଁ ଆସିଲେ। ଲଙ୍ଗୁଳି ବାବାଙ୍କ ପାଦତଳେ ପଡ଼ିଗଲେ। ଦୀକ୍ଷା ଗ୍ରହଣ ପରେ ଗଦାଧରଙ୍କ ନାମ ହେଲା ଶ୍ରୀ ରାମକୃଷ୍ଣ। ଖୁବ୍ କମ୍ ଦିନରେ ବେଦାନ୍ତର ଗୂଢ଼ ତତ୍ତ୍ୱ, ଧ୍ୟାନ, ଧାରଣା ଆୟତ୍ତ କରି ସମାଧି ଆଡ଼କୁ ଆଗେଇ ଚାଲିଲେ।

'ନିର୍ଗୁଣ ନିରାକାର ହିଁ ସତ୍ୟ, ଜଗତ ମିଥ୍ୟା'- ଏକଥା କହୁଥିଲେ ଗୁରୁ ତୋତାପୁରୀ। କିନ୍ତୁ ରାମକୃଷ୍ଣ ସହଜରେ ଗ୍ରହଣ କରିପାରୁ ନଥିଲେ। ତାଙ୍କର ସମସ୍ତ ଧ୍ୟାନ, ଧାରଣା ପହଞ୍ଚି ଯାଉଥିଲା ମାଆଙ୍କ ନିକଟରେ। ଏ ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ ଗୁରୁ ତୋତାପୁରୀ। ଦିନେ ଚିମୁଟାରେ ଶ୍ରୀ ରାମକୃଷ୍ଣଙ୍କ ଆଜ୍ଞାଚକ୍ରରେ ମୃଦୁ ଆଘାତ ଦେଇ କହିଲେ- 'ଏଇଠି ଧ୍ୟାନ ଲଗା'। ଶିଷ୍ୟ ଶ୍ରୀରାମକୃଷ୍ଣ ନିର୍ବିକଳ୍ପ ସମାଧିରେ ବସିଗଲେ। ତିନି ଦିନ, ତିନି ରାତି ବିତିଗଲା। ଗୁରୁ ତୋତାପୁରୀ ଶ୍ରୀ ରାମକୃଷ୍ଣ ଓ କୁଡ଼ିଆକୁ ଜଗି ବସିଲେ। ଗୁରୁ ସେବକ ହୋଇଗଲେ। ଶିଷ୍ୟର ସେବାରେ ଲାଗିଲେ। ସମାଧିରୁ ଫେରିଲା ପରେ ତୋତାପୁରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କୁ କହିଲେ- 'ମୁଁ ଯାହାକୁ ଚାଳିଶ ବର୍ଷ ଧରି ସାଧନା କରିଥିଲି, ତୁ ତାକୁ ଏକ ମୁହୂର୍ତ୍ତରେ ହାସଲ କରିନେଲୁ?' ସେହି ଲଙ୍ଗୁଳି ବାବା ପୁରୀର ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ ଗିର୍ଣ୍ଣାରବନ୍ତଠାରେ ୧୯୬୨ ମସିହା ଅଗଷ୍ଟ ମାସରେ ସମାଧିସ୍ଥ ହୋଇ ଦେହରକ୍ଷା କରିଥିଲେ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଚକ୍ଷୁ ପରୀକ୍ଷା ସେଣ୍ଟର୍‌ରେ ହାଇଡ୍ରାମା

## ପ୍ରେସ୍‌କ୍ରିପ୍‌ସନ୍‌କୁ ନେଇ ଉଠିଲା ପ୍ରଶ୍ନ

**ପାରାଦୀପ,୩୧।୩/ଏନ୍‌ଏନ୍‌ଏସ୍:** ପାରାଦୀପ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ୍‌ରେ ରହିଥିବା ଚକ୍ଷୁପରୀକ୍ଷା କେନ୍ଦ୍ରର ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍‌କୁ ନେଇ ଉଠିଲା ପ୍ରଶ୍ନ। କିଛି ସମୟ ପାଇଁ ରୋଗୀ, ଡାକ୍ତର ଓ ଚଷମା ଦୋକାନ ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କକୁ ନେଇ ହାଇଡ୍ରାମା ଦେଖିବାକୁ ମିଳିଛି। ଯାହା ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିବା ଜଣାପଡିଛି। ପ୍ରକାଶ, ଗତ ୨୧ତାରିଖ ଦିନ ଅଠରବାଙ୍କୀର ମିତାଞ୍ଜଳି ନାୟକ ମେଡିକାଲ୍‌ରେ ଏଏମ୍‌ଏନ୍‌ଏସ୍ ତରଫରୁ ପରିଚାଳିତ ହେଉଥିବା ଚକ୍ଷୁ ପରୀକ୍ଷା କେନ୍ଦ୍ରରେ ଆଖି ପରୀକ୍ଷା କରିବା ପରେ ଡାକ୍ତର ପ୍ରେସ୍କ୍ରିସନରେ ଦେଖିଥିବା ପାୱାର ଅନୁଯାୟୀ ମିତାଞ୍ଜଳି ବଡ଼ପଡ଼ିଆ ମାର୍କେଟରେ ରହିଥିବା ଏକ ଚିହ୍ନା ଦୋକାନରୁ ଚଷମା ତିଆରି କରି ଆଜି ଡାକ୍ତରଙ୍କୁ ଦେଖାଇବାକୁ ଯାଇଥିବା ବେଳେ ଡାକ୍ତର ଏହି ଚଷମା ବଦଳରେ ଦେଇଥିବା ପ୍ରେସ୍କ୍ରିସନର ଅପର ପାର୍ଶ୍ୱରେ ଆଉଥରେ ଲେଖିବା ସହିତ ଅଠରବାଙ୍କୀରେ ରହିଥିବା ଏକ ନିର୍ଦ୍ଦିଷ୍ଟ ଚଷମା ଦୋକାନରୁ ଚଷମା ତିଆରି କରିବାକୁ କହିଥିଲେ। ଯାହାକୁ ନେଇ ମିତାଞ୍ଜଳି ଓ ଡାକ୍ତରଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ ବଡ଼ପଡ଼ିଆ ମାର୍କେଟରେ ରହିତ ସାହୁ ଅପ୍ଟିକାଲ୍ସର ମାଲିକ ଜଗଦାନନ୍ଦ ସାହୁ। ମିତାଞ୍ଜଳିଙ୍କୁ ଡାକ୍ତର ଦେଇଥିବା ପ୍ରେସ୍କ୍ରିସନ ଅନୁଯାୟୀ ଚଷମା




ତିଆରି ହୋଇଥିବା ବେଳେ କ'ଣ ପାଇଁ ଆଉ ଏକ ଚଷମା ତିଆରି କରିବେ ବୋଲି କହିବାରୁ ଉକ୍ତ ଚକ୍ଷୁ ପରୀକ୍ଷା କରୁଥିବା ଡାକ୍ତର ଓ ଜଗଦାନନ୍ଦଙ୍କ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ହୋଇଥିଲା। ଯାହା ଫଳରେ ଉପସ୍ଥିତ ମେଡିକାଲ ଷ୍ଟାଫ ପହଞ୍ଚିବା ପରେ ଘଟଣା ଶାନ୍ତ ହୋଇଥିଲା। ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲରେ ଡାକ୍ତରମାନଙ୍କ ପ୍ରେସ୍କ୍ରିସନକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ଅଭିଯୋଗ ହସ୍ତଗତ ହେବା ସହିତ ଏହା ମଧ୍ୟ ଲୋକଲୋଚନକୁ ଆସିଛି। ଏଠି ଚିକିତ୍ସା ବଦଳରେ ଡାକ୍ତରମାନେ ସ୍ଥାନୀୟ ମେଡିସିନ୍ ଷ୍ଟୋରମାନଙ୍କ ସହିତ ସଲାସୁତୁରା କରି ସେମାନଙ୍କୁ ରୋଜଗାର ଦେବା ସହିତ ନିଜ ପକେଟ ଗରମ କରୁଥିବା ଭଳି ଅନେକ ତଥ୍ୟ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏପରିକି ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟିହେବା ସହିତ ଘଟଣା ମଧ୍ୟ ଥାନାକୁ ଆସିଛି। ମେଡିକାଲରେ ରହିଥିବା ଏହି ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ଏଏମ୍‌ଏନ୍‌ଏସ୍ ତରଫରୁ ପରିଚାଳନା କରାଯାଉଥିବା ବେଳେ ଆଖି ପରୀକ୍ଷା କରୁଥିବା ଡାକ୍ତର ଅଠରବାଙ୍କୀ ମାର୍କେଟରେ ଏକ ଚଷମା ଦୋକାନ ଖୋଲିଛନ୍ତି। ଯାହା ଫଳରେ ମେଡିକାଲକୁ ଯିଏ ଆଖି ଦେଖାଇବାକୁ ଆସିଲା ଉକ୍ତ ଦୋକାନରୁ ଚଷମା ତିଆରି କରିବାକୁ କୁହାଯାଉଥିବା ବେଳେ ଯିଏ ଅନ୍ୟ ସ୍ଥାନରୁ ଚଷମା ତିଆରି କଲା ତାକୁ ମିତାଞ୍ଜଳି ଭଳି ଅନ୍ୟ ଏକ ପ୍ରେସ୍କ୍ରିସନ ଦିଆଯାଉଛି। ଯାହା ଫଳରେ ରୋଗୀ ବାଧହୋଇ ଦୁଇଟି ଚଷମା କିଣି ଆର୍ଥିକ ଓ ମାନସିକସ୍ତରରେ ନିର୍ଯାତିତ ହେଉଛନ୍ତି। ଆଜିର ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ କରାଯାଉଥିବା ବେଳେ ଯଥାଶୀଘ୍ର ମେଡିକାଲରେ ଚକ୍ଷୁ ପରୀକ୍ଷା କେନ୍ଦ୍ରରେ ଚାଲୁଥିବା ଏହିଭଳି ଖୁଲମଖୁଲା ରୋଗୀ ଶୋଷଣ ଉପରେ ରୋକ ଲଗାଇବାକୁ ଉଭୟ ମିତାଞ୍ଜଳି ଓ ଜଗଦାନନ୍ଦ ଦାବି କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ରାଜକନିକା,୩୧।୩/ଏନ୍‌ଏନ୍‌ଏସ୍:** ରାଜକନିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚବିଂଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁଜୀ ବୈଷ୍ଣବ ନାଥଙ୍କ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମାଝୀ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ବିଭାଗ ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର, ସମ୍ମାନିତ ଅତିଥିଭାବେ ରାଜକନିକା ବିଇଓ ରତିକାନ୍ତ ସେନାପତି ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଏ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସମ୍ପାଦକ ପ୍ରବୀର କୁମାର ଦେଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୁରୁଜୀ ଅଶ୍ୱିନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପସଭାପତି ରବି ନାରାୟଣ ଜେନା, ସହ ସମ୍ପାଦକ ଗୋଲକ ବିହାରୀ ମଲ୍ଲିକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଧଳ, ସଭ୍ୟା ଶଶୀରେଖା ସାହୁ, କୁନୀଲତା ମଲ୍ଲିକ, ପ୍ରମୁଖ ଯୋଗଦେଇ ଉତ୍ସବକୁ ସରସ ସୁନ୍ଦର କରିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଯାଜପୁର,୩୧।୩/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୫ ଗୋଟି ରେଡ୍ କ୍ରସ୍ ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁକିନ୍ଦା ପ୍ରଜ୍ଞା ପାରମିତା ପୃଷ୍ଟି, ତହସିଲଦାର ,ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକୟସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାର୍ଶାଘାଇ,୩୧।୩/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟାପକ-କର୍ମଚାରୀ ସଂଘ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡଃ ଶଶୀକାନ୍ତ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲ୍ଲାର ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଡେରାବିଶ ମହାବିଦ୍ୟାଳୟ, କୋରୁଆ ଲୋକନାଥ ମହାବିଦ୍ୟାଳୟ, କୋରୁଆ ମହିଳା ମହାବିଦ୍ୟାଳୟ, ସାଲେପୁର, କୁଜଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମେତ ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟାପକ-କର୍ମଚାରୀ ସଂଘଙ୍କ ମଧ୍ୟରୁ ଯୁଗ୍ମ ସମ୍ପାଦକ ବଡ଼ବାବୁ ଅଜିତ କୁମାର ବାରିକ, ପ୍ରାଧ୍ୟାପକ ଡଃ ପ୍ରଭାତ ରଞ୍ଜନ ଲେଙ୍କା, ବିପିନ ବିହାରୀ ନାଥ, ଅଧ୍ୟାପକ ଦୀପକ କୁମାର ମହାନ୍ତି, ଡଃ ଲଚ୍ଛମନ ବୈରାଗୀ ଏବଂ ଡଃ ମଥୁରୀ



ଚରଣ ଜେନା, ବିକ୍ରମ କୁମାର ମହାନ୍ତି, ଡଃ ପ୍ରମୋଦ କୁମାର ଦାସ, ପ୍ରଶାନ୍ତ କୁମାର ଦାଶ, ସୁରେନ୍ଦ୍ରନାଥ ପଣ୍ଡା, ଡଃ ରାଜେନ୍ଦ୍ର କୁମାର ମହାନ୍ତି, ସଚ୍ଚିଦାନନ୍ଦ ସାମନ୍ତରାୟ, ସଞ୍ଜୟ ବେହେରା, ଚନ୍ଦ୍ରଶେଖର ନାୟକ, ପ୍ରଦୀପ ମହାନ୍ତି, ସ୍ମୃତିରଞ୍ଜନ ବେହେରା, ରମେଶ ରାଉଳ, ଅଶୋକ ବେହେରା, ଜଗନମୋହନ ସାହୁ, ଗୌରାଙ୍ଗ ବାରିକ, ଡମ୍ବରୁଧର ଦାସ, ମିତାରାଣୀ ସାହୁ, ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟକ୍ଷ ଡଃ ନାୟକଙ୍କ ୩୬ବର୍ଷର ବୃତ୍ତିଗତ ଜୀବନର କୃତୀ ଓ କୀର୍ତ୍ତିର ସ୍ମୃତିଚାରଣ କରିଥିଲେ। କର୍ମଚାରୀ ସଂଘର ସମ୍ପାଦକ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଡଃ ନାୟକଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର, ପୁଷ୍ପଗୁଚ୍ଛ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲାବେଳେ ବିଦାୟୀ ଅଭିଭାଷଣରେ ମହାବିଦ୍ୟାଳୟ ପ୍ରତି ଦୁର୍ବଳତା ଅନୁଷ୍ଠାନର ପ୍ରଗତିର ଚାବିକାଠି ବୋଲି ଡଃ ନାୟକ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷ ଡଃ ନାୟକଙ୍କ ଠାରୁ ପ୍ରାଧ୍ୟାପକ ବିପିନ ବିହାରୀ ନାଥ ଅଧ୍ୟକ୍ଷ ଭାର ଗ୍ରହଣ କରିଥିଲେ।

# ସାମାନ୍ୟ ବର୍ଷାରେ ପୂର୍ତ୍ତ ବିଭାଗ ରାସ୍ତା ବେହାଲ



**ପରଜଙ୍ଗ,୩୧।୩/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥ ଠାରୁ ହାତିଲୁଚାଣି ଆଡ଼କୁ ଯାଇଥବା ୮୦୦ ମିଟର ପୂର୍ତ୍ତ ବିଭାଗ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ବେହାଲ୍ ହୋଇଯାଉଛି। ଜାତୀୟ ରାଜପଥରେ ପୋଲ ସଂଯୋଗ ହୋଇ ନଥିବା ବେଳେ ସେହି ପୂର୍ତ୍ତ ବିଭାଗ ରାସ୍ତାଦେଇ ସବୁ ଭାରି ଯାନ ଠାରୁ ଆରମ୍ଭ କରି ଛୋଟ ବଡ ଯାନ ଓ ଯାତ୍ରୀବାହୀ ବସ ଚଳାଚଳ କରୁଥିଲା। ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବା ବେଳେ ପୋଲର ଅବସ୍ଥା ସଙ୍କଟାପନ୍ନ ହୋଇପଡିଛି। ଦୀର୍ଘ ଦିନ ଧରି ଜାତୀୟ ରାଜପଥ ଦେଇ ଗାଡି ମଟର ଚଳାଚଳ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୂର୍ତ୍ତ ବିଭାଗ ରାସ୍ତାଟି ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ଅଛି। ଯାହାକି ସେହି ରାସ୍ତା ଦୈନନ୍ଦିନ ପ୍ରାୟ କୋଡିଏଟି ପଞ୍ଚାୟତବାସୀ ଯାତାୟତ କରିଥାନ୍ତି। ଖାଲ ଖମଣରେ ଭର୍ତ୍ତି ଏହି ରାସ୍ତା ସାମାନ୍ୟ ବର୍ଷାରେ ଆଁଠୁଏ ପାଣି ରହୁଛି। ପ୍ରତିଦିନ ପ୍ରାୟ ମୋଟର ସାଇକେଲ ଆରୋହୀ ଖାଲରେ ପଡି ଖଣ୍ଡିଆ ଖାବରା ହୋଇ ଡାକ୍ତରଖାନାକୁ ଆସୁଥିବା ଜଣାପଡ଼ିଛି। ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପୂର୍ତ୍ତ ବିଭାଗର ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ଦାବି ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବ ନିର୍ମାଣ କୃଷକ ସଂଗଠନର ଅନଶନ



**ଜଗତ୍‌ସିଂହପୁର,୩୧।୩/ଏନ୍‌ଏନ୍‌ଏସ୍:** ଆଜି ମାର୍ଚ୍ଚ ୩୧ତାରିଖ ମଙ୍ଗଳବାର ସମସ୍ତ ମଣ୍ଡି ବନ୍ଦ ହେବାର ଶେଷ ତାରିଖ। ହେଲେ ବହୁ ଚାଷୀ ମଣ୍ଡିରେ ଆଜି ପର୍ଯ୍ୟନ୍ତ ଧାନ ବିକ୍ରୟ କରି ନପାରି ଥିବାର ରାଜ୍ୟ ସରକାର ଆଉ ଅଧିକ ୨ଦିନ ମଣ୍ଡି ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଅପର ପକ୍ଷରେ ଜଗତସିଂହପୁର ଜିଲ୍ଲାର ସର୍ବାଧିକ ମଣ୍ଡି ମାନଙ୍କରେ ୧୦୦ଜଣରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କ ଧାନ ବିକ୍ରୟ କରି ପାରି ନାହାନ୍ତି। ତେବେ ଜିଲ୍ଲାରେ ମିଲର ଅଭାବରୁ ଏହି ଦୁଇ ଦିନ ମଧ୍ୟରେ ଜିଲ୍ଲାରେ ଧାନ ବିକ୍ରୟରୁ ବଞ୍ଚିତ ଥିବା ସମସ୍ତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବା ଅସମ୍ଭବ ହୋଇ ପଡିବା ଓ ଚଳିତ ମାସ ୨୨ତାରିଖରୁ ନବ ନିର୍ମାଣ ସଂଗଠନ ପକ୍ଷରୁ ଆରମ୍ଭ ହୋଇଥିବା କୃଷକ ଅଧିକାର ପଦଯାତ୍ରାରେ ୧୩ଜଣ ନବ ନିର୍ମାଣ ସଂଗଠନର ରାଷ୍ଟ୍ରୀୟ ଓ ରାଜ୍ୟ ନେତୃବୃନ୍ଦଙ୍କୁ ପୁଲିସ ଗିରଫ କରି ଚୌଦ୍ୱାର ଜେଲ ପଠାଇ ଥିବାଙ୍କୁ ନିଃସର୍ତରେ ଖଲାସ କରିବା ଦାବିରେ ମଙ୍ଗଳବାର ପୂର୍ବାହ୍ନରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସତ୍ୟାଗ୍ରହ ଓ ଅନସନ ଆରମ୍ଭ କରିଛନ୍ତି। ସତ୍ୟାଗ୍ରହରେ ଦେବୀ ପ୍ରସାଦ ମହାରଣା, ପ୍ରମୋଦ ଦାଶ, ରଘୁନାଥ ନାୟକ ଅନସନରେ ବସିଥିବା ବେଳେ, ବିପ୍ଲବି ନେତା ବାସୁଦେବ, ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ଦୁର୍ଗା ଚରଣ ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡା, ସ୍ନେହାଂଶୁ ଜେନା, ବିଜୟ ପତି, ଶରତ ମହାପାତ୍ରଅନ୍ୟାନ୍ୟ ମହାନ୍ତି, ଅଭୟ କୁମାର ସ୍ୱାଇଁ, ପ୍ରସନ୍ନ କୁଅଁର, ଅମୂଲ୍ୟ କୁମାର ମହାନ୍ତି, ଧୂର୍ଜଟି ମହାନ୍ତି, ବୈକୁଣ୍ଠ ବିଶ୍ୱାଳ, ପ୍ରମୋଦ ପାଳ ପ୍ରମୁଖ ଚାଷୀ ମାନେ ଧାରଣାରେ ବସି ସହଯୋଗ କରିଛନ୍ତି। ତେବେ ସୂଚନା ମିଳିଛି ଯେ, ଜିଲ୍ଲା ଯୋଗାଣ ଅଧିକାରୀ ଧାରଣା ଓ ଅନସନ ସ୍ଥଳକୁ ଆସି ଅନସନ ଓ ଧାରଣାକାରୀମାନଙ୍କୁ ୨ଦିନ ମଧ୍ୟରେ ଧାନ ବିକ୍ରୟରୁ ବାଦ ପଡିଥିବା ସମସ୍ତ ଚାଷୀଙ୍କ ଧାନ ମଣ୍ଡିରେ କ୍ରୟ କରା ଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ମଧ୍ୟ, ନବ ନିର୍ମାଣ କୃଷକ ସଂଗଠକ ମାନେ ଧାରଣା ଓ ଅନସନରୁ ଓହରି ନଥିବା ଜଣା ଯାଇଛି। ମଣ୍ଡିରେ ଧାନ ଦେବା ପାଇଁ ରହି ଯାଇଥିବା ସମସ୍ତ କୃଷକ ମାନଙ୍କ ଧାନ ପ୍ରଥମେ ବିକ୍ରୟ କରି ସାରିବା ପରେ ଅନସନରୁ ଓହରିବେ ବୋଲି ପ୍ରଶାସନକୁ ଅବଗତ କରାଇ ଅନସନ ଜାରି ରଖିଛନ୍ତି।

# ମା'ସିଦ୍ଧ ସିନ୍ଦୁରାଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଧର୍ମଶାଳା,୩୧।୩/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ କଲଣ ପଞ୍ଚାୟତ ଅନ୍ତର୍ଗତ ଶୁଳିଆ ଗ୍ରାମରେ ମା' ସିଦ୍ଧ ସିନ୍ଦୁରାଇ ପୀଠରେ ମା'ହିଙ୍ଗୁଳା ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଜିଠାରୁ ଆରମ୍ଭହୋଇ ୪ ଦୀନ ବ୍ୟାପି ମହା ସମାରୋହରେ ପାଳିତ ହୋଇ ୨ ତାରିଖରେ ପୂର୍ଣ୍ଣାହୁତି କରାଯିବାର ବ୍ୟବସ୍ଥା ରହିଛି। ମା ' ସିଦ୍ଧ ସିନ୍ଦୁରାଇଙ୍କର ବହୁ ପୁରାତନ କିମ୍ବଦନ୍ତୀ ରହିଛି। କଳାପାହାଡ଼ ଆକ୍ରମଣ କରିବା ସମୟରେ ପ୍ରଭୁ ନାରାୟଣ ଗୋସାଇଁ ସିଂହାପୁର ପୁଷ୍କରିଣୀରେ ଓ ଭଉଣୀ ଶୁଳିଆ ଗ୍ରାମର ବେତ ବନରେ ଅବସ୍ଥାପିତ କରି ଶୁଳିଆ ଗ୍ରାମବାସୀଙ୍କୁ ସ୍ୱପ୍ନାଦେଶ କରିଥିଲେ। ସେହି ସମୟରୁ ମା' ସିଦ୍ଧ ସିନ୍ଦୁରାଇ ରୂପରେ ପୂଜାପାଇ ଆସୁଛନ୍ତି। ଆଜି ତାଙ୍କରି ପୀଠରେ ମା' ହିଙ୍ଗୁଳା ଦେବୀଙ୍କୁ ଆବାହନ କରାଯାଇ ନଦୀରୁ ପୂର୍ଣ୍ଣ କଳସ ବୁଡ଼ାଯାଇ ସଂକୀର୍ତ୍ତନ ମଣ୍ଡଳୀ ସହିତ ଗ୍ରାମ ପରିକ୍ରମା କରାଯାଇଛି। ଏହିପରି ୩ ଦୀନ ବ୍ୟାପି ମହା ସମାରୋହରେ ହେଙ୍ଗୁଳାଙ୍କର ବିଶ୍ୱଶାନ୍ତି ଯଜ୍ଞଉତ୍ସବ ପାଳିତ ହେବ। ପ୍ରତ୍ୟକ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକର୍ମ, ଭଜନ ସମାରୋହ ସହିତ ପ୍ରବଚନ ଓ ଅପେରା ଯାତ୍ରା କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଯଜ୍ଞଉତ୍ସବର ପୂର୍ଣ୍ଣାହୁତି ଦିବସରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତାହା ସହିତ ପଡ଼ୋଶୀ ଗ୍ରାମର ଜନସଧାରଣ ଭକ୍ତ ବୃନ୍ଦ ଏହି ହିଙ୍ଗୁଳା ଯଜ୍ଞ ଉତ୍ସବକୁ ସହଯୋଗ କରିଥାନ୍ତି। ଏହିପରି ପାଖାପାଖି ଗ୍ରାମର ହଜାର ହଜାର ସଂଖ୍ୟାର ଭକ୍ତବୃନ୍ଦ ଯୋଗଦାନ କରିବାର ଦୃଷ୍ଟିରେ ରଖି ସମସ୍ତଙ୍କ ପାଇଁ ପ୍ରସାଦ ସେବନ ଓ ପାନୀୟ ଜଳର ବ୍ୟବସ୍ଥା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବାପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏହି ଯଜ୍ଞ ଉତ୍ସବକୁ ହିଙ୍ଗୁଳା କମିଟିର ସଭାପତି ଜ୍ଞାନେନ୍ଦ୍ର ଶତପଥୀ, ସମ୍ପାଦକ ସଦାଶିବ ସାହୁ, କୋଷଦକ୍ଷ ଭରତ ଚନ୍ଦ୍ର ସାହୁ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ବୃନ୍ଦ ପରିଚାଳନା କରୁଛନ୍ତି।

# ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

**କୁଆଖିଆ,୩୧।୩/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ବିରଞ୍ଚି ନାରାୟଣ ରାମ ଓ ପଦାର୍ଥ ବିଜ୍ଞାନ ସହାୟକ ସୁବାସ ରାଉତ ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ନିମାଇଁ ଚରଣ କର, ତନ୍ମୟ କୁମାର ବଳ, ଅର୍ଣ୍ଣଦା ଶଙ୍କର ଶତପଥୀ, ସୋମନାଥ ଦାଶ, ଚିତ୍ତରଞ୍ଜନ ମିଶ୍ର, ନିତ୍ୟାନନ୍ଦ ମହାନ୍ତି ଯୋଗଦେଇ ବିରଞ୍ଚି ସାର ଓ ସୁବାସ ବାବୁଙ୍କ କାର୍ଯ୍ୟଦକ୍ଷତା ଉପରେ କହିଥିଲେ। ସମ୍ମାନିତ ଅତିଥି ଅଜୟ କୁମାର ଚନ୍ଦ୍ର, ଶୁଭେନ୍ଦୁ ପଟ୍ଟନାୟକ, ଅଜୟ କୁମାର ଜେନା, ଅଧ୍ୟାପିକା ଦୀପ୍ତିମୟୀ ଦାସ, ପ୍ରଣତି ରାଉତ,ବିକାଶ ଚନ୍ଦ୍ର ସାହୁ, ଦେବବ୍ରତ ସାହୁ, ଯୋଗଦାନ କରି ବିଦାୟୀ ଦୁଇ ପ୍ରତିଭାଙ୍କ ଦୀର୍ଘ ୩୦ବର୍ଷର କର୍ମ, କର୍ତ୍ତବ୍ୟ ଓ ଛାତ୍ର ବତ୍ସଳ ଉପରେ ଆଲୋକପାତ କରିଥିଲେ।

# ଷ୍ଟୁଡିଓରୁ କ୍ୟାମେରା ଚୋରି ଅଭିଯୋଗ

**ପାରାଦୀପ,୩୧।୩/ଏନ୍‌ଏନ୍‌ଏସ୍:** ପାରାଦୀପରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ମଧ୍ୟରେ ଅନେକ ସ୍ଥାନରେ ଚୋରି ହୋଇଥିବା ବେଳେ ବଡ଼ପଡ଼ିଆ ବିଲଡିଂ ମାର୍କେଟରେ ରହିଥିବା ଷ୍ଟୁଡିଓ ବାଲାଜୀରୁ ଲକ୍ଷାଧିକ ଟଙ୍କାର କ୍ୟାମେରା ଓ ନଗଦ କ୍ୟାସ ଲୁଟ ହୋଇଥିବା ନେଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମାଲିକ। କିଛିଦିନ ପୂର୍ବରୁ ଏହି ଅଞ୍ଚଳରେ ଏକ ପାନ ଦୋକାନ ତାଡି ବିଭିନ୍ନ ସାମଗ୍ରୀ ଲୁଟି ନେଉଥିଲେ ଦୁର୍ବୃତ୍ତ। ପ୍ରକାଶ, ଆଜି ସକାଳୁ ବିଲଡିଂ ମାର୍କେଟରେ ରହିଥିବା ବାଲାଜୀର ମାଲିକ ଅଶୋକ ଦାସ ଷ୍ଟୁଡିଓ ଖୋଲିବା ସମୟରେ ସଟର ତାଲା ଭଙ୍ଗାଯିବା ସହିତ ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ତେବେ ରାତି ପାଖାପାଖି ୧ରୁ ୨ଟା ମଧ୍ୟରେ ଜଣେ ଯୁବକ ଏହି ଦୋକାନ ପାର୍ଶ୍ୱରୁ କିଛି ହାତରେ ଧରି ଯିବା ଏବଂ ମୁହଁରେ ରୁମାଲ ବାନ୍ଧିଥିବା ସିସିଟିଭିରେ କଏଦ ଦୃଶ୍ୟକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ କିଏ ଓ କଣ ପାଇଁ ଷ୍ଟୁଡିଓରେ କଳାକନା ବୁଲାଇଲା ବୋଲି ମାଲିକ ଅଶୋକ ଦାସ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୁଲିସ ଚୋରକୁ ଧରିବାରେ ସଫଳ ହେଉଛି କି ଚୋର ଖସିଯାଉଛି ତାହା ଆଗାମୀ ସମୟରେ ଜଣାପଡିବ ବୋଲି କିଛି ସ୍ଥାନୀୟ ବ୍ୟବସାୟୀ ପ୍ରକାଶ କରିଛନ୍ତି।

# ଡାଇମଣ୍ଡ୍ କମିଟି ପକ୍ଷରୁ ପ୍ରସାଦ ବଣ୍ଟନ

**ପରଜଙ୍ଗ,୩୧।୩/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ ପିତିରୀ ଗ୍ରାମଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ଓଭର ବ୍ରିଜ୍ ତଳେ ପିତିରି ଡାଇମଣ୍ଡ କମିଟି ପକ୍ଷରୁ ହିଙ୍ଗୁଳା ଯାତ୍ରା ଉପଲକ୍ଷେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିଙ୍ଗୁଳା ଯାତ୍ରା ଏହି ଅଞ୍ଚଳର ଏକ ବହୁତ ବଡ଼ ପର୍ବ। ବେଶ୍ ଆନନ୍ଦ ଉଲ୍ଲାସରେ ପୁରା ଅଞ୍ଚଳର ଲୋକମାନେ ମା' ହିଙ୍ଗୁଳାଙ୍କ ପୂଜା କରିଥାନ୍ତି। ଏହି ଅବସରରେ ରାସ୍ତାରେ ଯାଉଥିବା ହଜାର ହଜାର ବାଟୋଇ ଏବଂ ଆଖ ପାଖ ଅଞ୍ଚଳର ବହୁ ଲୋକ ଏଠାରେ ପ୍ରସାଦ ସେବନ କରିଥିଲେ। ତତ୍ ସହିତ ପ୍ରବଳ ଖରା ପାଇଁ କମିଟି ପିଲାଙ୍କ ଦ୍ୱାରା ଦହି ସରବତର ବ୍ୟବସ୍ଥା ମଧ୍ୟ ହୋଇଥିଲା।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦିବସ



**କେନ୍ଦ୍ରାପଡ଼ା,୩୧।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ କିନ୍ନର ଦିବସ ପାଳନ କରାଯାଇଛି। ଏ ନେଇ ରଥକୁ ଜିଲ୍ଲାପାଳ ରଘୁରାମ୍.ଆର.ଆଇ.ଆର୍ ଉଦ୍‌ଘାଟନ କରିଥିଲେ। ରଥଟି ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲା। ପରେ ଏକ ଜିଲ୍ଲାକାର୍ଯ୍ୟାଳୟ ସଭାରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଡିପିସି ମମତା ମନୋରଞ୍ଜନ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ କିନ୍ନର ମାନଙ୍କର ଆଇନ୍ ତାଙ୍କର ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଗଞ୍ଜେଇ ଜବତ, ୩ ଗିରଫ

**ଜଗତ୍‌ସିଂହପୁର,୩୧।୩/ଏନ୍‌ଏନ୍‌ଏସ୍:** ସୋମବାର ଜଗତସିଂହପୁର ଜିଲ୍ଲା ଏରସମା ଥାନା ପୁଲିସ ସ୍ଥାନୀୟ ନିମୋଳ ଗ୍ରାମର ପପୁ ପଣ୍ଡା ନାମକ ଜଣେ ପେଶାଦାର ଗଞ୍ଜେଇ ବ୍ୟବସାୟ ଘରେ ଅଚାନକ ଚଢାଉ କରି ୨୭କି.ଗ୍ରା ଓଜନରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହିତ ପପୁ ପଣ୍ଡା, ତାର ସ୍ତ୍ରୀ ପ୍ରତିଭା ପଣ୍ଡା ଓ ବ୍ୟବସାୟରେ ସହଯୋଗ କରୁଥିବା ସ୍ଥାନୀୟ ଏରସମା ଜଗତା ସାହିର ଅଭିରାମ ଖଟୁଆଙ୍କୁ ଗିରଫ କରି କୋର୍ଟଚାଲଣ କରିଛନ୍ତି। ଏଥି ସହିତ ପପୁଙ୍କ ଘରୁ ଗଞ୍ଜେଇ ବ୍ୟବସାୟରେ ବ୍ୟବହୃତ ୩ଟି ଓଜନ ମାପ ଯନ୍ତ୍ର, ୧୨୦ଟି ପଲିଥିନ ପ୍ୟାକେଟ, ୩ଟି ମୋବାଇଲ ଫୋନ, ଏକ ବାଇକ, ଏକ ଇଭି ସ୍କୁଟି, ଏକ ୪ଚକିଆ କାର ସହିତ ନଗଦ ୧୪ହଜାର ୬୬୦ଟଙ୍କା ଜବତ କରିଛନ୍ତି। ପ୍ରକାଶ, ଏରସମା ଥାନା ଅନ୍ତର୍ଗତ କୋଠି ପଞ୍ଚାୟତ ନିମୋଳ ଗ୍ରାମରେ ଏକ ଘରେ ପ୍ରଚୁର ମାତ୍ରାରେ ଗଞ୍ଜେଇ ବ୍ୟସାୟ ଚାଲିଥିବା ତିର୍ତ୍ତୋଲ ଏସ୍‌ଡିପିଓ ସୁଚନା ପାଇବା ପରେ ଚଢାଉ ନିମନ୍ତେ ଏରସମା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିପିଓଙ୍କ ନିର୍ଦ୍ଦେଶ ମୁତାବକ ଏରସମା ଆଇଆଇସିଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଶାନ୍ତ କୁମାର କାନୁନ୍‌ଗୋ ଓ ପୁଲିସ ଟିମ୍ ସୋମବାର ଅପରାହ୍ନରେ ନିମୋଳ ଗ୍ରାମର ସ୍ୱର୍ଗତ ନିରଞ୍ଜନ ପଣ୍ଡଙ୍କ ପୁଅ ପପୁ ଓରଫ ସଚି ରଞ୍ଜନ ପଣ୍ଡ(୪୯)ଙ୍କ ଘରେ ଚଢାଉ କରିଥିଲେ। ଚଢାଉରେ ଦେଖିବାକୁ ପାଇଥିଲେ ଯେ, ପପୁ, ତାର ସ୍ତ୍ରୀ ପ୍ରତିଭା ପଣ୍ଡା(୪୭) ଓ ନିକଟସ୍ଥ ଜଗତା ସାହିର ସହଯୋଗୀ ବ୍ୟବସାୟୀ କୃଷ୍ଣ ଚନ୍ଦ୍ର ଖଟୁଆଙ୍କ ପୁଅ ଅଭିନ ଓରଫ୍ ଅଭିରାମ ଖଟୁଆ(୫୮) ମିଳିତ ଭାବେ ଗଞ୍ଜେଇ ବ୍ୟବସାୟ କରୁଥିଲେ। ତେବେ ଏହି ଚଢାଉରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଘରୁ ୨୭କିଗ୍ରା ୬୦୦ଗ୍ରାମ ଓଜନର ଗଞ୍ଜେଇ, ୩ଟି ଓଜନ ମେସିନ୍, ୨/୩ ସେମି ସାଇଜର ୧୨୦ଟି ଖାଲି ପଲିଥିନ ପ୍ୟାକେଟ୍, ନଗଦ୧୪ହଜାର ୬୬୦ଟଙ୍କା, ୩ଟି ମୋବାଇଲ ଫୋନ, ଏକଟି ଆଇ-୧୦ କାର, ଏକ ବୁଲେଟ ଓ ଏକ ଇଭି ସ୍କୁଟି ଜବତ କରି ଥାନାକୁ ଆଣିଥିଲେ। ଥାନାରେ ଏସ୍‌ଆଇ ଶ୍ରୀ କାନୁନ୍‌ଗୋଙ୍କ ଅଭିଯୋଗ ମୁତାବରେ ସମ୍ପୃକ୍ତ ୩ଜଣ ବେଆଇନ ନିଶା କାରବାର ଦଫା ୨୦(ସି)/୨୫/୨୯ ଏନ୍‌ଡିପିଏସ ଆକ୍ଟ ୧୯୮୫ରେ ମାମଲା ନଂ ୧୧୬/୨୦୨୬ ରୁଜୁ କରି କୋର୍ଟଚାଲଣ କରା ଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଏଲ୍‌ପିଜି ସିଲିଣ୍ଡର୍ କଳାବଜାରୀ ରୋକିବା ପାଇଁ ସମୀକ୍ଷା

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ଜିଲ୍ଲାରେ ଏଲ୍‌ପିଜି ସିଲିଣ୍ଡର କଳାବଜାରୀକୁ ରୋକିବା ଓ ସାଧାରଣ ଲୋକଙ୍କୁ ରନ୍ଧନ ଗ୍ୟାସ ଉପଲବ୍ଧ କରାଇବା ନିମନ୍ତେ ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଭିଡିଓ

## ୧୦୨ ଏଲ୍‌ପିଜି ସିଲିଣ୍ଡର ଜବତ

କନ୍‌ଫରେନ୍‌ସିଂ ଜରିଆରେ ବରିଷ୍ଠ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ, ହସ୍ପିଟାଲ ଓ ଅଙ୍ଗନବାଡି କେନ୍ଦ୍ରରେ ଗ୍ୟାସ ଅଭାବ ଯୋଗୁ କୌଣସି ପ୍ରକାର ଅସୁବିଧା ସୃଷ୍ଟି ହୋଇନାହିଁ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ପ୍ରଦାନ କରିଥିଲେ।

ଘରୋଇ ଉପଭୋକ୍ତାଙ୍କ ସମେତ ବାଣିଜିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟଗୁଡ଼ିକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଇ ଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ବାଣିଜ୍ୟିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟଗୁଡ଼ିକୁ ବାଧ୍ୟତାମୂଳକ ଭାବେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗ ନେବାକୁ ଜିଲ୍ଲାପାଳ ମତପ୍ରକାଶ କରିଥିଲେ। ଗ୍ୟାସ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌କୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗୀକରଣ ନେଇ ଉପଭୋକ୍ତା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।




ଏହା ସହିତ ଗ୍ୟାସ କଳାବଜାରୀ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହିପରି କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଉପସ୍ଥିତ ପୁଲିସ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପରିସ୍ଥିତିରେ ଜନ ସାଧାରଣ ଯେପରି ଏଲ୍‌ପିଜି ପାଇବାରୁ ବଞ୍ଚିତ ନ ହୋଇ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ ସିଡିଏ ସମେତ କଟକ ସହରର ବିଭିନ୍ନ ଅଞ୍ଚଳରୁ ସମୁଦାୟ ୧୦୨ଟି ଏଲପିଜି ସିଲିଣ୍ଡର ଜବତ କରିଛି।

# ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ



**କଟକ,୩୧।୩/ଏନ୍‌ଏନ୍‌ଏସ୍:** ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ପକ୍ଷରୁ ୨୦୨୨ ମସିହାରୁ ଦେଶରେ ଚାଲିଥିବା ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ(ଓଭିଇପି)ତିନିଘରିଆ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଧରପୁର ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଏକ ଦିବସୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଦିବସ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଧରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତି ମୁଖ୍ୟ ଅତିଥି , ହୃଷିକେଶ ମହାନ୍ତି ସମ୍ମାନିତ ଅତିଥି, ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ମମତା ବେହେରା ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ କ୍ଲଷ୍ଟର ସିଆର୍‌ସିସି ଲକ୍ଷ୍ମୀପ୍ରିୟା ରାଉତ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ଅତିଥି ପରିଚୟ କରିଥିବା ବେଳେ ଓ ଭିଇପିର ଦାୟିତ୍ୱରେ ଥିବା ସହକାରୀ ଶିକ୍ଷୟିତ୍ରୀ ସୁପ୍ରିୟା ସେନାପତି , କ୍ରୀଡା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ରାଏ ଖେଳ ପରିଚାଳନା କରିଥିଲେ। ଗୀତାଞ୍ଜଳି ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିନିଘରିଆ କ୍ଲଷ୍ଟରର ବିଦ୍ୟାଧରପୁର ହରିଜନ, ତିନିଘରିଆ ପ୍ରାଇମେରୀ, ବେଲେଶ୍ୱର ପ୍ରକଳ୍ପ ଉଚ୍ଚ ପ୍ରାଥମିକ, କହ୍ନେଇପୁର ଉଦିମୁଲ୍ ପ୍ରାଥମିକ, ବିଦ୍ୟାଧରପୁର ନୋଡାଲ ଉ.ପ୍ରା ଏବଂ ବିଦ୍ୟାଧରପୁର ହାଇସ୍କୁଲର ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱଜିତ୍ ଜେନା, ସୁଶାନ୍ତ ପରିଡ଼ା, ଜୟଶ୍ରୀ ମହାପାତ୍ର, ସୁଜାତା ସେଠୀ, ସାଗ୍ନିକା ମିଶ୍ର, ଚନ୍ଦନ ସାହୁ , ରିନାକ୍ଷି ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଶିଶୁ ଅଧିକାର କର୍ମଶାଳା

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ସମାଜସେବା ସଂଗଠନ ଉତ୍କଳ ସେବକ ସମାଜ ଦ୍ୱାରା ପରିଚାଳିତ ଗୋଷ୍ଠୀ ସହାୟତା କେନ୍ଦ୍ର ଦ୍ୱାରା ଶିଶୁ ମଙ୍ଗଳ ସମିତି




କଟକଠାରେ ଏଚ୍‌ଆଇଭି ସଂକ୍ରମିତ ଶିଶୁମାନଙ୍କ ଥଇଥାନ ଓ ମୁଖ୍ୟସ୍ରୋତରେ ସାମିଲ କରିବା ବିଷୟକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ବରିଷ୍ଠ ସଦସ୍ୟା ସୁଶ୍ରୀ ମନ୍ଦାକିନୀ ଜେମା, ସଦସ୍ୟା ସୁନନ୍ଦା ମଲ୍ଲିକ, ସଦସ୍ୟ ପ୍ରଭାତ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପିଓଏନ୍‌ଆଇସି, ବିସ୍ମୟ ମୋହନ ସାହୁ, ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମୀୟ ଭୂଷଣ ବିଶ୍ୱାଳ, ଚାଇଲ୍ଡ ହେଲ୍ପଲାଇନର ପ୍ରକଳ୍ପ ସଂଯୋଜକ ସାଇରାମ ଷଡଙ୍ଗୀ, ସୁପରଭାଇଜର ନାରାୟଣ ଶୁକ୍ଳା, ଜଂଗ୍ରେସ କୁମାର ରଥ ଯୋଗଦାନ କରି ଏଚଆଇଭି ଏଡ୍‌ସ ସହିତ ବଞ୍ଚୁଥିବା ଶିଶୁ ଓ କିଶୋର କିଶୋରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ରେ ସଂଯୋଗ କରିବା ବିଷୟରେ ଆଲୋଚନା କରିଥିଲେ। ଚିହ୍ନଟ ହୋଇଥିବା ଏଚ୍‌ଆଇଭି ସଂକ୍ରମିତ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସ୍ପୋନ୍‌ସୋରସିପଠାରୁ ଆରମ୍ଭ କରି ଗ୍ରୀନ୍ ପ୍ୟାସେଜ ଭଳି ବ୍ୟବସ୍ଥାରେ ସାମିଲ କରିବା ଦିଗରେ ପ୍ରଚେଷ୍ଟା କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏଥି ସହିତ ବାଲ୍ୟ ବିବାହ ମୁକ୍ତ କଟକ ଜିଲ୍ଲା ଗଠନ ଦିଗରେ ସରକାରୀ ଓ ବେସରକାରୀ ସଂଗଠନ ମିଳିତ ଭାବେ କାମ କଲେ ଇପ୍ସିତ ଲକ୍ଷ୍ୟ ହାସଲ କରିବା ସହଜ ହେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଯୌନ ଶୋଷଣର ଶିକାର ହେଉଥିବା ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଗୁଣାତ୍ମକ ପରାମର୍ଶ ଓ ଆଇନଗତ ସହାୟତା ଯୋଗାଇଦେବା ପାଇଁ ଉତ୍କଳ ସେବକ ସମାଜ ଦ୍ୱାରା ତାଲିମ ପ୍ରାପ୍ତ ଭିକ୍ଟିମ ସପୋର୍ଟ ପର୍ସନମାନଙ୍କ ସହାୟତା ନେବା ଉପରେ ସହମତି ପ୍ରକାଶ ପାଇଥିଲା। ଏହାଦ୍ୱାରା ଅବହେଳିତ ନିର୍ଯାତିତ ଶିଶୁ ମାନେ ନ୍ୟାୟ ପାଇବା ସମ୍ଭବ ହେବ ବୋଲି ବକ୍ତା ମାନେ ଆଶା ପୋଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ ସଂଚାଳନା କରିଥିଲାବେଳେ ମଳୟ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲ୍ ସାହିତ୍ୟ ଉତ୍ସବକୁ ସୁନାମଣି ରାଉତ ନିମନ୍ତ୍ରିତ

**କଟକ,୩୧।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସାହିତ୍ୟ ଅକାଦେମୀର ସାହିତ୍ୟୋତ୍ସବ ନୂଆଦିଲ୍ଲୀ ସ୍ଥିତ ଫିରୋଜ ସାହା ରୋଡ୍, ରବୀନ୍ଦ୍ର ଭବନଠାରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଛ' ଦିନ ଧରି ବାଲ୍ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ 'ଶିଶୁ ସାହିତ୍ୟର ସ୍ୱତନ୍ତ୍ର ପରିଚୟ ଫେରିପାଇବା' ଶୀର୍ଷକ ଶିଶୁ ସାହିତ୍ୟ ସମ୍ମେଳନରେ ଓଡ଼ିଶାରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ସୁନାମଣି ରାଉତ ନିମନ୍ତ୍ରିତ ହୋଇଛନ୍ତି। ୪ ତାରିଖରେ ହେବାକୁ ଥିବା ଏହି ଜାତୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ଉତ୍ସବରେ ଡକ୍ଟର ରାଉତ ବିଷୟଭିତ୍ତିକ ସ୍ୱରଚିତ ଓଡ଼ିଆ ଶିଶୁ କବିତା ସହିତ ଏହାର ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁଦିତକରି ପାଠ କରିବାର କାର୍ଯ୍ୟକ୍ରମ ରହିଛି।

# ଖ୍ରୀଷ୍ଟ କଲେଜ୍ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ଖ୍ରୀଷ୍ଟକଲେଜ ଶିକ୍ଷକ ସଂଘ ତରଫରୁ ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ପ୍ରଦାନ କରାଯାଇଛି। କଲେଜର ଅଧକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି ଡଃ ଶୁକ୍ଳଙ୍କର ଓଡ଼ିଆ ପାଠ୍ୟଦାନରେ ପାରଦର୍ଶିତା, କାର୍ଯ୍ୟନିପୁଣତା, ସାହିତ୍ୟସର୍ଜନା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ସଂଘର ସମ୍ପାଦକ ଡଃ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଡଃ ଶୁକ୍ଳଙ୍କର ଜ୍ଞାନ ସମ୍ବଳିତ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଡଃ ଶୁକ୍ଳଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଡଃ ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ମାନପତ୍ର ପାଠ କରିଥିଲେ। ଡଃ କ୍ଷଣପ୍ରଭା ନନ୍ଦ, ଡଃ ଦେବଯାନୀ ଦାଶ, ଅଧ୍ୟାପକ ସୁମନ ରଏ, ଡଃ ବିନୀତା ନନ୍ଦ, ଡଃ କୃତ୍ତିବାସ ଷଡ଼ଙ୍ଗୀ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡଃ ଆଲୋକ ମିଶ୍ର, ଡଃ ଜେହାରା ଜବୀନ, ଅଧ୍ୟାପିକା ସ୍ୱାତୀ ଦାଶ, ଡଃ କବିତା ଜେନା, ଅଧ୍ୟାପକ ସୁବ୍ରତ ବଳ, ଅଧ୍ୟାପିକା ରିଙ୍କୁ ମହାପାତ୍ର ଓ ଡଃ ସିତ ବିଶ୍ୱାସ ପ୍ରମୁଖ ଡଃ ଶୁକ୍ଳଙ୍କର ପ୍ରତିଭାଦୀପ୍ତ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନାର ଉତରରେ ଡଃ ଶୁକ୍ଳ କହିଲେ ଯେ ଖ୍ରୀଷ୍ଟ କଲେଜରେ ଛାତ୍ରାବସ୍ଥାରୁ ଅଧ୍ୟାପନାର ସୁଦୀର୍ଘ ଅନୁଭବରେ ସେ ଅନେକ କିଛି ପାଇଛନ୍ତି ଓ ଆଗକୁ ସମାଜ ପାଇଁ କିଛି ସୁକାର୍ଯ୍ୟ କରିବା ପାଇଁ ମନସ୍ଥ କରିଛନ୍ତି। ସମ୍ପାଦକ ଡଃ ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ତାତି ବୃଦ୍ଧି ଲାଗି ଓଡ଼ିଶାରେ ଦିନରେ ଅସହ୍ୟ ଗରମ ହେଉଥିବା ବେଳେ ଅପରାହ୍ନରେ କୋହଲା ପାଗ ରହୁଛି। ଗତ କିଛି ଧରି ଓଡ଼ିଶାରେ ଅଧିକାଂଶ ଜିଲ୍ଲାରେ ଏପରି ପାଣିପାଗ ଦେଖିବାକୁ ମିଳୁଥିବା ବେଳେ ଆହୁରି ୫ ଦିନ ଯାଏଁ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପବନ ବହିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଏହି ୪ ଜିଲ୍ଲାରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୫୦ରୁ ୬୦ କି.ମି ଘଟକା ପବନ ବହିବାର ସମ୍ଭାବନା ଥିବା ବେଳେ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସେହିପରି ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଢେଙ୍କାନାଳ, ଯାଜପୁର, ଅନୁଗୁଳ ଓ କଟକ ୨୧ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ୩୦ରୁ ୫୦ କି.ମି ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ,ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନବରଙ୍ଗପୁର ଓ ନୂଆପଡା ଆଦି ଜିଲ୍ଲାକୁ ବିଜୁଳି ଘଡଘଡି ସହ ୩୦ ରୁ ୫୦ କି.ମି ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତା ୪ ତାରିଖ ଯାଏ ରାଜ୍ୟରେ ବର୍ଷା ପାଇଁ ଚେତାବନୀ ଦିଆଯାଇଛି। ସେପଟେ ବର୍ଷା ଓ ପବନ ସହ ସମୁଦ୍ର ମଧ୍ୟରେ ପବନର ବେଗ ୪୦ରୁ ୫୦, ସର୍ବାଧିକ ୬୦ କିମି ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ।

# ଉଦ୍ୟୋଗୀ ବିକାଶ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ




**କଟକ,୩୧।୩/ଏନ୍‌ଏନ୍‌ଏସ୍:** ମଧୁପାଟଣା ଖପୁରୀଆ ଶିଳ୍ପାଞ୍ଚଳ ପରିକ୍ଷଣ କାର୍ଯ୍ୟାଳୟ ଠାରେ ଉଦ୍ୟୋଗୀ ବିକାଶ ତାଲିମ୍ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଦାସ,ମୁଖ୍ୟ ବକ୍ତା ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଗ୍ରଣୀ ବ୍ୟାଙ୍କର ପରିଚାଳକ ସତ୍ୟରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।ଜିଲ୍ଲା ଶିଳ୍ପ ଅଧିକାରୀ ତପସ୍ୱିନୀ ହେମ୍ବ୍ରମ ଯୋଗ ଦେଇ ପ୍ରଶିକ୍ଷଣ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓପିଏମଡିସିର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ କୃତୀ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରିଥିଲେ। ୧୨ ଦିନ ବ୍ୟାପୀ ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଶିଳ୍ପ କେନ୍ଦ୍ର କଟକ ଓ ଓଡ଼ିଶା ପ୍ରୋଜେକ୍ଟ ମାର୍କେଟିଂ ଡେଭଲପ୍‌ମେଣ୍ଟ ସେଣ୍ଟର୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଓପିଏମଡିସିର ବି.ମାଧବୀ ଓ ଇପ୍ସାତା ଲେଙ୍କା ପରିଚାଳନା କରିଥିଲେ।


















ନିତିଦିନ NITIDIN

## ବିଳମ୍ବିତ ରାତ୍ରୀ ଯାଏ ବିଶ୍ୱବିଦ୍ୟାଳୟ ବିଲ୍ ଆଲୋଚନା

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଶିକ୍ଷକ କ୍ୟାଡରରେ ସଂରକ୍ଷଣ ବିଲ୍-୨୦୨୬ ଉପରେ ମଙ୍ଗଳବାର ବିଧାନସଭାରେ ବିଳମ୍ବିତ ରାତ୍ରି ଯାଏ ଆଲୋଚନା ହୋଇଛି। ବିଜେପି ସରକାର ଆସିବା ପରେ ଏଭଳି ସ୍ଥିତି ପ୍ରଥମ ଥର ପାଇଁ ହୋଇଥିବା କୁହାଯାଉଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ବିଲ୍ ଆଗତ କରିଛନ୍ତି। ଏହା ବିରୋଧରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ତର୍କ ଦେଇଥିବାବେଳେ ଶାସକ ସଭ୍ୟମାନେ ପୂର୍ଣ୍ଣ ସମର୍ଥନ କରିଛନ୍ତି। ଫଳରେ ବିଲ୍ ପାରିତ ପାଇଁ ସମସ୍ୟା ଉପୁଜିଥିଲା। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଗୃହ ସରଗରମ ଥିଲା।

## ପ୍ରଥମ ପୃଷ୍ଠାରୁ

### ୩.୧୦ ଲକ୍ଷ କୋଟି ଟଙ୍କାର ...

କରାଯିବା କଥା, ତାହା ହୋଇ ନାହିଁ। ବିରୋଧୀଦଳ ଅନୁପସ୍ଥିତ ରହିଲେ। ଏହା ଉପରେ ବିରୋଧୀ ଦଳ ଆତ୍ମସମୀକ୍ଷା କରିବା ଉଚିତ୍। ମଙ୍ଗଳବାର ବିଧାନସଭାରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ୍ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍‌ର ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରି ଏହି ମତ ପ୍ରକାଶ କରିଛନ୍ତି। ତାହା ବିଧାନସଭାର ମଞ୍ଜୁରୀଲାଭ କରିଛି। ଗତ ଫେବୃଆରୀ ୨୦ରେ ଉକ୍ତ ବଜେଟ୍‌କୁ ସେ ଆଗତ କରିଥିଲେ। ଫଳରେ ଖର୍ଚ୍ଚ ପାଇଁ ଟେଜେରୀକୁ ମିଳିଛି ଚାବିକାଠି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୬-୨୭ ବାର୍ଷିକ ବଜେଟ୍ ଗରିବ, ଯୁବଶକ୍ତି, ଅନ୍ନଦାତା ଏବଂ ନାରୀଶକ୍ତିଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହିତ ରାଜ୍ୟର ସାଢ଼େ ଚାରି କୋଟି ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ, ତଥା ସାମଗ୍ରିକ ଉନ୍ନତି ନିମନ୍ତେ ଏକ ଦୃଢ଼ ପଦକ୍ଷେପ। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଓଡ଼ିଶାକୁ ଆଗାମୀ ଦିନରେ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ କରିବାର ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଭିତ୍ତିଭୂମି ବିକାଶ, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦର ଭିତ୍ତିକ ଉନ୍ନୟନ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କ୍ରୀଡ଼ା ଭଳି କ୍ଷେତ୍ରଗୁଡ଼ିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ସର୍ବାଙ୍ଗୀନ ବିକାଶ ଏବଂ ମହିଳା ଓ ଶିଶୁ କଲ୍ୟାଣ ମାଧ୍ୟମରେ ଓଡ଼ିଶାବାସୀଙ୍କ ପାଇଁ ଏକ ସୁଖପ୍ରଦ ବର୍ତ୍ତମାନ ଏବଂ ସମୃଦ୍ଧ ଭବିଷ୍ୟତ ଗଢ଼ିବା ନିମନ୍ତେ ଅନେକ ନୂତନ ଓ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି। ଏହି ବଜେଟ୍ ଅନେକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ୨୦ଜୁନ୍ ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ୨୦୩୬ ଏବଂ ୨୦୪୭ 'ଭିଜନ୍ ଡକ୍ୟୁମେଣ୍ଟ' ପ୍ରକାଶ ପାଇବା ପରେ ଏହା ହେଉଛି, ଆମ ସମସ୍ତଙ୍କ ପାଇଁ ପ୍ରଥମ ବଜେଟ୍। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରହିଛି। ଏତଦ ବ୍ୟତୀତ ଭାରତର ଭିଜନ୍ ସହିତ ତାଳ ମିଳାଇ ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ଲକ୍ଷ ଟଙ୍କାରୁ ୩୨ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ପ୍ରତିଶତକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୬-୨୭ବଜେଟ ଆକଳନ ଅନୁଯାୟୀ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ ୧୧.୦୭ ଲକ୍ଷ କୋଟି ହେବ । ରାଜ୍ୟର ଅଭିବୃଦ୍ଧି ହାର ଆଗାମୀ ବର୍ଷରେ ହାରାହାରି ୮ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ରହିବାର ଆଶା କରାଯାଉଛି। ରାଜ୍ୟର ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ କରିବାରେ ଆମ ସରକାର ସଫଳ ହୋଇଛନ୍ତି ଏବଂ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଏହା ଯଥେଷ୍ଟ କମ ରହିଛି । ସରକାରଙ୍କ ସକ୍ରିୟ ନୀତି ଏବଂ ଶିଳ୍ପ ସମର୍ଥିତ ପଦକ୍ଷେପ ମାନଙ୍କ ଫଳରେ ରାଜ୍ୟରେ ଘରୋଇ ନିବେଶରେ ଅଭୂତପୂର୍ବ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ଓଡ଼ିଶା ଦେଶର ପ୍ରସ୍ତାବିତ ମୋଟ୍ ଘରୋଇ ବିନିଯୋଗର ପ୍ରାୟ ୧୩.୧ପ୍ରତିଶତ ଅଂଶୀଦାର ହେବା ସହ ପୁଞ୍ଜି ବିନିଯୋଗ ଆକର୍ଷଣ ଦୃଷ୍ଟିରୁ ଦ୍ୱିତୀୟ ସର୍ବୋଚ୍ଚ ରାଜ୍ୟ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ପ୍ରତିଷ୍ଠା କରିବା ଏବଂ ଯୁବପିଢ଼ିଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦାନ କରିବା ପାଇଁ ସରକାର ଏହି ବଜେଟ୍‌ରେ କେତେକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟର ଶିଳ୍ପ ଓ ଖଣି କ୍ଷେତ୍ରକୁ ଦୃଷ୍ଟିରେ ରଖି କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ ପାଇଁ ଏକ ଉଉରଭସ୍ୱକ୍ଷର ସ୍କୁଲ ରଫମରକ୍ଷକରଭମର ପ୍ରତିଷ୍ଠା କରାଯାଇ ଓଡ଼ିଶାରେ କୁଶଳୀ ଯୁବଶକ୍ତି ସୃଷ୍ଟି କରାଯିବ। ଏଥିସହିତ ପାରାଦୀପ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ୍ ସ୍ଥାପନ କରାଯିବ। ସେହିଭଳି ଆମ ସରକାରଙ୍କ ସ୍ୱାସ୍ଥ୍ୟ ଶିକ୍ଷା ଓ ଆୟୁଷ ପଦ୍ଧତିର ପ୍ରଚାର ପ୍ରସାର ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଭଳି ଆକାଂକ୍ଷୀ ଜିଲ୍ଲାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା କରିବାର ନିଷ୍ପତ୍ତି ହୋଇଛି। ୨୦୨୬-୨୭ ବଜେଟ୍‌ରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବରିଷ୍ଠ ନାଗରିକ ଓ ଅସହାୟ ବର୍ଗଙ୍କ ପାଇଁ ଏକ ସୁରକ୍ଷିତ ଓ ସମ୍ମାନଜନକ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଆମ ସରକାର ଅନବରତ ପ୍ରୟାସରତ । ରାଜ୍ୟର ପ୍ରାୟ ୬ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତି ସାମାଜିକ ସୁରକ୍ଷା ପେନ୍‌ସନ୍‌ରୁ ବଞ୍ଚିତ ହେବା ଏବଂ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅନ୍ୟ ଜଣଙ୍କୁ ଅପେକ୍ଷା କରିବାକୁ ପଡ଼ିବା ଭଳି ଦୁର୍ଭାଗ୍ୟଜନକ ସ୍ଥିତିକୁ ଆମ ସରକାର ସମାପ୍ତ କରିବାର ପ୍ରତିଜ୍ଞା ନେଇଛନ୍ତି। ଏହି ଅନ୍ୟାୟର ସ୍ଥାୟୀ ସମାଧାନ ପାଇଁ 'ମଧୁବାବୁ ପେନ୍‌ସନ୍ ଯୋଜନା'କୁ ଏବେ 'ସାଚୁରେସନ୍ ମୋଡ୍'ରେ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଜେଟ୍‌ରେ ସହରାଞ୍ଚଳର ରୂପାନ୍ତରଣ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ଆମେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡରକୁ ଏକ ପ୍ରମୁଖ ଦୀର୍ଘକାଳୀନ ଅଭିବୃଦ୍ଧିର ମାଧ୍ୟମ ଭାବରେ ଅନ୍ତର୍ଭୁକ୍ତ କରିଛୁ। ରାଜ୍ୟ ଅର୍ଥନୀତିରେ ଏହି ଅଞ୍ଚଳର ଅବଦାନ ବର୍ତ୍ତମାନ ପ୍ରାୟ ୨୨.୫ ବିଲିୟନ ଆମେରିକୀୟ ଡଲାର ଅଛି । ୨୦୪୭ସୁଦ୍ଧା ଏହାକୁ ପ୍ରାୟ ୫୦୦ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର,ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାଠାରେ ପର୍ଯ୍ୟାୟକ୍ରମେ ନୂତନ କରିଡର ଗୁଡ଼ିକର ବିକାଶ କରାଯିବ। 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ' ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାମୁଦ୍ରିକ କ୍ଷେତ୍ରରେ କେନ୍ଦ୍ରାପଡ଼ା ଠାରେ ୨୪ ହଜାର ୭୦୦କୋଟି ଟଙ୍କା ବ୍ୟୟରେ ଜାତୀୟ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର, ଗଞ୍ଜାମର ବାହୁଦା ମୁହାଣଠାରେ ୨୧ ହଜାର ୫୦୦କୋଟି ଟଙ୍କା ବିନିଯୋଗରେ ସାଟେଲାଇଟ୍ ପୋର୍ଟ ଏବଂ ଜାତୀୟ ଜଳପଥ-୫ର କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ସଡ଼କ ଭିତ୍ତିଭୂମିର କାୟାକଳ୍ପ ପରିବର୍ତ୍ତନ ଆଣିବା ସହ ଆଗାମୀ ପିଢ଼ି ପାଇଁ ବିଶ୍ୱସ୍ତରୀୟ ଯୋଗାଯୋଗ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୋଣ ଅନୁକୋଣକୁ ସଂଯୋଗ କରିବା ପାଇଁ ଏହି ବଜେଟରେ ତିନୋଟି ମହତ୍ୱାକାଂକ୍ଷୀ ସଡ଼କ ପ୍ରକଳ୍ପର ପ୍ରସ୍ତାବ ରଖାଯାଇଛି। ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ହବ୍‌ରେ ପରିଣତ କରିବା ପାଇଁ ଆମ ସରକାର ଏହି ବଜେଟରେ ଅତ୍ୟନ୍ତ ଦୂରଦର୍ଶୀ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି। ପୁରୀଠାରେ ପ୍ରାୟ ୧୫ଶହ ଏକର ଅଞ୍ଚଳରେ ପରିକଳ୍ପିତ 'ଶାମୁକା ପ୍ରକଳ୍ପ' ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ଏକ ଅନନ୍ୟ ଉପକୂଳବର୍ତ୍ତୀ ପର୍ଯ୍ୟଟନ କେନ୍ଦ୍ର ପାଲଟିବ। ସେହିଭଳି ହୀରାକୁଦ ଜଳଭଣ୍ଡାର ଓ ଦେବ୍ରିଗଡ଼ ଅଭୟାରଣ୍ୟକୁ ନେଇ ଏକ ସମନ୍ୱିତ ମାଷ୍ଟର ପ୍ଲାନ୍ ମାଧ୍ୟମରେ ଏକ ସ୍ଥାୟୀ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ବିକଶିତ କରାଯିବ। ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଜେଟ୍ ଅର୍ଥର ବିନିଯୋଗକୁ ନେଇ ଗୃହର କିଛି ସଦସ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଯେଉଁ ସନ୍ଦେହ ପ୍ରକଟ କରିଛନ୍ତି, ତାହା ବାସ୍ତବରେ ତଥ୍ୟ ଆଧାରିତ ନୁହେଁ । ଆଜି ସେହି କିଛି ମାନ୍ୟବର ସଦସ୍ୟ-ସଦସ୍ୟାମାନଙ୍କ ଭ୍ରମ ଦୂର କରିବା ପାଇଁ ମୁଁ ବାସ୍ତବ ପରିସଂଖ୍ୟାନ ଓ ସତ୍ୟନିଷ୍ଠ ତଥ୍ୟ ଉପସ୍ଥାପନ କରିବାକୁ ଚାହୁଁଛି ।ଗତ କିଛି ବର୍ଷ ଧରି ରାଜ୍ୟରେ ବନ୍ୟା ବାତ୍ୟା ଭଳି ଆସୁଥିବା ବିଭିନ୍ନ ବିପର୍ଯ୍ୟୟ ଯୋଗୁଁ ପ୍ରତି ବର୍ଷ ବଜେଟ୍‌ରେ ବିପର୍ଯ୍ୟୟ ପରିଚାଳନା ପାଇଁ ବହୁଳ ଅର୍ଥ ପ୍ରାବଧାନ କରି ବ୍ୟୟ କରାଯାଉଥିଲା । ପରନ୍ତୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସୀମ କୃପା ଏବଂ ଆଶୀର୍ବାଦର ଫଳ ସ୍ୱରୂପ ଚଳିତ ବର୍ଷ ରାଜ୍ୟକୁ କୌଣସି ବଡ଼ ବିପର୍ଯ୍ୟୟ ବା ଦୁର୍ବିପାକ ଜନିତ ବ୍ୟୟ ବହନ କରିବାର ଅଦ୍ୟାବଧି ଆବଶ୍ୟକତା ସୃଷ୍ଟି ହୋଇ ନାହିଁ। ଏହି ସମ୍ବନ୍ଧିତ ବଜେଟ୍‌ରେ ଥିବା ପ୍ରସ୍ତାବିତ ରାଶି ଖର୍ଚ୍ଚ ନହୋଇପାରିବା ହେଉଛି ଆମ ପାଇଁ ବଳକା ଏବଂ ଏହାକୁ ନେଇ ଯଦି କିଛି ସଦସ୍ୟ ବଜେଟ୍‌ରେ ପ୍ରସ୍ତାବିତ ଅର୍ଥ ସରକାର ଖର୍ଚ୍ଚ କରି ପାରୁନାହାନ୍ତି ବୋଲି କହିବେ, ଏଥିରୁବଡ଼ ହାସ୍ୟାସ୍ପଦ କଥା ଆଉ କିଛି ହେଇ ନ ପାରେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଶେଷରେ ବାଚନିକ ଭୋଟ୍‌ରେ ବ୍ୟୟ ମଞ୍ଜମଞ୍ଜୁରୀ ବିଲ୍‌କୁ ବାଚସ୍ପତି ସୁରମା ପାଢ଼ୀ ବାଚନିକ ଭୋଟ୍‌ରେ ପାରିତ କରିଛନ୍ତି।

### ଦୁଇ ବର୍ଷରେ ବଢ଼ିବ ...

ସମ୍ପ୍ରସାରଣ କରାଯିବ। ମଙ୍ଗଳବାର ବିଧାନସଭାରେ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, 'ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା' ଲକ୍ଷ୍ୟ ନେଇ ସରକାର କାମ କରୁଛନ୍ତି। ସରକାର ସ୍ୱାସ୍ଥ୍ୟ ବିଭାଗକୁ ଚଳିତ ଆର୍ଥିକ ବର୍ଷରେ ୨୩୧୮୨.୧୪କୋଟି ଟଙ୍କା ଦେଇଛନ୍ତି, ଯାହା କି ରାଜ୍ୟର ମୋଟ୍ ବଜେଟ୍‌ର ୭.୫%। ମନ୍ତ୍ରୀଙ୍କ କହିବାନୁସାରେ ଓଡ଼ିଶାକୁ କର୍କଟମୁକ୍ତ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। 'କ୍ୟାନସରମୁକ୍ତ ଓଡ଼ିଶା' ଲକ୍ଷ୍ୟ ଅନ୍ତର୍ଗତ ୧୨୧ଟି ଅତିରିକ୍ତ ରାଜ୍ୟ-ଭିତ୍ତିକ ପ୍ୟାକେଜ୍ ସାମିଲ୍ କରାଯାଇଛି। ଏଥିରେ କର୍କଟ ସନ୍ଦେହ ଥିବା ବ୍ୟକ୍ତିମାନଙ୍କୁ ସ୍କ୍ରିନିଂ, ଡାୟାଗ୍ନୋସିସ୍, ଚିକିତ୍ସା ଓ ଫଲୋ-ଅପ୍ ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ଓ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ସହାୟତା ଓ ନେଭିଗେସନ୍ ସୁବିଧା ଦିଆଯିବ। ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ, ଭିମସାର,ଏମ୍‌କେସିଜି ମେଡିକାଲ କଲେଜ, ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ କର୍କଟ ଚିକିତ୍ସା, ଟେଲି-ପରାମର୍ଶ ପାଇଁ ହବ୍ ଏବଂ ରାଜ୍ୟ ସାରା ୩୨ଟି ସ୍ଥାନରେ ସ୍ଥାପିତ ଜିଲ୍ଲା ଡେ କେୟାର କର୍କଟ କେମୋଥେରାପି କେନ୍ଦ୍ର ପାଇଁ ଟେଲି-ପରାମର୍ଶର ସ୍ପୋକ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେହିପରି ରାଜ୍ୟରେ ଯେପରି ରକ୍ତ ଅଭାବରୁ କେହି ମରିବେନି ସେଥିପାଇଁ 'ଅଟଳ ରକ୍ତ ଦାନ ଅଭିଯାନ' ଆରମ୍ଭ ହେବ। ଏଥିରେ ସମସ୍ତ ମେଡିକାଲ୍ କଲେଜରେ ରକ୍ତଭଣ୍ଡାର ସ୍ଥାପନ କରାଯିବ। ରାଜ୍ୟର ସମସ୍ତ ରକ୍ତଭଣ୍ଡାରର ଉନ୍ନତୀକରଣ ଓ ଆଧୁନିକୀକରଣ ସହ ୫୦ଟି ମୋବାଇଲ୍ ବ୍ଲଡ୍ ସଂଗ୍ରହ ୟୁନିଟ ରହିବ। ମନ୍ତ୍ରୀ ସୂଚନା ଦେଇଥିଲେ, ସରକାରୀ ହସ୍ପିଟାଲରେ ଶଯ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୫୦୦୦ ଆଇପିଡି ଶଯ୍ୟା ଯୋଗାଇ ଦିଆଯିବ। ଏହା ବ୍ୟତୀତ, ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୧୮୦୦ ଶଯ୍ୟା ବିଶିଷ୍ଟ ସୁବିଧା ସୃଷ୍ଟି କରାଯିବ। ସ୍ୱତନ୍ତ୍ର ଜରୁରୀକାଳୀନ ଚିକିତ୍ସା ଏବଂ ପୁନର୍ବାସ ସେବା ପ୍ରଦାନ କରିବା ପାଇଁ ପୁରୀ, ବୁର୍ଲା, କୋରାପୁଟ, ବ୍ରହ୍ମପୁର ଓ କ୍ୟାପିଟାଲ ହସ୍ପିଟାଲରେ ୨୦୦ କୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ। ରାଜ୍ୟର ବିଭିନ୍ନ ଅଞ୍ଚଳରେ କ୍ରୋନିକ୍ କିଡ୍‌ନି ଡିଜିଜ୍ (ସିକେଡି)ର ଅଧିକ ପ୍ରାଦୁର୍ଭାବ ବଢୁଥିବାରୁ ଏହାର ପ୍ରତିରୋଧ ନିରାକରଣ ପାଇଁ ସିକେଡି ରେଜିଷ୍ଟ୍ରି ଆରମ୍ଭ ହେବ। ଏଥି ପାଇଁ ଏନ୍‌ଆଇସି ସହାୟତାରେ ଏକ ପୋର୍ଟାଲ ପ୍ରସ୍ତୁତ କରାଯିବ। ସେହିପରି ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିବାବେଳେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ନର୍ସିଂ କଲେଜ ପ୍ରତିଷ୍ଠା ହେବ।

## ବଟ ଗୋସେଇଁ ପୀଠରେ ମାଇପି ମେଳା

# ଗୁହାରିଆ ପଡ଼ିଲେ ଶତାଧିକ ମହିଳା



**ଚାରିଛକ,୩୧।୩/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଂଚାୟତର କାନପୁର ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରସିଦ୍ଧ ଶ୍ରୀ ବଟ ଗୋସେଇଁ ପୀଠରେ ମାଇପି ମେଳା ଯାତ୍ରା ଆୟୋଜିତ ହୋଇଯାଇଛି। ବଟ ଗୋସେଇଁଙ୍କ ପୀଠରେ ଶତାଧିକ ମାନସିଧାରୀ ମହିଳା ମାନସିକରଖି ଗୁହାରିଆ ପଡିଛନ୍ତି। ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଶିବ ଓ ବିଷ୍ଣୁଙ୍କ ଦମନକ ଚତୁର୍ଦ୍ଦଶୀ ତିଥିରେ ଏହି ମେଳା ଆୟୋଜିତ ହୋଇଥାଏ। ଏଠାରେ କେଉଁ ଆବାହନ କାଳରୁ ଗୋଟିଏ ବଟ ବୃକ୍ଷ ମୂଳରେ ଦୁଇଟି କଂଉ,ବନ ବିହାରୀ ବୃକ୍ଷକୁ ନିରାକାର ବିଷ୍ଣୁ ଭାବରେ ପୂଜାର୍ଚ୍ଚନା କରାଯାଇଆସୁଛି । ଏହି ପୀଠରେ ଥିବା ହୁଙ୍କା ଭିତରକୁ ନାଗସାପ ଯାଆସ କରିବାକୁ ଏକ ସୁଡଙ୍ଗ ରହିଛି। ନିମାପଡା, ଗୋପ, ନିଆଳି ଓ କାକଟପୁର ବ୍ଲକ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାକୁ ଆସି ଠାକୁରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥାନ୍ତି। ନିଃସନ୍ତାନ ଓ ଦୂରାରୋଗ୍ୟ ଆରୋଗ୍ୟ ପାଇଁ ଶତାଧିକ ମାନସିକ ରଖି ମହିଳା ଓ ପୁରୁଷ ମାନେ ଆସି ମେଳାର ପୂର୍ବଦିନ ସୋମବାର ରାତ୍ରରେ ପୀଠରେ ଗୁହାରିଆ ପଡିଥାନ୍ତି। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ କୋଠଭୋଗ ସରିବା ପରେ ମୁଖ୍ୟ ପୂଜକ ମାନସିକଧାରୀଙ୍କ ନିକଟରେ ପହଞ୍ଚି ଠାକୁରଙ୍କ ପୂଜା ଜଳ ଛିଞ୍ଚି ଜଳ ତୁଳସୀ ପାଦୁକା ଓ ପଣା ପିଇବାକୁ ଦେବା ପରେ ଅଧିଆ ପଡିଥିବା ମାନସିକଧାରୀ ମହିଳାମାନେ ଉଠିଥିଲେ। ଏହି ପୀଠରେ ଗୁହାରିଆ ପଡିଲେ ନିସନ୍ତାନ ମହିଳାମାନେ ସନ୍ତାନ ପ୍ରାପ୍ତି ହେବା ସହିତ ବିଭିନ୍ନ ଦୁରାସାଧ୍ୟ ରୋଗ ଦୂର ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଦୃଢ ବିଶ୍ୱାସ ରହିଛି। ମୁଖ୍ୟ ପୂଜକ କ୍ଷୀରୋଦ ଚନ୍ଦ୍ର ଦାଶ, ଦୀପକ କୁମାର ଦାଶ ପ୍ରମୁଖ ପୂଜକମାନେ ଠାକୁରଙ୍କ ନିତୀକାନ୍ତି ସେବା କରିଥିଲେ। ପୂଜା ସମୟରେ ସୁଡଙ୍ଗ ମଧ୍ୟରେ ନାଗସାପ ଦୃଶ୍ୟମାନ ହୋଇଥାଏ ବୋଲି ପୂଜକ କହିଛନ୍ତି। ଶ୍ରୀ ବଟ ଗୋସେଇଁ ମାଇପି ମେଳା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ମେଳା ପ୍ରତିବର୍ଷ ଆୟୋଜିତ ହୋଇଥାଏ। ମେଳାସ୍ଥଳରେ ପୀତବାସ ସାହୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଭକ୍ତଙ୍କୁ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଉକ୍ତ ପୀଠକୁ ଯାତାୟତ ପାଇଁ ଭଲ ରାସ୍ତା ଓ ଏଠାରେ ପିଇବା ପାଣି ନଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରଷ୍ଟର କର୍ମକର୍ତ୍ତା ଦାବି କରିଛନ୍ତି। ପରିଚାଳନା କମିଟିର ସଭାପତି ଗୋପବନ୍ଧୁ ଲେଙ୍କା, ସଂପାଦକ ଭାସ୍କର ସ୍ୱାଇଁ, କୋଷାଧ୍ୟକ୍ଷ ଭରତ ପ୍ରଧାନ, ସଦସ୍ୟ ସୁଶାନ୍ତ କୁମାର ବେହେରା, ଯୁଧିଷ୍ଠିର ନାୟକ, ଟ୍ରଷ୍ଟର ସଭାପତି ଆଇନଜୀବୀ ସୁଧିର କୁମାର ମହାନ୍ତି ଓ ସଂପାଦକ ଆଇନଜୀବୀ ରଣଜିତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ରହି ସହଯୋଗ କରିଥିଲେ। ଅପରାହ୍ନରେ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉତ୍କଳ ଦିବସରେ ବାଲୁକା କଳାରେ ମହାପୁରୁଷ




**କୋଣାର୍କ,୩୧।୩/ଏନ୍‌ଏନ୍‌ଏସ୍:** ଆଜି ବୁଧବାର ଉତ୍କଳ ଦିବସ ତଥା ଓଡିଶା ଦିବସ ଭାବେ ସାରା ରାଜ୍ୟରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ମହାସମାରୋହରେ ପାଳନ କରାଯାଉଥିବା ବେଳେ କୋଣାର୍କ ରେ ବାଲୁକା କଳା ମାଧ୍ୟମରେ ଓଡିଆ ଅକ୍ଷର ସହ ଓଡ଼ିଶାର ମହା ପୁରୁଷ ଉତ୍କଳମଣି ପଣ୍ଡିତଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପ୍ରଦର୍ଶିତ କରାଇ ଶତାଧିକ ପର୍ଯ୍ୟଟକଙ୍କ ପ୍ରଶଂସା ସାଉଁଟିଛନ୍ତି ବରିଷ୍ଠ ଜାତୀୟ ସ୍ତରୀୟ ବାଲୁକା ଶିଳ୍ପୀ ସରିତା ଗୋଛୟତ। ସେ କୋଣାର୍କ ଚନ୍ଦ୍ରଭଗା ୬ଲେନେ ମୁଖ୍ୟ ରାସ୍ତା ହେଲିପ୍ୟାଡ଼ ସମ୍ମୁଖରେ ଥିବା ନିଜର ବାଲୁକା ପ୍ରଶିକ୍ଷଣ ଶିକ୍ଷା ଅନୁଷ୍ଠାନରେ ବିଭିନ୍ନ ପ୍ରକାର ୧୦ଟି ସୁନ୍ଦର ନିଖୁଣ ବାଲୁକା କଳା ଯଥା ସୂର୍ଯ୍ୟମନ୍ଦିର, ଜଗନ୍ନାଥ, ଆଦିବାସୀ ବାଦ୍ୟ ସହ ଶିବଙ୍କ ରୁପ, ପରିବେଶ ସୁରକ୍ଷା ପାଇଁ ଗଛ ନକାଟିବା ଭଳି ଅତି ଉଚ୍ଚମାନର ବାଲୁକା କଳା ନିର୍ମାଣ କରି ପ୍ରଦର୍ଶନ କରାଇବା ସହ ବିଶେଷ ଭାବେ ଉତ୍କଳ ଦିବସ ଅବସର ରେ ଓଡିଆ ଅସ୍ମିତାକୁ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ନିଜର ବାଲୁକା କଳା ମାଧ୍ୟମରେ ପ୍ରଦର୍ଶିତ କରାଇଛନ୍ତି। ଓଡିଆ ଭାଷା ଓ ସଂସ୍କୃତି କୁ କିପରି ଆଜିର ପିଢୀ ଗୁରୁତ୍ୱ ଦେବା ସହ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ପ୍ରୟାସ ଜାରି ରଖିବା ପାଇଁ ଆଜିର ଯୁବ ପିଢୀ ଙ୍କୁ ନିଜର ନିଖୁଣ ବାଲୁକା କଳା ମାଧ୍ୟମରେ ସଚେତନ କରାଇଥିଲେ।

## ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ

# ସଡ଼କ, ସେତୁ ନିର୍ମାଣରେ ଖର୍ଚ୍ଚ ହୋଇନି ୯୫୫ କୋଟି

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ସଡ଼କ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇଥିବାବେଳେ ସଡ଼କ ନିର୍ମାଣ ଓ ସେତୁ ନିର୍ମାଣ କ୍ଷେତ୍ରରେ ପ୍ରଶାସନିକ ଅପାରଗତା ସ୍ପଷ୍ଟ ବାରି ହୋଇ ପଡ଼ିଛି। ଧାର୍ଯ୍ୟ ସମୟରେ ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ୨୦୧୮ରୁ ୨୦୨୩ ମଧ୍ୟରେ ଏମିତି ୯୫୫ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ଫେରସ୍ତ ହୋଇଯାଇଛି। ସେହିପରି ଏମ୍‌ଜି ନରେଗାରେ ୪୧୯ କୋଟି ଟଙ୍କାର ଅର୍ଥ ଅପବ୍ୟୟ ହୋଇଛି। ଏନେଇ ସିଏଜି କ୍ଷୋଭ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଧାନସଭାରେ ସିଏଜି ଅଡ଼ିଟ୍ ୨୦୨୩ ରିପୋର୍ଟ ଉପସ୍ଥାପନ ହୋଇଯାଇଛି। ରିପୋର୍ଟରେ ଅନେକ ବିଭାଗରେ ଆର୍ଥିକ ଅନିୟମିତତା ଧରାପଡ଼ିଛି। ଜେଲ ପ୍ରଶାସନ ପରିଚାଳନାରେ ବିଫଳତା ଜଳ ଜଳ ଦିଶୁଛି।




୨୦୧୮ରୁ ୨୩ ମଧ୍ୟରେ ୩୧ଟି ଜେଲରେ ମାତ୍ରାଧିକ କଏଦୀ ଥିଲେ। ପର୍ଯ୍ୟାପ୍ତ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇ ନଥିଲେ। ସିସିଟିଭି କ୍ୟାମେରା, ମେଟାଲ ଡିଟେକ୍ଟର, ବ୍ୟାଗେଜ ସ୍କାନର ଅଚଳ ଥିଲା । ଏଥିଯୋଗୁଁ ୨୦୨୦-୨୩ ମଧ୍ୟରେ ଜେଲରୁ ୩୪ଟି ମୋବାଇଲ ଫୋନ, ୫୬ଟି ସିମ୍ କାର୍ଡ, ୧.୭୬ ଗଞ୍ଜେଇ ଜବତ ହୋଇଥିଲା। ଏହି ତିନି ବର୍ଷରେ ଜେଲରୁ କଏଦୀ ଫେରାର ହେବା ଘଟଣା ୨୯ରେ ପହଞ୍ଚି ଥିଲା। ସିଏଜି ରିପୋର୍ଟରେ ପୁଣି କହିଛନ୍ତି ଯେ, ୨୦୨୦-୨୩ ମଧ୍ୟରେ ଜଙ୍ଗଲ କ୍ଷେତ୍ରରେ, ବନି କରଣ କ୍ଷେତ୍ରରେ ଉଦ୍ଦିଷ୍ଟ ପାଣ୍ଠିକୁ ଠିକ୍ ଭାବେ ଉପଯୋଗ କରାଯାଇ ନଥିଲା। ଜଙ୍ଗଲ ଜମି ହସ୍ତାନ୍ତର ୨୧ କୋଟି ଟଙ୍କା କ୍ଷତିପୂରଣ ଆଦାୟ ହୋଇ ପାରିନଥିଲା। ସେହିପରି ୨୦୨୦-୨୩ ମଧ୍ୟରେ ହସ୍ତତନ୍ତ ବିଭାଗର ତ୍ରୁଟି ପୂରଣ ନୀତି ଲାଗି, ପ୍ରାୟ ୧୨ କୋଟି ଟଙ୍କା କ୍ଷତି ହୋଇଥିବା ସିଏଜି ଦର୍ଶାଇଛନ୍ତି। ଖଣି ବିଭାଗରେ ଅନୁରୂପ ସ୍ଥିତି। ୨୦୨୦-୨୩ ମଧ୍ୟରେ ଅନୁମୋଦିତ ପରିମାଣର ଅଧିକ ଖଣି ଉତ୍ତୋଳନ ପାଇଁ ସରକାର, ପ୍ରାୟ ୪୦ କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି। ବିଳମ୍ବିତ ରୟାଲିଟି ଆଦାୟ ଯୋଗୁଁ ୯୦ କୋଟି ଟଙ୍କାର ସୁଧ ହରାଇଥିଲେ ସରକାର ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୦-୨୩ ମଧ୍ୟରେ ମହିଳା ଶିଶୁ ବିକାଶ ବିଭାଗ ୩୮୧ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିନାହାନ୍ତି। ଅଙ୍ଗନବାଡି କେନ୍ଦ୍ରରୁ ୫୦ କେଜିଆ ଚାଉଳ ବସ୍ତା ଓଜନ କରିବା ପରେ ବିଭିନ୍ନ ଜାଗାରେ କମ୍ ପରିମାଣର ଚାଉଳ ମିଳିଥିଲା, ଯାହାର ମୂଲ୍ୟ ୨୦ କୋଟି ୮୫ ଲକ୍ଷ ଥିଲା। କିଛି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାରସାଦି ଧରାପଡ଼ିଛି। ତଦାରଖ ପ୍ରକ୍ରିୟାକରଣ ଖର୍ଚ୍ଚ ନାଁରେ ଅନୁମୋଦିତ ଅର୍ଥ ରାଶି ଠାରୁ ୫ କୋଟି ୭୩ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ସ୍ପଷ୍ଟ କରିଛନ୍ତି।

## ନୋଡାଲ୍ ଜେଣ୍ଡର୍ ଫାସିଲିଟି ସେଣ୍ଟର୍ ଉଦ୍‌ଘାଟିତ

**ମାହାଙ୍ଗା,୩୧।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ମହିଳା ମିଶନ ଶକ୍ତି ବିଭାଗ ପକ୍ଷରୁ ମାହାଙ୍ଗା ବ୍ଲକର ମଧୁପୁର ପଞ୍ଚାୟତ ଘିସୁଆଁ ଠାରେ ନୋଡାଲ ଜେଣ୍ଡର ଫାସିଲିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ପିସିଆଇ ଓ ଓଏଲଏମ ମିଳିତ ସହଯୋଗରେ ସ୍ଥାପନ ହୋଇଥିବା ଏହି କେନ୍ଦ୍ରକୁ ମାହାଙ୍ଗା ବିଡିଓ ତିଲୋତମା ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିପିଏମ ଗଣେଶ ଚନ୍ଦ୍ର ସ୍ୱାଇଁ, ଏସଡିସି ରୋଜାଲିନ ଦାସ, ବିଏଲସି ସୁଶାନ୍ତ କୁମାର ରାଉତ, ମଧୁପୁର ପଂଚାୟତ ଏମବିକେ ଲକ୍ଷ୍ମୀପ୍ରିୟା ଜେନା, ପ୍ରେରଣା ଦିଦି ମୋନାଲିସା ଦାସଙ୍କ ସମେତ ସମସ୍ତ ସିଆରପି, ସିଏମ ଓ ଇସି ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ପ୍ରେରଣା କେନ୍ଦ୍ରରେ ପ୍ରତି ମାସକୁ ଥରେ ୩୭ ଗୋଟି ପଞ୍ଚାୟତରେ ଘଟିଥିବା ଲିଙ୍ଗଗତ ସମସ୍ୟା ଉପରେ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମାହାଙ୍ଗା ବ୍ଲକର ୩୭ ଗୋଟି ପଞ୍ଚାୟତ ମଧ୍ୟରୁ ମଧୁପୁର ଗ୍ରାମରେ ପ୍ରଥମକରି ଏହି କେନ୍ଦ୍ର ଖୋଲାଯାଇଥିବାରୁ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ କର୍ମକର୍ତ୍ତାମାନେ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ଅପରପକ୍ଷରେ ଏହି କେନ୍ଦ୍ର ଲିଙ୍ଗଗତ ଭେଦଭାବ ବ୍ୟତୀତ ନାରୀ ନିର୍ଯାତନା, ଘରୋଇ ହିଂସା, ସରକାରୀ ଯୋଜନା ସମେତ ନାରୀମାନଙ୍କୁ ସଚେତନ କରାଇବା ଓ ସେମାନଙ୍କର ପ୍ରମୁଖ ସମସ୍ୟାଗୁଡିକୁ ସମାଧାନ କରିବା ନିମନ୍ତେ ଏହି କେନ୍ଦ୍ରର ପ୍ରମୁଖ ଭୂମିକା ରହିବ।

## ରାୟଗଡା ପୁଲିସ୍‌କୁ ବଡ଼ ସଫଳତା

# ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମାଗ୍ରୀ ଜବତ

**ରାୟଗଡା,୩୧।୩/ଏନ୍‌ଏନ୍‌ଏସ୍:** ୩୧ ମାର୍ଚ୍ଚ, ୨୦୨୬ ମାଓ ମୁକ୍ତ ଅଭିଯାନର ଅନ୍ତିମ ଦିବସ ଥିବାବେଳେ ଆଜି ଦିନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନେକ ସଶସ୍ତ୍ର ମାଓବାଦୀ ଆତ୍ମସମର୍ପଣ କରିଥିବା, ବିପୁଳ ପରିମାଣର ବିସ୍ଫୋରକ ତଥା ମାଓ ସାମଗ୍ରୀ ଆଦି ଜବତ ହୋଇଥିବା ସୂଚନା ମିଳିଛି। ଏହିକ୍ରମେ ରାୟଗଡା ପୁଲିସ୍‌ର ଡିଭିଏଫ୍ ସୁରକ୍ଷାକର୍ମୀଙ୍କ ଦ୍ୱାରା ବିପୁଳ ପରିମାଣରେ ବିସ୍ଫୋରକ ଓ ମାଓ ବ୍ୟବହୃତ ସାମଗ୍ରୀ ବିଭିନ୍ନ ଜଙ୍ଗଲରୁ ଜବତ କରାଯାଇଥିବା ନେଇ ଆଜି ରାୟଗଡା ଆରକ୍ଷୀ ଅଧିକ୍ଷକ ସ୍ୱାଥୀ ଏସ୍ କୁମାର ସ୍ଥାନୀୟ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଏସ୍‌ପିଙ୍କ କହିବାନୁସାରେ ଗତ ଫେବୃଆରୀ ମାସରେ ନିଖିଲ ଇନ୍ଦୁଙ୍କ ସମେତ ୧୫ଜଣ ମାଓବାଦୀ ଆତ୍ମସମର୍ପଣ କରିବା ପରେ ସୁରକ୍ଷାକର୍ମୀ ରାୟଗଡା କନ୍ଧମାଳ ସୀମାନ ଅଞ୍ଚଳରେ ରହିଥିବା ମୁନିଗୁଡା ଓ ଆମ୍ବଦଳା ଥାନା ଅନ୍ତର୍ଗତ ପାଜିଗାରେଗା ଗ୍ରାମ ନିକଟସ୍ଥ ଜଙ୍ଗଲ, ଆମ୍ବିଖୋଲ ଗ୍ରାମ ଓ ପତ୍ରାଣୀ ଗ୍ରାମର ଜଙ୍ଗଲରେ ଏହି ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଡିଭିଏଫ୍ ଦ୍ୱାରା ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀ ମଧ୍ୟରେ ୪୧୫ ଡିଟୋନେଟର, ୮ ବଣ୍ଡଲ କୋର୍ଡେକ୍ସ, ୩ଟି ବ୍ୟାଗରେ ୨୯ କେଜି ଉଚ୍ଚ ବିସ୍ଫୋଟକ ସମାଗ୍ରୀ, ୨ଟି ସିଙ୍ଗଲ୍ ସଟ୍ ଗନ୍, ଗୋଟିଏ ବିଜିଏଲ୍ ବନ୍ଧୁକ,ଗୋଟିଏ ଲ୍ୟାପଟପ୍, ଚାର୍ଜର,୨ଟି ଇଲେକ୍ଟ୍ରିକ୍ ତାର୍ ବଣ୍ଡଲ୍, ନାଲି କପଡା, ପ୍ଲାଷ୍ଟିକ କଣ୍ଟେନର ଆଦି ରହିଛି।

## ଗୁମ୍ଫାରୁ ମିଳିଲା ପର୍ଯ୍ୟାପ୍ତ ମାଓ ମାରଣାସ୍ତ୍ର

**କନ୍ଧମାଳ,୩୧।୩/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସୁରକ୍ଷା ବଳକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଗୁପ୍ତ ସୂଚନା ଆଧାରରେ କରାଯାଇଥିବା ଏକ ଯୌଥ ଅପରେସନ ବେଳେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ୨୯ ତାରିଖରେ ଏସ୍.ଓ.ଜି ଏବଂ ଡ଼ିଭିଏଫ୍ ଯବାନମାନଙ୍କ ଦ୍ୱାରା ଦାରିଙ୍ଗବାଡ଼ି ଥାନା ଅଧୀନ ପାକାରୀ, ବାବୁଡି, ଜମାବାରୀ ଓ ମାଟାବାରୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ ହୋଇଥିଲା। ତେବେ ୩୦ ତାରିଖ ଦିନ ତଲାସି ଅଭିଯାନ ବେଳେ ମାଟାବାରୀ ଗ୍ରାମ ନିକଟରେ ଥିବା ଏକ ପ୍ରାକୃତିକ ଗୁମ୍ଫା ମଧ୍ୟରେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ସହ ଅସ୍ତ୍ରଶସ୍ତ୍ର ଏବଂ ରାସନ ସାମଗ୍ରୀ ତଥା ଔଷଧଗୁଡ଼ିକୁ ଜବତ କରାଯାଇଛି। ବର୍ତ୍ତମାନ ସୁରକ୍ଷାବଳ ପକ୍ଷରୁ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ଜୋରଦାର କରାଯାଇଛି। କନ୍ଧମାଳରେ ଏବେ ବି ୯ ମାଓବାଦୀ ସକ୍ରିୟ ରହିଥିବା ବେଳେ ଏମାନଙ୍କ ମଧ୍ୟରେ ସାମିଲ ଥିବା ମାଓ ନେତ୍ରୀ ଶୀଲା ମୁଣ୍ଡରେ ୨୭ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା କନ୍ଧମାଳ ଏସ୍‌ପି ହରିଶ ବିଶି କହିଛନ୍ତି।

### ଭିଜିଲାନ୍ସ ହାତରେ ଲାଞ୍ଚୁଆ ...

ଭୁବନେଶ୍ୱର ଓ ଭଞ୍ଜନଗରରେ ଥିବା ବିଭିନ୍ନ ଘର ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ଏକକାଳୀନ ତାଙ୍କର ଏସବୁ ଘର ଉପରେ ଚଢ଼ଉ ପୂର୍ବକ ଯାଞ୍ଚ କରାଯାଇଥିଲା। ଭୁବନେଶ୍ୱରର ରସୁଲଗଡ଼ ସ୍ଥିତ ପୁଲିସ୍ କଲୋନୀରେ କ୍ୱାର୍ଟର ନଂ ଭି/ ୧୬ ନଂ ବାସଭବନରୁ ଆହୁରି ୫ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ଏତଦ୍‌ବ୍ୟତୀତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ବିଡିଏ ହାଉସିଂ ବୋର୍ଡର ଏମ୍‌ଆଇଜି କଲୋନୀରେ ରହୁଥିବା ତାଙ୍କ ଭଉଣୀଙ୍କ ଘରେ ମଧ୍ୟ ସେ ଲୁଚାଇ ରଖାଯାଇଥିବା ୨ଟି ଟ୍ରଙ୍କ ଭର୍ତ୍ତି ୫୦୦ଟଙ୍କିଆ ନୋଟ୍‌ଗୁଡ଼ିକୁ ମଧ୍ୟ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ରଞ୍ଜନ୍‌ଙ୍କ ଘର ଏବଂ ସମ୍ପର୍କୀୟଙ୍କ ଘର ଉପରେ ଚଢ଼ାଉ କରାଯାଇ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି।

ଏହି ମାମଲାରେ ଅଧିକ ଛାନ୍‌ବିନ୍ ତଥା ଚଢ଼ଉ କରାଯିବା ସହ ସେ ଏସବୁ ଅର୍ଥ କେଉଁ ସୂତ୍ରରୁ ସଂଗ୍ରହ କରିଥିଲେ ସେନେଇ ତଦନ୍ତ କରାଯାଉଛି। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ଆଧାରରେ ଏହି ସମସ୍ତ ଚଢ଼ାଉ ଜାରି ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ପାଇଁ ତାଙ୍କର ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମଧ୍ୟ ଯାଞ୍ଚ କରାଯାଉଛି। ଏହି ଘଟଣାଟି ଓଡ଼ିଶାରେ ସରକାରୀ ଅଧିକାରୀଙ୍କ ଦୁର୍ନୀତି ବିରୋଧରେ ଭିଜିଲାନ୍ସର 'ଜିରୋ ଟଲେରାନ୍ସ' ନୀତିର ଏକ ପ୍ରମୁଖ ଉଦାହରଣ ଭାବେ ଦେଖାଯାଉଛି।

### ଆଇଏଏସ୍ ସ୍ତରରେ ...

ସିଏମଡି ଭାବେ ଅତିରିକ୍ତ ଦାୟିତ୍ୱ ସଂପାଦନ କରିବେ। ସେହିପରି ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ସନ୍ଥନ୍‌ଗୋପାଳନ ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନୂଆ ନିଯୁକ୍ତି ପାଇଥିବାବେଳେ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍‌ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଫଳରେ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍‌ର ଅଧ୍ୟକ୍ଷ ଭାବେ ଭାସ୍କର ଜ୍ୟୋତି ଶର୍ମାଙ୍କ ଅତିରିକ୍ତ ଦାୟିତ୍ୱ ଏଣିକି ସମାପ୍ତ ହୋଇଯିବ। ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହଙ୍କୁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ରୀ ସିଂହ ରାଜ୍ୟ ରାଜପଥ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଭାବେ ଦିଆଯାଇଥିବା ଅତିରିକ୍ତ ଦାୟିତ୍ୱକୁ ରଦ୍ଦ କରାଯାଇଛି।

### ୯ ମୃତ, ଅନେକ ଆହତ ...

ମଙ୍ଗଳବାର ସହ ମହାବୀର ଜୟନ୍ତୀ ମଧ୍ୟ ପାଳିତ ହୋଇଛି। ଏହି ଅବସରରେ ଶୀତଳା ମାତା ମନ୍ଦିରରେ ଲୋକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ସ୍ଥିତି ଏବଂ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଏହା ଦଳାଚକଟା ଭଳି ଅଘଟଣର ରୂପ ନେଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଏଠାରେ ଅନୁଷ୍ଠିତ ମେଳା ଏବଂ ଦର୍ଶନ ପାଇଁ ସଠିକ୍ ବ୍ୟବସ୍ଥା ନହେବା ସହ ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଭକ୍ତମାନଙ୍କ ପୂଜା ପାଇଁ ଧାଡି ବ୍ୟବସ୍ଥା ହୋଇନଥିବା ଅଭିଯୋଗ ହୋଇଛି। ଏହି ଅଘଟଣ ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ବିହାର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମ୍ରିତ୍ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପାଟନା ବିଭାଗୀୟ କମିଶନର ଏବଂ ଆଇଜିଙ୍କୁ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏସବୁ ମଧ୍ୟରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପାଇଁ ଦୀପନଗର ଥାନା ଅଧିକାରୀ (ଏସ୍‌ଏଚ୍‌ଓ) ଓ ଅନ୍ୟ ୪ ପୁଲିସ୍ କର୍ମଚାରୀଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଘଟଣାରେ ଅତ୍ୟନ୍ତ ମର୍ମାହତ ହୋଇପଡିଥିବା ବେଳେ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପରିବାର ପାଇଁ ମୋଟ ୬ ଲକ୍ଷ ଟଙ୍କା (ବିପର୍ଯ୍ୟୟ ପାଣ୍ଠିରୁ ୪ ଲକ୍ଷ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ) ସହାୟତା ଘୋଷଣା କରିଛନ୍ତି।

## ଆଜିର ଇତିହାସ

- ୧୮୩୯-୨୦ଟି ବେଡ୍ ସହିତ କାଲ୍‌କାଟା ହସ୍‌ପିଟାଲ୍ ଆରମ୍ଭ ହୋଇଥିଲା।
- ୧୯୩୫-ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କାମ ଆରମ୍ଭ ହୋଇଥିଲା।
- ୧୯୩୬- ଓଡ଼ିଶା ରାଜ୍ୟର ସ୍ଥାପନା ହୋଇଥିଲା।
- ୧୯୭୩-କର୍ବେଟ୍ ନ୍ୟାସନାଲ୍ ପାର୍କରେ ଚିତାମାନଙ୍କୁ ବଞ୍ଚେଇବା ପାଇଁ 'ଟାଇଗର୍ ବଚାଓ' ଅଭିଯାନ ଆରମ୍ଭ ହୋଇଥିଲା।
- ୨୦୦୮-ମୁମ୍ବାଇର ବିଶେଷ ଅଦାଲତ ୪୭ କୋଟିର ଘୋଟାଲାରେ ହିତେନ ଦଲାଲ୍ ଓ ଅନ୍ୟ ପାଞ୍ଚ ଜଣଙ୍କୁ ଜେଲ୍‌ଦଣ୍ଡର ଆଦେଶ ଦେଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଅନୁଶାସିତ ଓ କର୍ତ୍ତବ୍ୟଗୁଡ଼ିକ ପ୍ରତି ସମର୍ପିତ ରହିବେ। କାର୍ଯ୍ୟସ୍ଥଳରେ କାର୍ଯ୍ୟକ୍ଷମତା ଉପରେ ମହତ୍ତ୍ୱପୂର୍ଣ୍ଣ ରାୟ ନିଆଯିବ। ବ୍ୟବହାରରେ ନମନୀୟତା ବଜାୟ ରଖିବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖନ୍ତୁ।

**ବୃଷ** - ବ୍ୟବହାରିକ ଦୃଷ୍ଟିକୋଣ ଓ ସକାରାତ୍ମକ ଚିନ୍ତାଧାରା ବଡ଼ ଶକ୍ତି ହେବ। ନୂଆ ଆହ୍ୱାନଗୁଡ଼ିକୁ ସ୍ୱୀକାର କରିବେ। ପ୍ରଗତିରେ ବାଧା ଉପୁନ୍ନ ହୋଇପାରେ। ଦୀର୍ଘ ଅବଧି ଯୋଜନାଗୁଡ଼ିକ ଉପରେ କାମ କରିବେ।

**ମିଥୁନ** - ଗଭୀର ଚିନ୍ତା କରିବେ। ସଠିକ୍ ସମାଧାନ ମିଳିବ। ବୌଦ୍ଧିକ କ୍ଷମତା ଦମ୍‌ରେ ନିର୍ଣ୍ଣୟ ନେବେ। କ୍ୟାରିୟର୍‌ରେ ଅନୁସନ୍ଧାନ ଓ ରଣନୀତି ରହିବ। ସଫଳତାର ଯୋଗ ରହିଛି।

**କର୍କଟ** - ସମ୍ପର୍କରେ ସହଯୋଗାତ୍ମକ ଭାବନା ରହିବ। ଟିମ୍ ୱାର୍କ ଦ୍ୱାରା କାମ ସମ୍ଭବ। ଅସମ୍ଭବ କାମ ବି ସମ୍ଭବ ହେବ। ନିଜ ନିଷ୍ପତ୍ତି ପାଇଁ ଅନ୍ତର୍ମନର ଶୁଣନ୍ତୁ। କୂଟନୀତି ଲାଭଦାୟକ ରହିବ।

**ସିଂହ** - ନେତୃତ୍ୱ ଓ ଅନୁଶାସନର ଅଦ୍ଭୁତ ସଂଗମ ଦେଖିବେ। କାର୍ଯ୍ୟକ୍ଷମତା ଅନ୍ୟ ପାଇଁ ପ୍ରେରଣା ହେବ। ସ୍ୱଭାବରେ ବିନମ୍ରତା ରହିବ। କାମ ଚାପକୁ ନିୟନ୍ତ୍ରଣ କରନ୍ତୁ। ପାର୍ଟନର ସହିତ ସମ୍ପର୍କ ଗଭୀର ହେବ।

**କନ୍ୟା** - ଅନୁଶାସନ ସହିତ ରଚନାତ୍ମକ ରୁଚିକୁ ସମୟ ଦେବେ। ଛୋଟ ଭୁଲ୍ ପାଇଁ ଚାପ ନନେଲେ ଭଲ। ମୌଳିକ ବିଚାରର ପ୍ରଶଂସା ପାଇବେ। ପ୍ରେମ ଜୀବନ ସୁଖମୟ ରହିବ। ନୂଆ ଯୋଜନା ସଫଳ ହେବ।

**ତୁଳା** - ପେସାଗତ ଓ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ବଜାୟ ରଖିବେ। କଠିନ ପରିସ୍ଥିତି ଆପଣଙ୍କ ପକ୍ଷରେ ଯିବ। ନିର୍ଣ୍ଣୟ ନିଜ ବୁଦ୍ଧି ଅନୁସାରେ ନିଅନ୍ତୁ। ପୁରୁଣା ବିବାଦ ପାଇଁ ଦିନଟି ଅନୁକୂଳ।

**ବିଛା** - ଦୃଢ଼ ଇଚ୍ଛାଶକ୍ତି ଆପଣଙ୍କର ପରିଚୟ ହେବ। କାର୍ଯ୍ୟକୁ ଅଧାରେ ଛାଡ଼ିବେ ନାହିଁ। ଶବ୍ଦଗୁଡ଼ିକର ଚୟନ ସାବଧାନ ହୋଇ କରନ୍ତୁ। ଟେକ୍‌ନିକି କ୍ଷେତ୍ରରେ ଉପଲବ୍ଧି ପାଇବେ। ପାର୍ଟନର ସହିତ ସମ୍ବନ୍ଧ ସଠିକ୍ ରଖନ୍ତୁ।

**ଧନୁ** - ଆର୍ଥିକ ଓ ବ୍ୟକ୍ତିଗତ ମୂଲ୍ୟଗୁଡ଼ିକୁ ନୂଆ ଦିଗ ମିଳିବ। ବ୍ୟକ୍ତିତ୍ୱରେ ଗମ୍ଭୀରତା ଓ ପରିପକ୍ୱତା ଦେଖିବେ। ଧୀମା ଗତି ପାଇଁ ବିଚଳିତ ନହେଲେ ଭଲ। ପୂର୍ବ ପରିଶ୍ରମର ଫଳ ପାଇବେ।

**ମକର** - ଆତ୍ମବିଶ୍ୱାସକୁ ନୂଆ ଶିଖରକୁ ପହଞ୍ଚାଇବେ। ଏଥିପାଇଁ ଶାନ୍‌ଦାର ଅବସର। ସ୍ୱଭାବରେ ଅତ୍ୟଧିକ ଶକ୍ତ ହୋଇପାରନ୍ତି। ପଦୋନ୍ନତିର ସମ୍ଭାବନା ରହିଛି। ପୁରୁଣା ନିବେଶରୁ ଲାଭ ମିଳିବ।

**କୁମ୍ଭ** - ଭବିଷ୍ୟତ ବିଷୟରେ ଗଭୀରତାର ସହିତ ଚିନ୍ତା କରିପାରନ୍ତି। ଯୋଜନାଗୁଡ଼ିକ ଦୂରଗାମୀ ପରିଣାମ ଦେବେ। କ୍ୟାରିୟର୍‌ରେ ସଫଳତା ପାଇବେ। ଗଭୀର ବିଷୟରେ ଚିନ୍ତା କରିପାରନ୍ତି।

**ମୀନ** - ମିତ୍ରମାନେ ନୂଆ ଊର୍ଜାରେ ଭରିଦେବେ। ଅନ୍ତରାତ୍ମା ସଠିକ୍ ଦିଗରେ ନେବ। କାର୍ଯ୍ୟରେ ବଡ଼ ସଫଳତା ମିଳିବ। ଆପଣଙ୍କ ପଦ ପାଇଁ ପ୍ରଶଂସିତ ହେବେ। ନୂଆ ସମ୍ପର୍କ ଗଢ଼ି ଉଠିବ। ଧନ ଲାଭ ଯୋଗ ରହିଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଚିନ୍ତାମପରିମେୟାଂ ଚ ପ୍ରଳୟାନ୍ତାମୁପାଶ୍ରିତାଃ।**
**କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ। (୧୬/୧୧)**
**ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ।**
**ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଂଚୟାନ୍। (୧୬/୧୨)**

ମୃତ୍ୟୁ ପର୍ଯ୍ୟନ୍ତ ଅସଂଖ୍ୟ ଚିନ୍ତାକୁ ଆଶ୍ରୟ କରି ଓ ବିଷୟ ଭୋଗକୁ ପରମ ପୁରୁଷାର୍ଥ ମନେକରି ସେମାନେ ସ୍ଥିର କରନ୍ତି ଯେ ଏହି ବିଷୟ ଭୋଗ ହିଁ ପରମ ପୁରୁଷାର୍ଥ, ଏହା ଛଡ଼ା ଜୀବନରେ କୌଣସି ବି ଲକ୍ଷ୍ୟ ନାହିଁ। ତେଣୁ ସେମାନେ ସହସ୍ର ସହସ୍ର ଆଶା ହୃଦୟରେ ଧରି କାମ, କ୍ରୋଧପରାୟଣ ହୋଇ ଅନ୍ୟାୟ ମାର୍ଗ ଅବଲମ୍ବନ ପୂର୍ବକ ଅର୍ଥ ସଂଚୟ କରିବାକୁ ଚେଷ୍ଟା କରନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଘୋର ସଂସାର ଆସକ୍ତ ମଣିଷ ନିଜ ଜୀବନର ଦୁଃଖ, କଷ୍ଟ, ଯନ୍ତ୍ରଣା, ବିଫଳତା, ଦୁର୍ଭାଗ୍ୟରୁ ସାମାନ୍ୟ ଶିଖିପାରେନି। ସେମାନେ କଣ୍ଟାଘାସ ଖାଉଥିବା ଓଟ ପରି। ଓଟ କଣ୍ଟାଘାସ ଖାଉଥିବା ବେଳେ ତା'ର ପାଟିରୁ ଧାର ଧାର ରକ୍ତ ବହେ କିନ୍ତୁ ସେ କଣ୍ଟାଘାସ ଖାଇବାରୁ ବିରତ ହୁଏନି।



# ଉତ୍କଳ ଦିବସ

ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ବିଦିତ ଏକ ଅବିସ୍ମରଣୀୟ ତାରିଖ ଏପ୍ରିଲ୍ ୧। ୧୯୩୬ର ଆଜିର ଦିନରେ ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଏହି ମାନ୍ୟତା ପାଇବା ପାଇଁ ଦିନି ଦଶନ୍ଧି ଧରି ଲାଗି ରହିଥିଲା ବିପ୍ଳବ। ପୂର୍ବରୁ ଉତ୍କଳ ଖଣ୍ଡବିଖଣ୍ଡିତ ହୋଇ ରହିଥିଲା। ରାଜ୍ୟର ପଶ୍ଚିମ ଭାଗ ଅର୍ଥାତ ଆଜିର ପଶ୍ଚିମ ଓଡ଼ିଶା ସମ୍ବଲପୁର, ମଧ୍ୟପ୍ରଦେଶ ସହିତ ମିଶିଥିଲା, ଉତ୍ତର ଓଡ଼ିଶା ବଙ୍ଗ ପ୍ରଦେଶରେ ସାମିଲ ଥିଲା। ସେହିପରି କିଛି ଅଂଶ ଥିଲା ବିହାର ଓ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ। କଳା, ସଂସ୍କୃତି ଏବଂ ବାଣିଜ୍ୟର ଏକ ପ୍ରମୁଖ ସ୍ଥାନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସାର୍ ବାସୁଦେବ ସୁଢ଼ଳଦେବ, ରାଧାନାଥ ରାୟଙ୍କ ପରି ବୀର ପୁରୁଷମାନେ ଏହି ଆନ୍ଦୋଳନକୁ ଗତି ଦେଇଥିଲେ। ଏମାନଙ୍କ ପ୍ରଚେଷ୍ଟାରେ ପ୍ରଥମେ ଗଠନ ହୋଇଥିଲା ଉତ୍କଳ ସମ୍ମିଳନୀ। ଜୋର୍‌ଦାର ସଂଗ୍ରାମ ପରେ ୧୯୩୬, ଏପ୍ରିଲ୍ ୧ରେ ଗଠନ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଏହାପରେ ପ୍ରଥମେ ଛଅଟି ଜିଲ୍ଲାକୁ ନେଇ ଗଠନ ହୋଇଥିଲା ନୂତନ ରାଜ୍ୟ। ତେବେ ଯୁଗ ଯୁଗ ଧରି ଓଡ଼ିଶାବାସୀଙ୍କୁ ସହ୍ୟ କରିବାକୁ ପଡିଥିଲା ମୋଗଲମାନଙ୍କ ଅତ୍ୟାଚାର, ବର୍ଗୀମାନଙ୍କର ଲୁଣ୍ଠନ, ମରହଟ୍ଟାମାନଙ୍କର ବର୍ବରତା। ଏହାପରେ ୧୮୦୩ରେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶା ମାଟିକୁ ଅଧିକାର କରିନେଲେ ଇଂରେଜମାନେ। ବାଣିଜ୍ୟ, ବ୍ୟବସାୟ କରୁକରୁ ଧୀରେ ଧୀରେ ସମଗ୍ର ରାଜ୍ୟ ଚାଲିଯାଇଥିଲା ଇଂରେଜଙ୍କ ହାତକୁ। ସେ ସମୟରେ ବଙ୍ଗ, ବିହାର, ଆସାମକୁ ନେଇ ଯେଉଁ ବେଙ୍ଗଲ୍ ପ୍ରେସିଡେନ୍ସି ଗଠନ କରାଯାଇଥିଲା ତନ୍ମଧ୍ୟରେ ଓଡ଼ିଶା ଥିଲା ଏକ ଡିଭିଜନ୍। ଦେଶର ଅନ୍ୟ ପ୍ରାଦେଶିକ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଥିଲା ଅତ୍ୟନ୍ତ ଶୋଚନୀୟ। ୧୯୧୨ରେ ଇଂରେଜ ସରକାର ଓଡ଼ିଶା-ବିହାରକୁ ନେଇ ବିହାର-ଓଡ଼ିଶା ପ୍ରଦେଶ ଗଠନ କଲେ। ଫଳରେ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶା ଡିଭିଜନ୍ ଭିତରେ ନରହି ମାଡ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶ ସହିତ ମିଶି ରହିଗଲା। ସେଥିପାଇଁ ଆଜିର ଦିନଟିକୁ 'ଉତ୍କଳ ଦିବସ' ଭାବରେ ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଏ।

# ମୂର୍ଖ ଦିବସ

ଏପ୍ରିଲ୍ ଫୁଲ୍ ବନାୟା ବଡ଼ା ମଜା ଆୟା.....ଏପ୍ରିଲ୍ ୧ ତାରିଖ ଅର୍ଥାତ ପରସ୍ପରକୁ ମୂର୍ଖ ବନାଇବାର ଦିନ। କିନ୍ତୁ ଏପରି କାହିଁକି କରାଯାଏ ଜାଣିଛନ୍ତି କି ? ଏହା ପଛରେ କ'ଣ ରହିଛି କାହାଣୀ। ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପରସ୍ପରକୁ ମୂର୍ଖ ବନେଇବା ପାଇଁ ଏହି ଦିନଟିକୁ ଅପେକ୍ଷା କରି ରହିଥାନ୍ତି। ଏହି ଦିନର କାହାଣୀ ଆରମ୍ଭ ହୋଇଥିଲା ୧୩୮୧ରୁ। ଦିନେ ଇଂଲଣ୍ଡର ରାଜା ରିଚାର୍ଡ ଦ୍ୱିତୀୟ ଓ ବୋହେମିୟାର ରାଣୀ ଆନି ନିର୍ବନ୍ଧ କରିବା ପାଇଁ ଘୋଷଣା କରି ଫଙ୍କ୍‌ସନ ପାଇଁ ମାର୍ଚ୍ଚ ୩୨ ତାରିଖ ରଖିଥିବା ବିଷୟରେ ଘୋଷଣା କରିଦେଲେ। ଏହି ଫଙ୍କ୍‌ସନର ଖୁସିରେ ଚାରିଆଡ଼େ ଆନନ୍ଦମୟ ପରିବେଶ ଦେଖିବାକୁ ମିଳିଥିଲା, ବଜାରଗୁଡ଼ିକୁ ସଜେଇ ଦିଆଗଲା। ଲୋକମାନେ ଏହି ଦିନ ପିନ୍ଧିବା ପାଇଁ ନୂଆ କପଡ଼ା କିଣିବାର ବନ୍ଦୋବସ୍ତ ମଧ୍ୟ କଲେ। ଏହା ମଧ୍ୟରେ ଲୋକମାନେ ଅଚାନକ ଅନୁଭବ କଲେ ଯେ କ୍ୟାଲେଣ୍ଡର୍‌ରେ ୩୨ ମାର୍ଚ୍ଚ ଦିନଟି ନଥାଏ। ଏହାପରେ ସମସ୍ତେ ବୁଝିଗଲେ ଯେ ସେମାନଙ୍କୁ ବୋକା ବନାଯାଇଛି। କେବଳ ଏତିକି ନୁହେଁ ଏପ୍ରିଲ ଫୁଲ୍‌ସ ଡେ'କୁ ନେଇ ରହିଛି ଅନେକ କାହାଣୀ ଯେଉଁଥିରୁ ଗୋଟିଏ କାହାଣୀ ଫ୍ରାନ୍ସର କ୍ୟାଲେଣ୍ଡର୍ ସହିତ ବି ଜଡ଼ିତ ହୋଇ ରହିଛି। ୧୫୮୨ରେ ଚାର୍ଲସ୍ ପୋପ୍ ଗ୍ରେଗୋରିଆନ୍‌ର ପୁରୁଣା କ୍ୟାଲେଣ୍ଡର୍‌କୁ ବଦଳେଇ ତା' ସ୍ଥାନରେ ଏକ ନୂଆ ଜୁଲିୟାନ୍ କ୍ୟାଲେଣ୍ଡର୍ ଲଞ୍ଚ କରିଥିଲେ। ସେ ସମୟରେ ୧ ଏପ୍ରିଲ୍‌ରେ ନୂଆବର୍ଷ ଆରମ୍ଭ ହେଉଥିଲା ଓ ଏବେ ଗ୍ରେଗୋରିଆନ୍ କ୍ୟାଲେଣ୍ଡର୍ ଅନୁସାରେ ୧ ଜାନୁଆରୀରେ ନୂଆବର୍ଷ ପାଳନ କରାଯାଉଛି। କିନ୍ତୁ ଏହାପରେ ବି କିଛି ଲୋକ ପୁରୁଣା ତାରିଖରେ ନୂଆବର୍ଷ ପାଳନ କରୁଥିଲେ। ସେହି ଲୋକମାନଙ୍କୁ ଏପ୍ରିଲ୍ ଫୁଲ୍ସ କୁହାଯାଉଥିଲା। ଜାଣିବା କେଉଁଠାରେ କିପରି ଭାବରେ ଏପ୍ରିଲ୍ ଫୁଲ୍‌ସ ଡେ'ର ପାଳନ କରାଯାଏ।




- **ଫ୍ରାନ୍ସ, ଇଟାଲୀ, ବେଲଜିୟମ୍‌ରେ କାଗଜରେ ମାଛ ତିଆରି କରି ଲୋକମାନଙ୍କ ପଛରେ ଲଗାଇ ଦିଆଯାଏ ଓ ପରେ ଏହାକୁ ନେଇ ସମସ୍ତଙ୍କୁ ଥଟ୍ଟା ପରିହାସ କରି ଏପ୍ରିଲ୍ ଫୁଲ୍‌ସ ଡେ' ପାଳନ କରାଯାଏ।**
- **ସ୍ପେନିଶ୍ ଭାଷାର ବ୍ୟବହାର କରୁଥିବା ଦେଶଗୁଡ଼ିକରେ ୨୮ ଡିସେମ୍ବର ଦିନ ପାଳନ କରାଯାଏ ଏପ୍ରିଲ୍ ଫୁଲ୍‌ସ ଡେ'। ଏହାକୁ ଡେ ଅଫ୍ ହୋଲି ଇନୋସେଣ୍ଟ୍‌ସ ବୋଲି କୁହାଯାଏ।**
- **ଇରାନୀ-ପାର୍ସୀ ନବବର୍ଷର ୧୩ତମ ଦିନରେ ଲୋକମାନେ ପରସ୍ପରକୁ କଟାକ୍ଷ କରନ୍ତି। ଏହି ପରମ୍ପରା ପାଳନ କରାଯାଏ ୧ କିମ୍ବା ୨ ଏପ୍ରିଲ୍ ଦିନ।**
- **ଡେନ୍‌ମାର୍କରେ ମେ' ୧ ତାରିଖ ଦିନ ଫୁଲ୍ସ ଡେ' ପାଳନ କରାଯାଏ ଓ ଏହାକୁ ମଜ-କଟ୍ କୁହାଯାଏ।**

**କିଛି ରିପୋର୍ଟ ଅନୁସାରେ ଆମ ଦେଶରେ ଊନବିଂଶ ଶତାବ୍ଦୀରେ ଇଂରେଜମାନେ ଏହି ଦିବସ ପାଳନ କରିବାର ପରମ୍ପରା ଆରମ୍ଭ କରିଥିଲେ। ବିଗତ କିଛି ବର୍ଷ ହେଲାଣି ଏହି ଦିବସର କ୍ରେଜ୍ ଆମ ଦେଶରେ ବୃଦ୍ଧି ପାଇଛି। ସୋସିଆଲ୍ ମିଡିଆରେ ମଧ୍ୟ ଏହା ସହିତ ଜଡିତ ମିମ୍ସ ତିଆରି କରି ଜମେଇକି ଭାଇରାଲ୍ କରାଯାଉଛି। ମଜାକ୍ କରିବା ସମୟରେ କଥାବାର୍ତ୍ତା ଉପରେ ଧ୍ୟାନ ରଖନ୍ତୁ ଯେପରି କୌଣସି କଥାକୁ ନେଇ ଲୋକମାନଙ୍କୁ ଆଘାତ ନ ପହଞ୍ଚେ।**

# ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା



୧୮୯୧ ମସିହାରେ ତତ୍କାଳୀନ କଟକ ଜିଲ୍ଲାର ବାଲିକୁଦା ନିକଟସ୍ଥ ଇଛାପୁର ଗ୍ରାମରେ ଏପ୍ରିଲ୍ ମାସର ପହିଲା ଦିନ ଜନ୍ମଗ୍ରହଣ କରିଥିଲେ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା। କଲିକତା ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରବୃତ୍ତି ପାଇ ସେ ଉଚ୍ଚ ଶିକ୍ଷା ପାଇଁ ଇଂଲଣ୍ଡକୁ ଯାଇଥିଲେ। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ ଗବେଷଣା କରି ଫେରିବା ପରେ ରେଭେନ୍ସା କଲେଜରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ଡକ୍ଟର ପରିଜା। ପରେ ୧୯୪୩ରେ ପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପଦ ସେ ମଣ୍ଡନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୧-୫୨ରେ ଦେଶର ପ୍ରଥମ ସାମ୍ବିଧାନିକ ସାଧାରଣ ନିର୍ବାଚନ ହୋଇଥିଲା। ସେତେବେଳେ ଅନେକ ସ୍ୱାଧୀନଚେତା, ରାଜନେତା ନିର୍ଦ୍ଦଳୀୟ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପସନ୍ଦ କରିଥିଲେ। ସେମାନଙ୍କ ଭିତରୁ ଅନ୍ୟତମ ଥିଲେ ପ୍ରାଣକୃଷ୍ଣ ପରିଜା। ପ୍ରଥମ ନିର୍ବାଚନରେ ଜଣେ ନିର୍ଦ୍ଦଳୀୟ ସଦସ୍ୟ ଭାବରେ ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିଲେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ। ଏହା ବ୍ୟତୀତ ଜଣେ ବୈଜ୍ଞାନିକ ଭାବରେ ବିଜ୍ଞାନ ଶିକ୍ଷା ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ସେ ଅନେକ କିଛି କରିଯାଇଛନ୍ତି। ଉଦ୍ଭିଦମାନଙ୍କର ଶ୍ୱାସକ୍ରିୟା ସମ୍ପର୍କରେ ଗବେଷଣା କରି ଖ୍ୟାତି ଅର୍ଜନ କରିଥିବା ଏହି ବୈଜ୍ଞାନିକଙ୍କୁ ୧୯୫୫ରେ ଭାରତ ସରକାର 'ପଦ୍ମଭୂଷଣ' ଉପାଧିରେ ସମ୍ମାନିତ କରିଥିଲେ। ବିଜ୍ଞାନ ପ୍ରତି ସମର୍ପଣ ଭାବନା ସହିତ ତାଙ୍କର ସାହିତ୍ୟ ଓ ସଂସ୍କୃତି ପ୍ରତି ବିଶେଷ ଅନୁରାଗ ଥିଲା। 'ଅକିଞ୍ଚନର ଜୀବନ ସ୍ମୃତି' ନାମରେ ସେ ନିଜର ଆତ୍ମ-ଚରିତ ଲେଖି ଯାଇଛନ୍ତି। ଏହି ସରଳ ଓ ଅନୁକରଣୀୟ ବ୍ୟକ୍ତି ଜଣକ ୨ ଜୁନ୍, ୧୯୭୮ରେ କଟକ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ନାସାର ସ୍ପେଶାଲ୍ ଥାଳି



ଯେବେ ବି ଆମେ ମୁନ୍ ମିଶନ କଥା ଉଠାନ୍ତି ମନକୁ ଆସେ ପ୍ରଥମେ ରକେଟ୍ ଓ ଅନ୍ତରୀକ୍ଷ କଥା। କିନ୍ତୁ ଗୋଟିଏ ପ୍ରଶ୍ନ ପଛରେ ରହିଯାଏ ଯେ ଏତେ ଲମ୍ବା ଯାତ୍ରା ମଧ୍ୟରେ ଅନ୍ତରୀକ୍ଷ ଯାତ୍ରୀମାନେ ଖାଆନ୍ତି କ'ଣ ? ଏହାର ଉତ୍ତର ଦେଇଛି ନାସା। ନାସା ମୁନ୍ ମିଶନକୁ ପଠଉଥିବା ଅନ୍ତରୀକ୍ଷ ଯାତ୍ରୀମାନଙ୍କ ପାଇଁ କରିଛି ଖାଦ୍ୟର ବିଶେଷ ବ୍ୟବସ୍ଥା। ନାସାର ମୁନ୍ ମିଶନରେ ଯାଉଥିବା ଅନ୍ତରୀକ୍ଷ ଯାତ୍ରୀମାନେ ସେଠାରେ ଘର ପରି ଖାଦ୍ୟର ସ୍ୱାଦ ଚାଖିବେ। ଦଶ ଦିନର ଏହି ଯାତ୍ରାରେ ନାସା ଏହି ମିଶନ ପାଇଁ ଏପରି ଏକ ମେନ୍ୟୁ ପ୍ରସ୍ତୁତ କରିଛି ଯାହା କେବଳ ଯେ ପୌଷ୍ଟିକ ତାହା ନୁହେଁ, ମେନ୍ୟୁ ଫାଟିଗ୍‌କୁ ମଧ୍ୟ ଦୂରରେ ରଖିବ। ଯେହେତୁ ଅନ୍ତରୀକ୍ଷର ଶୂନ୍ୟ ଗୁରୁତ୍ୱାକର୍ଷଣ ଥିବା ଦୁନିଆରେ ଖାଦ୍ୟ ଖାଇବା କୌଣସି ଆହ୍ୱାନ ଠାରୁ କମ୍ ନୁହେଁ କିନ୍ତୁ ଆର୍ଟିମିସ୍-୨ ପାଇଁ ଶେଫ୍ ଓ ବୈଜ୍ଞାନିକମାନେ ଏପରି ମେନ୍ୟୁ ପ୍ରସ୍ତୁତ କରୁଛନ୍ତି ଯାହା ସ୍ୱାସ୍ଥ୍ୟ ଓ ସ୍ୱାଦ ପାଇଁ ଖୁବ୍ ଲାଜବାବ୍। ଏହି ଖାଦ୍ୟ ଚାରିଜଣ ଅନ୍ତରୀକ୍ଷ ଯାତ୍ରୀଙ୍କୁ ପୃଥିବୀପୃଷ୍ଠ ବିଷୟରେ ସ୍ମରଣ କରାଇବା ସହିତ ସେମାନଙ୍କର ମାଂସପେଶୀଗୁଡ଼ିକୁ ବି ମଜଭୁତ ରଖିବ। ସେମାନେ ପ୍ରତିଦିନ ଏକାପରି ଖାଦ୍ୟ ଖାଇବେ ନାହିଁ। ସେମାନଙ୍କ ପାଖରେ ରହିବ ଭିନ୍ନ ଭିନ୍ନ ପ୍ରକାରର ବିକଳ୍ପ। ଏହି କାରଣରୁ କାମରେ ସେମାନଙ୍କର ମନ ବି ଲାଗିବ ଓ ଆବଶ୍ୟକୀୟ ତାକତ ଶରୀରକୁ ମଧ୍ୟ ମିଳିବ। ପୂର୍ବରୁ ଅନ୍ତରୀକ୍ଷରେ କେବଳ ଫିକା ଓ ସ୍ୱାଦହୀନ ଖାଦ୍ୟ ମିଳୁଥିଲା କିନ୍ତୁ ଏବେ ଆଉ ସେ ସମୟ ନାହିଁ। ଏବେ ସେମାନେ କଫି ପିଇ ପାରିବେ ଅଲଗା ଅଲଗା ପ୍ରକାରର ପାନୀୟ ମଧ୍ୟ ପାଇପାରିବେ ଓ ମିଠା ଖାଦ୍ୟର ମଜା ବି ଉଠେଇ ପାରିବେ। ତେଣୁ ଖାଦ୍ୟରେ ଏପରି ଜିନିଷଗୁଡ଼ିକୁ ସାମିଲ କରାଯାଇଛି ଯାହା ସ୍ୱାଦିଷ୍ଟ ହେବା ସହିତ ଶରୀରକୁ ଜରୁରୀ ପୋଷଣ ବି ଦେବ। କିନ୍ତୁ ଅନ୍ତରୀକ୍ଷରେ ଖାଦ୍ୟର ସ୍ୱାଦକୁ କମ୍ ଅନୁଭବ କରିହୁଏ। ଗୁରୁତ୍ୱାକର୍ଷଣ ଅଭାବରୁ ଶରୀରର ତରଳ ପଦାର୍ଥ ମୁଣ୍ଡ ଆଡ଼କୁ ଗତି କରେ ଯେଉଁ କାରଣରୁ ନାକ ବନ୍ଦ ହେବା ପରି ଅନୁଭବ ହୁଏ ଓ ସ୍ୱାଦ ନେବାର କ୍ଷମତା କମ୍ ହୋଇଯାଏ। ତେଣୁ ଏହି ସମସ୍ୟାକୁ ଦୂର କରିବ ମସଲାଦାର ରାଗ ଖାଦ୍ୟ। ଏହି କାରଣରୁ ମେନ୍ୟୁରେ ବିଭିନ୍ନ ପ୍ରକାରର ସସ୍ ଓ ମସଲା ସାମିଲ କରାଯାଇଛି।

# ଅଧା ନର ଅଧା ନାରୀ କଙ୍କଡ଼ା

କେରଳର ଘନ ଜଙ୍ଗଲରେ ଲୁଚି ରହିଥିବା ସାଇଲେଣ୍ଟ ଭ୍ୟାଲି ନ୍ୟାସନାଲ୍ ପାର୍କରୁ ଆସିଛି ଏପରି ଏକ ଆଶ୍ଚର୍ଯ୍ୟ ହେବା ପରି ଘଟଣା ଯାହାକୁ ନେଇ ଅଧ୍ୟୟନ ଆରମ୍ଭ କରିଛି ବୈଜ୍ଞାନିକ ଜଗତ। ମାଛ ଧରାଳି ଓ ସ୍ଥାନୀୟ ଲୋକମାନଙ୍କର ସାହାଯ୍ୟରେ ବୈଜ୍ଞାନିକମାନେ ଏକ ଦୁର୍ଲଭ ପ୍ରଜାତିର କଙ୍କଡ଼ାକୁ ଧରିଛନ୍ତି ଯାହା ଅଧା ନର ଓ ଅଧା ନାରୀ। କଙ୍କଡ଼ାର ଗୋଟିଏ ପାର୍ଶ୍ୱର ଶରୀରରେ ପୁରୁଷର ଗୁଣ ଓ ଅନ୍ୟ ପାର୍ଶ୍ୱରେ ମହିଳାର ଗୁଣ ଦେଖିବାକୁ ମିଳିଛି। କଙ୍କଡ଼ାଟି ଭେଲା କାର୍ଲି ନାମକ ମିଠା ପାଣିର ପ୍ରଜାତି। ଏହା କେବଳ ପଶ୍ଚିମ ଘାଟର ଜଙ୍ଗଲ ଓ ଝରଣାଗୁଡ଼ିକରେ ଦେଖିବାକୁ ମିଳନ୍ତି। ବୈଜ୍ଞାନିକମାନେ ୧୨୦ଟି କଙ୍କଡ଼ା ଉପରେ ଅଧ୍ୟୟନ କରିଥିଲେ ଯେଉଁଥିରୁ ତିନୋଟି ମଧ୍ୟରେ ଏହି ଅନୋଖା ସ୍ଥିତି ଦେଖିବାକୁ ମିଳିଛି। ଏହାକୁ ବୈଜ୍ଞାନିକ ଭାଷାରେ ବାଇଲେଟେରାଲ୍ ଜାଇନାନ୍ ଡ୍ରୋମର୍ଫି ବୋଲି କୁହାଯାଏ। ଅର୍ଥାତ ଶରୀରର ବାମ ଓ ଡ଼ାହାଣ ଭାଗରେ ଅଲଗା ଅଲଗା ଲିଙ୍ଗର ଲକ୍ଷଣ ରହିଛି। କଙ୍କଡ଼ାମାନେ ଗଛରେ ପାଣି ଭରିଥିବା ଗର୍ତ୍ତଗୁଡ଼ିକରେ ମଧ୍ୟ ରହନ୍ତି ଯାହା ଆମ ଦେଶରେ କଙ୍କଡ଼ାଙ୍କ ପାଇଁ ଏକ ଅନୋଖା ମାଇକ୍ରୋହାବିଟାଟ୍ ଅଟେ। ଏହିପରି କଙ୍କଡ଼ା ହେଉଛନ୍ତି ବହୁତ ଦୁର୍ଲଭ ପ୍ରଜାତିର। ଅଧ୍ୟୟନକାରୀଙ୍କ ଅନୁସାରେ ଅଣ୍ଡାର ପ୍ରାରମ୍ଭିକ ଚରଣରେ କୋଷିକାଗୁଡ଼ିକୁ ଭାଗ ଭାଗ କରିବା ସମୟରେ କ୍ରୋମୋସୋମଲ ଅସାମାନ୍ୟତା କାରଣରୁ ଗୋଟିଏ ପାର୍ଶ୍ୱ ନର ଓ ଅନ୍ୟ ପାର୍ଶ୍ୱଟି ମାଦା ଟ୍ରେଟ୍‌ସ ବିକଶିତ ହୋଇଯାଏ। ତେବେ ଏହି ଅନ୍ୱେଷଣ ଜେନେଟିକ୍ସ, ବିକାଶ ଓ ଲିଙ୍ଗ ନିର୍ଦ୍ଧାରଣ ପ୍ରକ୍ରିୟାକୁ ବୁଝିବା ପାଇଁ ନୂଆ ତଥ୍ୟ ପ୍ରଦାନ କରୁଛି। ଭେଲା କାର୍ଲି କଙ୍କଡ଼ା ଆକାରରେ ଛୋଟ ଓ ଏମାନେ ଅନ୍ୟ କଙ୍କଡ଼ାଙ୍କ ଠାରୁ ଅଲଗା। ତେବେ ସାଇଲେଣ୍ଟ ଭ୍ୟାଲିକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ଦେଇଛି।





ବଲିଉଡ୍ ଫିଲ୍ମ 'ରାମାୟଣ' ଏ ବର୍ଷର ସବୁଠାରୁ ବଡ଼ ଓ ଆଣ୍ଟିସିପେଟେଡ୍ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ ହେବାକୁ ଯାଉଛି। ଫିଲ୍ମରେ ରନ୍‌ବୀର କପୁର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଖବର ଅନୁସାରେ ହନୁମାନ ଜୟନ୍ତୀରେ ଫିଲ୍ମର ପ୍ରଥମ ଝଲକ ଦେଖିବାକୁ ମିଳିବ। ଏବେ ଟିଜର୍ କେତେ ସମୟର ହେବ ସେ ଖବର ମଧ୍ୟ ସମ୍ମୁଖକୁ ଆସିଛି। ନିତେଶ ତିୱାରୀଙ୍କ ଏହି ବହୁପ୍ରତୀକ୍ଷିତ ଫିଲ୍ମଟି ଅପେକ୍ଷାରେ ରହିଛନ୍ତି ଦର୍ଶକମାନେ। ଫିଲ୍ମଟିରୁ ଅନେକ ଆଶା ରହିଛି କାରଣ ଏହାର କାହାଣୀ ଏପରି ଏକ ମହାଗାଥା ଉପରେ ଆଧାରିତ ଯାହାକୁ ଦେଶର ପ୍ରତି ଘରେ ପୂଜା କରାଯାଉଥିବ। ଏହି କାହାଣୀ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଓ ରାକ୍ଷସରାଜ ରାବଣ ଉପରେ ଆଧାରିତ। ତେବେ ରନ୍‌ବୀର କପୁରଙ୍କୁ ଶ୍ରୀରାମଙ୍କ ଭୂମିକାରେ ଦେଖିବା କୌଣସି ଏକ ଭଲ ଅଭିଜ୍ଞତା ଠାରୁ କମ୍ ହେବ ନାହିଁ। କିଛି ଦିନ ପୂର୍ବରୁ ରାମନବମୀ ଦିନ ଏକ ଛୋଟ ଟିଜର୍ ରିଲିଜ ହେବା କଥା ଶୁଣିବାକୁ ମିଳିଥିଲା କିନ୍ତୁ ଏବେ ଖବର ଆସୁଛି ଯେ ହନୁମାନ ଜୟନ୍ତୀରେ ଫିଲ୍ମର ପ୍ରଥମ ଝଲକ ଦେଖିବାକୁ ମିଳିବ। ଏହା ମଧ୍ୟରେ ଟିଜର୍‌କୁ ସିବିଏଫ୍‌ସି ଦ୍ୱାରା ୟୁ ସାର୍ଟିଫିକେଟ୍ ମିଳିସାରିଛି। ରନ୍‌ବୀର ଓ ୟଶଙ୍କ ଏହି ୧୦୦୦ କୋଟି ଫିଲ୍ମକୁ ଦେଖିବା ପାଇଁ ଯେକୌଣସି ବୟସର ଦର୍ଶକମାନେ ଯାଇପାରିବେ। ଏହାର ପ୍ରଥମ ଝଲକର ସମୟ ପାଖାପାଖି ୨ ମିନିଟ୍ ୩୮ ସେକେଣ୍ଡର ହେବ। ଖାସ୍ କଥା ହେଲା ନିର୍ମାତାମାନେ ଫିଲ୍ମଟି ପାଇଁ ବିଶେଷ ଶୁଭ ଦିନର ଚୟନ କରିଛନ୍ତି। ୨ ଏପ୍ରିଲ୍ ଦିନ ପାଳନ କରାଯିବ ହନୁମାନ ଜୟନ୍ତୀ ଓ ଏହି ଦିନ ହେବ ଏକ ବଡ଼ ଇଭେଣ୍ଟ ଯେଉଁଥିରେ ସବୁ କଳାକାର ନିଜ ଚରିତ୍ରର ଗେଟ୍‌ଅପ୍ ଅନୁସାରେ ନଜର ଆସିବେ। ଏଥିରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରନ୍‌ବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ, ଲକ୍ଷ୍ମଣଙ୍କ ଭୂମିକାରେ ରବି ଦୁବେ, ରାବଣ ଭୂମିକାରେ ୟଶ ଓ ହନୁମାନଙ୍କ ଭୂମିକାରେ ସନି ଦେଓଲ୍ ନଜର ଆସିବେ। 'ରାମାୟଣ' ଭାରତୀୟ ସିନେମା ଜଗତର ଏକ ଦାମୀ ଫିଲ୍ମ ହେବାକୁ ଯାଉଛି।




ନିତିଦିନ NITIDIN

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ବନ୍ଦ

**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ପ୍ରସାରଣକୁ ନେଇ ବାଂଲାଦେଶରେ ସ୍ଥିତି ଦ୍ରୁତ ଗତିରେ ବଦଳୁଛି। ସଦ୍ୟ ରିପୋର୍ଟ ଅନୁସାରେ ଦେଶରେ ଆଇପିଏଲ୍ ୨୦୨୬ର ସିଧା ପ୍ରସାରଣ ହେବନାହିଁ। ବାଂଲାଦେଶରେ ଟି‌ସ୍ପୋର୍ଟ୍ସ ଚ୍ୟାନେଲ୍ ଆଇପିଏଲ୍ ମ୍ୟାଚ୍‌ର ସିଧା ପ୍ରସାରଣ କରିବାର ଥିଲା। ମାତ୍ର ବକେୟା ଅର୍ଥ ପ୍ରଦାନ କରିନଥିବାରୁ ଟିସ୍ପୋର୍ଟ୍ସ ସହ ଆଇପିଏଲ୍‌ର ପ୍ରସାରଣ ଅଧିକାର ପାଇଥିବା ଜିଓଷ୍ଟାର୍ ତତ୍କାଳ ପ୍ରଭାବରେ ଚୁକ୍ତି ବାତିଲ କରିଦେଇଛି। ଯଦିଓ ବାଂଲାଦେଶ ସରକାର ବ୍ୟାନ୍ ହଟାଇ ଦେଇଥିଲେ, କିନ୍ତୁ ଏବେ ସ୍ଥାନୀୟ ସ୍ତରରେ କୌଣସି ବ୍ରଡ୍‌କାଷ୍ଟର୍ ନଥିବା କାରଣରୁ ବାଂଲାଦେଶ କ୍ରିକେଟ୍ ପ୍ରଶଂସକ ଏବେ ଟିଭିରେ ବିଶ୍ୱର ଏହି ସର୍ବବୃହତ୍ ଏବଂ ଲୋକପ୍ରିୟ ଲିଗ୍ ଦେଖିବାକୁ ବଞ୍ଚିତ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ ଚଳିତ ବର୍ଷ ଜାନୁଆରୀରେ ବିସିସିଆଇ ନିର୍ଦ୍ଦେଶରେ ବାଂଲାଦେଶୀ ଫାଷ୍ଟ ବୋଲର୍ ମୁସ୍ତାଫିଜୁର୍ ରହମାନ୍‌ଙ୍କୁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଟିମ୍‌ରୁ ରିଲିଜ୍ କରିବା ଫଳରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ପରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ନଆସିବା ଜିଦ୍‌ରେ ବାଂଲାଦେଶ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଥିଲା। ଏପରିକି ବାଂଲାଦେଶରେ ଆଇପିଏଲ୍ ମ୍ୟାଚ୍‌ର ପ୍ରସାରଣ ଉପରେ ସେଠାକାର ଅନ୍ତରୀଣ ସରକାର ବ୍ୟାନ୍ ଲଗାଇଥିଲେ। ମାତ୍ର ନୂଆ ସରକାର ଆଇପିଏଲ୍ ଆରମ୍ଭ ପୂର୍ବରୁ ଏହି ବ୍ୟାନ୍ ହଟାଇଥିଲେ। ଏବେ କିନ୍ତୁ ଟିସ୍ପୋର୍ଟ୍ସ ସହ ଜିଓଷ୍ଟାର୍ ଚୁକ୍ତି ବାତିଲ କରିବା ଫଳରେ ମ୍ୟାଚ୍‌ର ପ୍ରସାରଣ ବନ୍ଦ ରହିଛି।

# ହୋଟେଲ୍ ରୁମ୍‌ରୁ ମିଳିଲା ଆଇପିଏଲ୍ ବ୍ରଡ୍‌କାଷ୍ଟ ଇଞ୍ଜିନିୟର୍‌ଙ୍କ ମୃତଦେହ




**ମୁମ୍ବାଇ,୩୧।୩/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ରୋମାଞ୍ଚ ମଧ୍ୟରେ ମୁମ୍ବାଇରୁ ଏକ ଦୁଃଖଦ ଖବର ମିଳିଛି। ଟୁର୍ଣ୍ଣାମେଣ୍ଟର ବ୍ରଡ୍‌କାଷ୍ଟ କ୍ରୁ ସଦସ୍ୟ ଥିବା ୭୬ ବର୍ଷୀୟ ବ୍ରିଟିଶ୍ ଇଞ୍ଜିନିୟର୍ ଇୟାନ୍ ୱିଲିଅମ୍ସ ଲଙ୍ଗ୍‌ଫୋର୍ଡଙ୍କ ସନ୍ଦିଗ୍ଧ ପରିସ୍ଥିତିରେ ମୃତ୍ୟୁ ଘଟିଛି। ସେ ରହୁଥିବା ମୁମ୍ବାଇ ମରିନ୍ ଡ୍ରାଇଭ୍‌ସ୍ଥିତ ପ୍ରସିଦ୍ଧ ଟ୍ରାଇଡେଣ୍ଟ୍ ହୋଟେଲ୍ ରୁମ୍‌ରୁ ସୋମବାର ତାଙ୍କ ମୃତଦେହ ଠାବ କରାଯାଇଛି। ସୂଚନା ଅନୁସାରେ ଇୟାନ୍ ମାର୍ଚ୍ଚ ୨୪ରୁ ହିଁ ଆଇପିଏଲ୍ କଭର୍ କରିବା ପାଇଁ ହୋଟେଲ୍‌ରେ ରହୁଥିଲେ। ମାର୍ଚ୍ଚ ୨୯ ତାରିଖରେ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ପରେ ସେ ନିଜ ରୁମ୍ (ନମ୍ବର ୨୭୧୫)କୁ ଫେରିଥିଲେ। ପରଦିନ ଅର୍ଥାତ୍ ମାର୍ଚ୍ଚ ୩୦ରେ ହୋଟେଲ୍ ରିସେପ୍ସନ୍‌ରୁ ତାଙ୍କ ଫୋନ୍‌କୁ କଲ୍ ଆସିଥିଲା। ମାତ୍ର କୌଣସି ଉତ୍ତର ମିଳିନଥିଲା। ବାରମ୍ବାର ସମ୍ପର୍କ କରିବା ଉଦ୍ୟମ ବିଫଳ ହେବା ପରେ ହୋଟେଲ୍ ଷ୍ଟାଫ୍ ତାଙ୍କ ରୁମ୍‌ରେ ପହଞ୍ଚିବା ପରେ ମୃତଦେହ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସୂଚନା ପାଇଁ ମାରିନ୍ ଡ୍ରାଇଭ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବର ପୋଷ୍ଟମର୍ଟମ୍ କରାଇଛି। ପ୍ରାରମ୍ଭିକ ରିପୋର୍ଟରୁ କୌଣସି ସନ୍ଦିଗ୍ଧ ଗତିବିଧି କିମ୍ବା ଷଡ଼ଯନ୍ତ୍ରଣ ସଙ୍କେତ ମିଳିନାହିଁ। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

# ଏସିଆନ୍ ବକ୍ସିଂ: ପ୍ରିୟାଙ୍କ ଚମତ୍କାର ବିଜୟ



**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ଆସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍‌ର ଦ୍ୱିତୀୟ ଦିନ ଭାରତର ପ୍ରିୟର ୫-୦ରେ ଚମତ୍କାର ବିଜୟ ହାସଲ କରିଥିବା ବେଳେ ଜଦୁମଣି ସିଂହ ଜାପାନର ଟପ୍ ସିଡ୍ ବକ୍ସର୍‌ଙ୍କୁ ଶେଷ ପର୍ଯ୍ୟନ୍ତ କଡ଼ା ଟକ୍କର୍ ଦେଇଥିଲେ ମଧ୍ୟ ପରାଜିତ ହୋଇଛନ୍ତି। ମହିଳା ୬୦ କିଲୋଗ୍ରାମ ବର୍ଗରେ ପ୍ରିୟା ଉନ୍ନତ ପ୍ରଦର୍ଶନ କରି କଜାଖସ୍ତାନର ରିମ୍ମା ଭୋଲୋସେଙ୍କୋକୁ ୫-୦ର ସର୍ବସମ୍ମତ ନିଷ୍ପତ୍ତିରେ ହରାଇଛନ୍ତି। ପୂରା ମ୍ୟାଚ୍‌ରେ ସେ ଚମତ୍କାର ନିୟନ୍ତ୍ରଣ ଏବଂ ସଂଯମ ଦେଖାଇ ଥିଲେ। ପରବର୍ତ୍ତୀ ରାଉଣ୍ଡ୍‌ରେ ସେ ଦ୍ୱିତୀୟ ସିଡ୍ ଚୀନ୍‌ର ଚେଙ୍ଗ୍ୟୁ ୟାଙ୍ଗ୍‌ଙ୍କୁ ଭେଟିବେ। ପୁରୁଷ ୫୫ କିଲୋଗ୍ରାମ ବର୍ଗରେ ଜଦୁମଣି ଜାପାନର ରୁଇ ୟାମାଗୁଚିଙ୍କ ବିପକ୍ଷରେ କଡ଼ା ସଂଘର୍ଷ ଦେଇଥିଲେ ମଧ୍ୟ ଶେଷରେ ୨-୩ ସ୍ପ୍ଲିଟ୍ ନିଷ୍ପତ୍ତିରେ ପରାଜିତ ହୋଇଛନ୍ତି।

## ଡେବ୍ୟୁ ମ୍ୟାଚ୍‌ରେ କୁପର୍ କୋନୋଲିଙ୍କ ଅର୍ଦ୍ଧଶତକ, ବୈଶାକ୍‌ଙ୍କୁ ୩ ୱିକେଟ୍

# ଗୁଜରାଟକୁ ୩ ୱିକେଟ୍‌ରେ ମାତ୍‌ଦେଲା ପଞ୍ଜାବ

**ନ୍ୟୁ ଚଣ୍ଡିଗଡ଼,୩୧।୩/ଏଜେନ୍ସି:** ଚଳିତ ଆଇପିଏଲ୍‌ର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ୩ ୱିକେଟ୍‌ରେ ହରାଇ ପଞ୍ଜାବ କିଙ୍ଗ୍‌ସ ସିଜନ୍ ଆରମ୍ଭ କରିଛି। ମୁଲ୍ଲାନ୍‌ପୁରର ମହାରାଜ ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ଗୁଜରାଟ ୬ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ଜବାବରେ ପଞ୍ଜାବ କିଙ୍ଗ୍‌ସ କୁପର୍ କୋନୋଲୀଙ୍କ ୭୨ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୧୯.୧ ଓଭର୍‌ରେ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ମ୍ୟାଚ୍‌ରେ ଉଭୟ ଟିମ୍‌ର ବ୍ୟାଟର୍‌ଙ୍କ ତୁଳନାରେ ବୋଲର୍‌ମାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ।

୧୬୨ ରନ୍‌ର ଲକ୍ଷ୍ୟ ଜବାବରେ ପଞ୍ଜାବ ଟିମ୍‌ର ଆରମ୍ଭ ବହୁ ଖରାପ ଥିଲା। ପ୍ରିୟାଂଶ ଆର୍ଯ୍ୟ ୭ ରନ୍ କରି କାଗିସୋ ରବାଡ଼ାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପ୍ରଭସିମ୍‌ରନ୍ ସିଂହ ଓ କୁପର୍ କୋନୋଲି ଦ୍ରୁତ ରନ୍ ସଂଗ୍ରହ କରି ପ୍ଲାୱାର୍‌ପ୍ଲେରେ ଟିମ୍‌ର ସ୍କୋର୍ ୫୫/୧ରେ ପହଞ୍ଚାଇଥିଲେ। ତେବେ ୩୭ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ପ୍ରଭସିମ୍‌ରନ୍ ରଶିଦ୍ ଖାନ୍‌ଙ୍କ ବଲ୍‌ରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟାର୍ ଖାସ୍ କିଛି କରିପାରି ନଥିଲେ ଏବଂ ୧୮ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ନେହାଲ୍ ବଧେରା ମଧ୍ୟ ୩ ରନ୍‌ର କରି ୱାଶିଂଟନ୍ ସୁନ୍ଦରଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ୧୫ତମ ଓଭର୍‌ରେ ଶଶାଙ୍କ ସିଂହ (୪ ରନ୍) ଏବଂ ମାର୍କସ୍ ଷ୍ଟୋଇନିସ୍‌ଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରି ପଞ୍ଜାବକୁ ବଡ଼ ଝଟ୍‌କା ଦେଇଥିଲେ। ୧୮ତମ ଓଭର୍‌ରେ ମାର୍କୋ ଜାନ୍‌ସେନ୍ (୯) ଆଉଟ୍ ହେବା ପରେ ମ୍ୟାଚ୍‌ରେ ନୂଆ ମୋଡ଼ ଆସିଥିଲା। ପଞ୍ଜାବକୁ ୧୫ ବଲ୍‌ରେ ୧୯ ରନ୍‌ର ଆବଶ୍ୟକତା ଥିବାବେଳେ ଜାଭିୟର୍ ବାର୍ଟଲେଟ୍ କ୍ରିଜ୍‌କୁ ଆସିବା ମାତ୍ରେ ହାତଖୋଲା ଶଟ୍ ଖେଳିଥିଲେ। ଶେଷ ଓଭର୍‌ର ପ୍ରଥମ ବଲ୍‌ରେ ୱାଶିଂଟନ୍ ସୁନ୍ଦରଙ୍କୁ ଚୌକା ମାରି ପଞ୍ଜାବକୁ ବିଜୟୀ କରାଇଥିଲେ। ବାର୍ଟଲେଟ୍ ୫ ବଲ୍‌ରେ ଗୋଟିଏ ଛକା ସହାୟତାରେ ଅପରାଜିତ ୧୧ ରନ୍ କରିଥିଲେ। ଅନ୍ୟପକ୍ଷରେ ପଞ୍ଜାବକୁ ମ୍ୟାଚ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୁପର୍ କୋନୋଲୀ ୪୪ ବଲ୍‌ରେ ୫ ଚୌକା ୫ ଛକା ସହାୟତାରେ ୭୨ ରନ୍‌ର ଇନିଂସ୍ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ୱିକେଟ୍ ନେଇଥିବା ବେଳେ ଚାରିଜଣ ବୋଲର୍ ବାକି ୱିକେଟ୍ ବାଣ୍ଟି ନେଇଥିଲେ।



ଟସ୍ ହାରି ବ୍ୟାଟିଂ ପାଇଥିବା ଗୁଜରାଟକୁ ଶୁଭମନ ଗିଲ୍ ଓ ସାଇ ସୁଦର୍ଶନ ଦ୍ରୁତ ଆରମ୍ଭ ଦେଇ ୩୯ ରନ୍ ଯୋଡ଼ିଥିଲେ। ତେବେ ୧୩ ରନ୍ କରିଥିବା ବେଳେ ସୁଦର୍ଶନ ଚତୁର୍ଥ ଓଭର୍‌ରେ ମାର୍କୋ ଜାନ୍‌ସେନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଜୋଶ୍ ବଟ୍‌ଲର୍ ଓ ଗିଲ୍ ୪୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ଗିଲ୍ (୩୯)ଙ୍କୁ ଆଉଟ୍ କରି ୟୁଜ୍‌ବେନ୍ଦ୍ର ଚହଲ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଗ୍ଲେନ୍ ଫିଲିପ୍ସ ୨୫ ରନ୍ ବିଜୟ କୁମାର ବୈଶାକ୍‌ଙ୍କ ବଲ୍‌ରେ ଜାନ୍‌ସେନ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଲୟରେ ଥିବା ବଟ୍‌ଲର୍ ଚହଲ୍‌ଙ୍କ ସ୍ପିନ୍‌ରେ ଫସି ବାର୍ଟଲେଟ୍‌ଙ୍କୁ କ୍ୟାଚ୍ ଦେଇ ବସିଥିଲେ। ବଟ୍‌ଲର୍ ୩୩ ବଲ୍‌ରେ ୩ ଚୌକା ଓ ୟ୨ ଛକା ସହାୟତାରେ ୩୮ ରନ୍ କରିଥିଲେ। ୧୯ତମ ଓଭର୍‌ରେ ବୈଶାକ୍ ଗୁଜରାଟକୁ ଡବଲ୍ ଝଟ୍‌କା ଦେଇଥିଲେ। ପ୍ରଥମ ବଲ୍‌ରେ ୱାଶିଂଟନ୍ ସୁନ୍ଦର (୧୮) ଏବଂ ଅନ୍ତିମ ବଲ୍‌ରେ ଶାହାରୁଖ୍ ଖାନ୍ (୪)ଙ୍କୁ ଆଉଟ୍ କରି ତିନି ୱିକେଟ୍ ପୂରଣ କରିଥିଲେ। ଚହଲ୍ ଦୁଇଟି ୱିକେଟ୍ ନେଇଥିବା ବେଳେ ମାର୍କୋ ଜାନ୍‌ସେନ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ୍ କ୍ରିକେଟ୍

# ବିବିସିଏ, ଆଇସିଆଇ ବିଜୟୀ

**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ହାଇକେଟ୍ ମେଡିକାଲ୍ କଲେଜ ପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମୋମୋରିଆଲ୍ ୧୭ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭରତ ଭୂଷଣ କ୍ରିକେଟ୍ ଏକାଡେମୀ (ବିବିସିଏ) ଏବଂ ଇଣ୍ଡିଆନ୍ କ୍ରିକେଟ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ (ଆଇସିଆଇ) ବିଜୟୀ ହୋଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଆଜି ଅନୁଷ୍ଠିତ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ବିବିସିଏ ୪୨ ରନ୍‌ରେ ଯଦୁପୁର କ୍ରିକେଟ୍ ଏକାଡେମୀକୁ ହରାଇଥିବା ବେଳେ ଇଣ୍ଡିଆନ୍ କ୍ରିକେଟ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ବିଜୟୀ ଘୋଷିତ କରାଯାଇଛି। ସପ୍ତମ ପ୍ରିକ୍ୱାର୍ଟର୍ ଫାଇନାଲ ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିବିସିଏ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୨୧ ରନ୍ କରିଥିଲା। ସ୍ୱରିତ ଦାଶ ସର୍ବାଧିକ ୫୨ ରନ୍ କରିଥିବା ବେଳେ ଯଦୁପୁର ସେକ୍ ଏସ୍ ଉଦ୍ଦିନ୍ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୨୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଯଦୁପୁର ଟିମ୍ ୧୭ ଓଭର୍‌ରେ ମାତ୍ର ୭୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ବିବିସିଏର ଅମିତେଶ ସାହୁ ୪ଟି ୱିକେଟ୍ ନେଇଥିଲେ। ସ୍ୱରିତ୍ ଦାଶଙ୍କୁ ଅତିଥି ଭରତ ଭୂଷଣ ଦାସ ଓ ଜିତୁ ମହାପାତ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ୯ ୱିକେଟ୍ ବିନିମୟରେ ୧୦୬ ରନ୍ କରିଥିଲା। ଦୀପକ ପାତ୍ର ସର୍ବାଧିକ ୩୨ ରନ୍ କରିଥିବା ବେଳେ ବିପକ୍ଷ ଟିମ୍‌ର ଉଦିତ୍ ନାରାୟଣ ଜଟା ଦୁଇଟି ୱିକେଟ୍ ନେଇଥିଲେ। ୧୦୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଆଇସିଆଇ ୪ ୱିକେଟ୍ ହରାଇ ୨୫ ରନ୍ କରିଥିବା ବେଳେ ଏକ ଅପ୍ରୀତିକର ଘଟଣା (ବୟସାଧିକ ଖେଳାଳି ଖେଳିବା)କୁ ନେଇ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍‌ର ଅଧିନାୟକ ଓ ମ୍ୟାନେଜର ଖେଳିବାକୁ ମନା କରିଥିଲେ। ଫଳରେ ଦୁଇ ଅମ୍ପାୟାର୍‌ଙ୍କ ନିଷ୍ପତ୍ତି ଅନୁସାରେ ଇଣ୍ଡିଆନ୍ କ୍ରିକେଟ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ (ଆଇସିଆଇ)କୁ ବିଜେତା ଘୋଷିତ କରାଯାଇଥିଲା। ଉଦିତ ନାରାୟଣ ଜଟାଙ୍କୁ କ୍ରିକେଟ୍ ସଂଗଠକ ତଥା କୋଚ୍ ମନୋଜ କୁମାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।



# ବିରକ୍ତି ଆସିଲେ ଅବସର ନେବି: ଶମୀ

**ଲକ୍ଷ୍ନୌ,୩୧।୩/ଏଜେନ୍ସି:** ବର୍ତ୍ତମାନ ଅବସର ସମ୍ପର୍କରେ ଚିନ୍ତା କରୁନାହାନ୍ତି ଭାରତୀୟ ଫାଷ୍ଟ ବୋଲର୍ ମହମ୍ମଦ ଶମୀ। ଖେଳରେ ବିରକ୍ତି ଆସିଲେ ହିଁ ସେ କ୍ରିକେଟ୍ ଛାଡ଼ିବେ। ଚୟନ କିମ୍ବା ବୟସ ତାଙ୍କ ନିଷ୍ପତ୍ତିର କାରଣ ହେବନାହିଁ ବୋଲି ବୋଲି କହିଛନ୍ତି। ଘରୋଇ କ୍ରିକେଟ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ ସତ୍ତ୍ୱେ ୩୫ ବର୍ଷୀୟ ଶମୀ ଗତ ଏକବର୍ଷ ଧରି ଟିମ୍ ଇଣ୍ଡିଆ ବାହାରେ ରହିଛନ୍ତି। ଶମୀ କହିଛନ୍ତି, ଏବେ ସେ ପ୍ରଦର୍ଶନ ଉପରେ ଧ୍ୟାନ ଦେଉଛନ୍ତି। ତାଙ୍କ ଅନୁସାରେ ଜଣେ ଖେଳାଳି ଭାବେ ସେ ନିଜ ଦାୟିତ୍ୱ ସମ୍ପାଦନ କରିବେ, ବାକି ଚୟନ ତାଙ୍କ ନିୟନ୍ତ୍ରଣରେ ନାହିଁ। ଶମୀ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ଜଣେ ଖେଳାଳି ଥକିଯିବା ପରେ ହିଁ ତାଙ୍କ ମନରେ ଅବସର ବିଚାର ଆସିଥାଏ। ସେ କହିଛନ୍ତି, ଏବେ ମୁଁ ନା କ୍ଲାନ୍ତ ନା ବିରକ୍ତ। ସେ ଆହୁରି କହିଛନ୍ତି, ଯେଉଁଦିନ ଅନୁଭବ କରିବେ ଯେ ଆଉ ଖେଳ ଉପଭୋଗ କରୁନାହାନ୍ତି କିମ୍ବା ଆଳସ୍ୟ ଅନୁଭବ ହେଉଛି, ସେହି ଦିନ ସେ କ୍ରିକେଟ୍ ଛାଡ଼ିଦେବେ। ଶମୀ ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପକ୍ଷରୁ ଖେଳୁଛନ୍ତି। ସେ କହିଛନ୍ତି, ଟିମ୍ ତାଙ୍କ ଉପରେ ଭରସା କରିଛି ଏବଂ ସେ ତାହା ପୂରଣ ପାଇଁ ଉଦ୍ୟମ କରିବେ।



# ବିଜେପିରେ ଯୋଗଦେଲେ ଲିଆଣ୍ଡର୍ ପେସ୍

**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ପୂର୍ବତନ ଟେନିସ୍ ଖେଳାଳି ଲିଆଣ୍ଡର୍ ପେସ୍ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇଛନ୍ତି। ମଙ୍ଗଳବାର ପାର୍ଟିର ଦିଲ୍ଲୀ ମୁଖ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ସୁକାନ୍ତ ମଜୁମଦାରଙ୍କ ଉପସ୍ଥିତିରେ ଲିଆଣ୍ଡର୍ ବିଜେପି ହାତ ଧରିଛନ୍ତି। ଲିଆଣ୍ଡର୍‌ଙ୍କୁ କିରେନ୍ ରିଜିଜୁ ଫୁଲ୍‌ତୋଡ଼ା ଏବଂ ବିଜେପି ସଦସ୍ୟତାର ସ୍ଲିପ୍ ଦେଇ ପାର୍ଟିରେ ସ୍ୱାଗତ କରିଥିଲେ। ଏହି ଅବସରରେ ରିଜିଜୁ କହିଥିଲେ, ଲିଆଣ୍ଡର ପେସ୍‌ଙ୍କ ବିଜେପି ପରିବାରରେ ସାମିଲ ହେବା ଐତିହାସିକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୨ ବର୍ଷରେ ଖେଳ ଏବଂ ଖେଳାଳିଙ୍କୁ ଲଗାତାର ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ଏହାର ପ୍ରତିକ୍ରିୟାରେ ଲିଆଣ୍ଡର୍ କହିଥିଲେ ଯେ ଏହା ମୋ ଜୀବନର ସବୁଠୁ ବଡ଼ ଦିନ। ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅମିତ ଶାହ ଏବଂ ନିତିନ୍ ନବୀନଜୀଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ଏହା ଖେଳ ଏବଂ ଯୁବ ସମାଜର ସେବା କରିବା ପାଇଁ ମୋ ପାଇଁ ଏକ ବଡ଼ ଅବସର।'



ପେସ୍ ୨୦୨୧ରୁ ତୃଣମୂଳ କଂଗ୍ରେସ ସହିତ ଜଡ଼ିତ ଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ଲିଆଣ୍ଡର୍‌ଙ୍କୁ ବିଜେପିରେ ସାମିଲ ହେବା ତୃଣମୂଳ କଂଗ୍ରେସ ପାଇଁ ବଡ଼ ଧକ୍କା ବୋଲି କୁହାଯାଉଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ୍ ନବୀନ ପଶ୍ଚିମବଙ୍ଗ ଗସ୍ତ ବେଳେ ଲିଆଣ୍ଡର୍‌ଙ୍କୁ ଭେଟିଥିଲେ ଏବଂ ଏହି ସାକ୍ଷାତକାର ଅବସରରେ ସୌମିକ ଭଟ୍ଟାଚାର୍ଯ୍ୟ ମଧ୍ୟ ସାମିଲ ହୋଇଥିଲେ। ସେବେଠାରୁ ପେସ୍ ଖୁବ୍‌ଶୀଘ୍ର ବିଜେପିରେ ସାମିଲ ହୋଇପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଲିଆଣ୍ଡର ପେସ୍ ଭାରତ ପାଇଁ ଅଲିମ୍ପିକ୍ ପଦକ ଏବଂ ଅନେକ ଗ୍ରାଣ୍ଡସ୍ଲାମ୍ ଜିତିଛନ୍ତି। ଏବେ ରାଜନୀତି ମଇଦାନରେ ନିଜର ନୂଆ ଇନିଂସ୍ ଖେଳିବାକୁ ଯାଉଛନ୍ତି।

## ଦେଶ ବିଦେଶ

## ଯୁଦ୍ଧକୁ ନେଇ ଆଇଏମ୍‌ଏଫ୍‌ର ଚିନ୍ତାଜନକ ପୂର୍ବାନୁମାନ

# ଇନ୍ଧନଠାରୁ ଖାଦ୍ୟ ସବୁକିଛି ହେବ ମହଙ୍ଗା !

**ନୂଆଦିଲ୍ଲୀ, ୩୧।୩/ଏଜେନ୍ସି:** ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ବର୍ତ୍ତମାନ ଚାଲିଥିବା ଭୀଷଣ ଯୁଦ୍ଧ ଏବେ ବିଶ୍ୱ ଅର୍ଥନୀତି ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଏହାରି ମଧ୍ୟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଏକ ଚିନ୍ତାଜନକ ରିପୋର୍ଟ ଜାରି କରିଛି। ଆଇଏମ୍‌ଏଫ୍ ଦର୍ଶାଇଛି ଯେ, ନିକଟ ଭବିଷ୍ୟତରେ ମହାଙ୍ଗାମାଡର ଏକ ଜଟିଳ ପରିସ୍ଥିତି ମାଡ଼ି ଆସୁଛି, ଯାହା ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ମନ୍ଥର କରିଦେବ। ବିଶ୍ୱର ପ୍ରାୟ ୨୫-୩୦% ତୈଳ ଏବଂ ଏହାର ୨୦% ଏଲ୍‌ଏନ୍‌ଜି ଯୋଗାଣ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରେ। ଯଦି ଯୁଦ୍ଧ ଯୋଗୁଁ ଏହି ମାର୍ଗ ବାଧାପ୍ରାପ୍ତ ହୁଏ, ତେବେ ଏସିଆ ଏବଂ ୟୁରୋପର ଶକ୍ତି ଆମଦାନୀକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ପରିସ୍ଥିତି ଭୟଙ୍କର ହୋଇପାରେ। ଇନ୍ଧନ ମୂଲ୍ୟ ବୃଦ୍ଧି ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିବ ଏବଂ ସାଧାରଣ ଜନତାଙ୍କ କ୍ରୟ ଶକ୍ତିକୁ ହ୍ରାସ କରିବ। ଆଇଏମ୍‌ଏଫ୍ ଅନୁଯାୟୀ, ଆଫ୍ରିକା ଏବଂ ଏସିଆର ଗରିବ ଦେଶଗୁଡ଼ିକ ସବୁଠାରୁ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏଠାରେ କେବଳ ତେଲ ମହଙ୍ଗା ହେଉ ନାହିଁ ବରଂ ଖାଦ୍ୟ ସାମଗ୍ରୀ ଏବଂ ସାରର ବୃଦ୍ଧି ପାଉଥିବା ମୂଲ୍ୟ ମଧ୍ୟ ଅନାହାର ଏବଂ ଖାଦ୍ୟ ସଙ୍କଟର ଆଶଙ୍କା ସୃଷ୍ଟି କରିଛି। ଏହି ଦେଶଗୁଡ଼ିକୁ ଏବେ ବାହ୍ୟ ସହାୟତାର ଘୋର ଆବଶ୍ୟକତା ପଡ଼ିପାରେ। ଜାହାଜଗୁଡ଼ିକର ପୁନଃପଥ ପରିବର୍ତ୍ତନ ଯୋଗୁଁ ପରିବହନ ଏବଂ ବୀମା ଖର୍ଚ୍ଚ ବୃଦ୍ଧି ପାଇଛି। ସାମଗ୍ରୀ ଯୋଗାଣରେ ବିଳମ୍ବ ଘଟୁଛି, ଯାହା ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରଠାରୁ ଆରମ୍ଭ କରି ପ୍ରମୁଖ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ବୃଦ୍ଧି ପାଉଛି।




ୟୁରୋପ ପୁଣି ଥରେ ଏକ ଗମ୍ଭୀର ଗ୍ୟାସ ସଙ୍କଟ ଆଡ଼କୁ ମୁହାଁଇଛି। ରିପୋର୍ଟ ଅନୁଯାୟୀ, ଇଟାଲୀ ଏବଂ ୟୁକେ ଏହି ସଙ୍କଟର ପ୍ରଭାବ ବହନ କରିବେ, ଫ୍ରାନ୍ସ ଏବଂ ସ୍ପେନ୍ ସେମାନଙ୍କର ପରମାଣୁ ଶକ୍ତି କ୍ଷମତା ଯୋଗୁଁ ଅନେକ ପରିମାଣରେ ସୁରକ୍ଷିତ ରହିପାରନ୍ତି। ଯୁଦ୍ଧ ଯୋଗୁଁ ବିଶ୍ୱ ଶେୟାର ବଜାର ହ୍ରାସ ପାଇବା ଆରମ୍ଭ କରିସାରିଛି। ଆର୍ଥିକ ପରିସ୍ଥିତି କଠିନ ହେବା ସହିତ ନିବେଶ ହ୍ରାସ ପାଇବାର ଆଶା କରାଯାଉଛି ଏବଂ ବେକାରୀ ବୃଦ୍ଧି ପାଇବାର ଆଶଙ୍କା ରହିଛି।

# ସର୍ଟସର୍କିଟ୍ ଯୋଗୁ ଜଳିଗଲା ଘର: ଶିଶୁ ସମେତ ୫ ମୃତ

**ସୁରତ୍, ୩୧।୩/ଏଜେନ୍ସି:** ଗୁଜରାଟର ସୁରତ୍ ଜିଲ୍ଲାରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଏଠାରେ ଏକ ତିନି ମହଲା ଘରେ ନିଆଁ ଲାଗିଯିବା ଫଳରେ ୪ ମହିଳା ଏବଂ ଏକ ଶିଶୁ ସମେତ ମୋଟ୍ ୫ଜଣଙ୍କର ମୃତ୍ୟୁ ହୋଇଯାଇଛି। ମଙ୍ଗଳବାରସକାଳ ପ୍ରାୟ ୧୦ଟା ସମୟରେ ଲିମ୍ବାୟତ ଥାନା ଅନ୍ତର୍ଗତ ମିଠି ଖାଡି ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ଘରର ସଦସ୍ୟମାନେ ଫୋମ୍ ସିଟ୍ ବ୍ୟବହାର କରି ଶାଢ଼ୀ ପ୍ୟାକିଂ କାମରେ ବ୍ୟସ୍ତ ଥିଲେ। ଛୁଟିଦିନ ଥିବାରୁ ପ୍ୟାକିଂ ପାଇଁ ବିପୁଳ ପରିମାଣର ସାମଗ୍ରୀ ଘରେ ମହଜୁଦ ଥିଲା। ପ୍ରାଥମିକ ତଦନ୍ତରୁ ଏକ ଇଲେକ୍ଟ୍ରିକ୍ ସ୍ୱିଚ୍ ବୋର୍ଡରୁ ସୃଷ୍ଟି ହୋଇଥିବା ସ୍ପାର୍କ ଯୋଗୁଁ ନିକଟରେ ରଖାଯାଇଥିବା ଫୋମ୍ ସିଟ୍‌ରେ ନିଆଁ ଲାଗିଥିବା ଜାଣିବାକୁ ମିଳିଛି। ଫୋମ୍ ସିଟ୍‌ରେ କେମିକାଲ୍ ଥିବାରୁ ଏଥିରୁ ପ୍ରବଳ ମାତ୍ରାରେ ବିଷାକ୍ତ ଏବଂ କଳା ଧୂଆଁ ବାହାରିଥିଲା। ସୁରକ୍ଷା ପାଇଁ ପରିବାର ସଦସ୍ୟମାନେ ଘରର ପଛ ରୁମ୍‌କୁ ଚାଲିଯାଇଥିଲେ ମଧ୍ୟ ସେଠାରେ ଧୂଆଁ ଜମିଯିବାରୁ ସେମାନଙ୍କର ଶ୍ୱାସରୁଦ୍ଧ ହୋଇଯାଇଥିଲା। ମୃତକମାନଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଏହି ୫ଜଣଙ୍କ ଶରୀରର ୯୦%ରୁ ଊର୍ଦ୍ଧ୍ୱ ପୋଡିଯାଇଥିବାରୁ ଏମାନଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରିନଥିଲା। ମୃତକମାନେ ହେଲେ ଶେହନାଜ୍ ବେଗମ୍ ଅନସାରୀ (୬୫) ହୁସା ବେଗମ୍ ଅନସାରୀ (୧୮) ଶବିନା ଅନସାରୀ (୨୮) ପରଭୀନ୍ ଅବଦୁଲ୍ ଅନସାରୀ (୧୯) ସୁଭାନ ଅଲି ଅନସାରୀ (୪)। ଏହି ପରିବାର ଉତ୍ତର ପ୍ରଦେଶରୁ ସୁରତ୍‌କୁ ଆସି ଶାଢ଼ୀ ପ୍ୟାକିଂ କାମ କରୁଥିଲେ।

# ମୃତ୍ୟୁବରଣ କରିଛି ମାସୁଦ୍ ଆଝାରର ଭାଇ ତାହିର ଅନୱର୍

**ଇସଲାମାବାଦ, ୩୧।୩/ଏଜେନ୍ସି:** ପାକିସ୍ତାନରୁ ମଙ୍ଗଳବାର ଏକ ବଡ ଖବର ସାମ୍ନାକୁ ଆସିଛି। ଆତଙ୍କବାଦୀ ସଙ୍ଗଠନ ଜୈଶ-ଏ-ମହମ୍ମଦର ମୁଖ୍ୟ ମାସୁଦ୍ ଆଝାରର ବଡ ଭାଇ ମହମ୍ମଦ ତାହିର ଅନୱରର ମୃତ୍ୟୁ ହୋଇଯାଇଛି। ତେବେ କେଉଁ କାରଣରୁ ତା'ର ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି। କୌଣସି ଅଜ୍ଞାତ ବ୍ୟକ୍ତି ତାକୁ' ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ମହମ୍ମଦ ତାହିର ଅନୱର ଜୈଶ-ଏ-ମହମ୍ମଦର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିବା ବେଳେ ଦୀର୍ଘ ଦିନ ଧରି ସଙ୍ଗଠନର କାର୍ଯ୍ୟକଳାପରେ ମଧ୍ୟ ସକ୍ରିୟ ଥିଲା। ତେବେ ତାହିର୍ ମାସୁଦ୍ ଆଝାରର ୫ ଭାଇଙ୍କ ମଧ୍ୟରୁ ଅନ୍ୟତମ ଥିଲା।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra